R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୨୬
ତିଥି: ଚତୁର୍ଥୀ
୨୯ ଅକ୍ଟୋବର ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ୮.୫.୦୦
29 October 2026, Thursday

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

'ଅର୍ଣ୍ଣବ' ନଯାଉଣୁ ଆସୁଛି ଆଉ ଏକ ବାତ୍ୟା !

୬ ଘଣ୍ଟା ଦେଖାଇଲା କରାଳ ରୂପ

- ନଭେମ୍ବର ୩ ବେଳକୁ ବାତ୍ୟା ରୂପ ନେଇପାରେ
- ଓଡ଼ିଶା ଉପକୂଳ ଆସିବ: ଜିଏଫ୍‌ଏସ୍ ମଡେଲ
- ଆନ୍ଧ୍ରରୁ ତାମିଲନାଡୁ ଯିବ:ୟୁରୋପିଆନ ମଡେଲ
- ଲଘୁଚାପ ସୃଷ୍ଟି ହେବ : ଆଇଏମ୍‌ଡି



- ରାତି ୨ଟାରୁ ସକାଳ ୮.୩୦ ପର୍ଯ୍ୟନ୍ତ ପ୍ରବେଶ ପ୍ରକ୍ରିୟା
- କାକିନାଡ଼ାରୁ ବିଶାଖାପାଟନମ୍ ଦେଖାଇଲା କରାଳ ରୂପ
- ଦୁର୍ବଳ ହୋଇ ଓଡ଼ିଶା ପ୍ରବେଶ ସହ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୮।୧୦,(ସବ୍ୟୁ): ଭୀଷଣ ବାତ୍ୟା ଅର୍ଣ୍ଣବ ଆନ୍ଧ୍ରରେ ତାଣ୍ଡବ ରଚିବା ପରେ ପୁଣି ବାତ୍ୟା ଭୟ ଘାରିଛି । ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ଆଉ ଏକ ବାତ୍ୟା ସୃଷ୍ଟି ହେବ ବୋଲି ଜିଏଫ୍‌ଏସ୍ ମଡେଲ ଆକଳନ କରିଥିବା ବେଳେ ୟୁରୋପିଆନ ମଡେଲ ଏହା ଘନୀଭୂତ ହେବନାହିଁ ବୋଲି ପୂର୍ବାନୁମାନ କରିଛି । ତେବେ ଘୂର୍ଣ୍ଣିବଳୟଟି ସୃଷ୍ଟି ହୋଇ ଲଘୁଚାପର ରୂପ ନେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି । ଏହା ଆଗକୁ କେଉଁ ରୂପ ନେବ, ତାହା ଉପରେ ନଜର ରହିଛି ବୋଲି ଆଇଏମ୍‌ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି ।

ସେପଟେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ବୁଧବାର ସକାଳେ ଥାଇଲାଣ୍ଡ ଉପକୂଳରେ ଏକ ଘୂର୍ଣ୍ଣିବଳୟ ରହିଛି । ଏହା ଦକ୍ଷିଣ ଚାଇନା ସାଗରରୁ ଥାଇଲାଣ୍ଡ ସାଗର ଦେଇ ଆଣ୍ଡାମାନରେ ପହଞ୍ଚିବ । ଏହା କେତେ ଘନୀଭୂତ ହେବ ଏବଂ କେଉଁ ଦିଗକୁ ଯିବ ତାହା ଏବେଠାରୁ କହିହେବ ନାହିଁ । ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାପରେ ଏହାର ସ୍ଥିତି ସ୍ପଷ୍ଟ ହେବ । ତେବେ ବିଭିନ୍ନ ମଡେଲ ମଧ୍ୟରେ ଯଥେଷ୍ଟ ମତପାର୍ଥକ୍ୟ ରହିଛି ।

ୟୁରୋପିଆନ୍ ମଡେଲ କହୁଛି, ଘୂର୍ଣ୍ଣିବଳୟଟି ଅଧିକ ଘନୀଭୂତ ନହୋଇ ଏହା ତାମିଲନାଡୁ କିମ୍ବା ଦକ୍ଷିଣ ଆନ୍ଧ୍ରପ୍ରଦେଶ ଆଡ଼କୁ ଗତି କରିବ । ତେବେ ଜିଏଫ୍‌ଏସ୍ ମଡେଲ୍ ପକ୍ଷରୁ କୁହାଯାଇଛି, ଘୂର୍ଣ୍ଣିବଳୟଟି ଅଧିକ ଘନୀଭୂତ ହୋଇ ଏକ ଛୋଟ ବାତ୍ୟାରେ ପରିଣତ (୯ ପୃଷ୍ଠାରେ)

ଭୁବନେଶ୍ୱର,୨୮।୧୦,(ସବ୍ୟୁ): ଅତି ଭୀଷଣ ବାତ୍ୟା ଅର୍ଣ୍ଣବ ୬ଘଣ୍ଟା ୩୦ ମିନିଟ ସଂଘର୍ଷ ପରେ ସ୍ଥଳଭାଗ ଅତିକ୍ରମ କରିଛି । ଉପକୂଳ ଅତିକ୍ରମ କରିବା ସହ ଭୀଷଣ ବାତ୍ୟାରେ ପରିଣତ ହୋଇଛି । ରାତିରେ ଏହା ବାତ୍ୟା ଏବଂ ଗଭୀର ଅବପାତ ରୂପ ନେଇ ଆହୁରି ଦୁର୍ବଳ ହୋଇଛି । ଆଜି ମଧ୍ୟରାତ୍ରୀରେ ଓଡ଼ିଶାର ମାଲକାନଗିରି ଅଞ୍ଚଳକୁ ପ୍ରବେଶ କରିବା ସହ ଛତିଶଗଡ଼ ଆଡ଼କୁ ଏହା ମୁହାଁଇବ । ଏହାର ପ୍ରଭାବରେ ଗତକାଲି (ମଙ୍ଗଳବାର)ଠାରୁ ରାଜ୍ୟରେ ଡୁହାକୁ ଡୁହା ବର୍ଷା ଲାଗି ରହିଛି । ଆଉ ୨୪ ଘଣ୍ଟା ବର୍ଷାର ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବାତ୍ୟା ଅର୍ଣ୍ଣବ ଆନ୍ଧ୍ରପ୍ରଦେଶ ଉପକୂଳ ଓ ଦକ୍ଷିଣ ପଶ୍ଚିମଯାନମ୍ ନିକଟବର୍ତ୍ତୀ ନର୍ସାପୁରଠାରେ ସ୍ଥଳଭାଗ ଅତିକ୍ରମ କରିଛି । ମଙ୍ଗଳବାର ବିଳମ୍ବିତ ରାତି ୨ଟାରୁ ସ୍ଥଳଭାଗ ଛୁଇଁବା ପ୍ରକ୍ରିୟା ଆରମ୍ଭ ହୋଇ ଏହା ସ୍ଥିର ହୋଇଯାଇଥିଲା । ସାଢ଼େ ୬ଘଣ୍ଟା ଅର୍ଥାତ ୮.୩୦ ପର୍ଯ୍ୟନ୍ତ ସ୍ଥଳଭାଗ ଅତିକ୍ରମ କରିବାକୁ ବହୁସଂଘର୍ଷ କରିଥିଲା ଅର୍ଣ୍ଣବ । କାକିନାଡ଼ାଠାରୁ ବିଶାଖାପଟନମ୍ ପର୍ଯ୍ୟନ୍ତ ଚାରିଆଡ଼େ ଧ୍ୱଂସଲୀଳା ରଚିଥିଲା । ସମୁଦ୍ର ଉପକୂଳ ରାସ୍ତାଗୁଡ଼ିକ ଜୁଆର ମାଡ଼ରେ ସମ୍ପୂର୍ଣ୍ଣ ଧୋଇଯାଇଥିବାବେଳେ ବଡ଼ବଡ଼ ଗଛ ଓ କଚ୍ଚାଘର ଭାଙ୍ଗିଯାଇଥିବା ଜଣାପଡ଼ିଛି । ବାତ୍ୟାର ପ୍ରଭାବ ଓଡ଼ିଶାରେ ସିଧାସଳଖ ପଡ଼ିନଥିବା ବେଳେ ପ୍ରବଳ ବର୍ଷା (୯ ପୃଷ୍ଠାରେ)

ଜିରୋ କାଜୁଆଲଟି ଲକ୍ଷ୍ୟରେ ଆମେ ସଫଳ



ଭୁବନେଶ୍ୱର,୨୮।୧୦,(ସବ୍ୟୁ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ ହାସଲରେ ଆମେ ସଫଳ ହୋଇଛୁ । ବର୍ତ୍ତମାନ ସୁଦ୍ଧା କୌଣସି ଜୀବନ ହାନୀର ସୂଚନା ନାହିଁ । ଆଜି ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କଣ୍ଟ୍ରୋଲ୍ ରୁମ୍‌ରେ ବାତ୍ୟା 'ଅର୍ଣ୍ଣବ ପରିଚାଳନାର ସମୀକ୍ଷା କରିବା ପରେ ଗଣମାଧ୍ୟମ ଆଗରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବାତ୍ୟା ପୂର୍ବରୁ ଓ ବାତ୍ୟା ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ତାଙ୍କ ସହ ଅନେକ ଥର ଫୋନରେ କଥା ହୋଇ ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଶା ସରକାର ମଧ୍ୟ ଆନ୍ଧ୍ର ସରକାରଙ୍କ ସହିତ ଯୋଗାଯୋଗରେ ଥିଲେ । ମୁଖ୍ୟମନ୍ତ୍ରୀ ପ୍ରଥମେ ଏସଆରସିଙ୍କ କଣ୍ଟ୍ରୋଲ୍ ରୁମ୍‌ରେ ବାତ୍ୟା ଅର୍ଣ୍ଣବର ସ୍ଥିତି ଓ ଓଡ଼ିଶା ଉପରେ ଏହାର ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । (୯ ପୃଷ୍ଠାରେ)

ନଭେମ୍ବର ୧୮ରୁ ବିଧାନସଭା

ଭୁବନେଶ୍ୱର,୨୮।୧୦,(ସବ୍ୟୁ): ନଭେମ୍ବର ୧୮ରୁ ବିଧାନସଭାର ଶୀତ ଅଧିବେଶନର ଆରମ୍ଭ ହେବ । ଏହି ଅଧିବେଶନ ଡିସେମ୍ବର ୩୧ ଯାଏଁ ଚାଲିବ । ବିଧାନସଭା ସଚିବାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଚଳିତ ଅଧିବେଶନରେ ୩୩ଟି କାର୍ଯ୍ୟ ଦିବସ ରହିଛି ।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅଧିବେଶନର ପ୍ରଥମ ଦିନରେ ୨୦୨୬-୨୭ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପନ କରାଯିବ । ୧୯ ତାରିଖରେ ସରକାରୀ କାର୍ଯ୍ୟ ଦିବସ ରହିଛି । ୨୭ଟି ସରକାରୀ କାର୍ଯ୍ୟ ଦିବସ ଧାର୍ଯ୍ୟ ହୋଇଥିବା ବେଳେ ୬ଟି ବେସରକାରୀ କାର୍ଯ୍ୟ ଦିବସ ରହିଛି । ନଭେମ୍ବର ୨୫ ତାରିଖ ଠାରୁ ଅତିରିକ୍ତ ଖର୍ଚ୍ଚ ବିବରଣୀର ଅନୁଦାନକୁ ମଞ୍ଜୁରୀ ଦେବା ପାଇଁ ଆଲୋଚନା ଆରମ୍ଭ ହେବ । ନଭେମ୍ବର ୩୦ରେ ବ୍ୟୟମଞ୍ଜୁରୀ ବିଲ ଆଗତ କରାଯିବ । ଏହାଛଡା ସରକାରଙ୍କ ପକ୍ଷରୁ ମଧ୍ୟ କିଛି ବିଲ ଉପସ୍ଥାପନ କରାଯାଇ ପାରେ ବୋଲି ସୂଚନା ମିଳିଛି ।

An Investor Awareness Initiative by
SEBI
ভারতীয় প্রতিভূতি और विनिमय बोर्ड
Securities and Exchange Board of India



CBC 15204/13/0126/2627

ମ୍ୟୁଚୁଆଲ୍ ଫଣ୍ଡସ୍ | ଷ୍ଟକ୍ସ | ରିଟ୍ସ | ଇନ୍ୱିଟ୍ସ | ବଣ୍ଡସ୍ | କମୋଡିଟିଜ୍

ଭିଜିଟ୍ କରନ୍ତୁ : investor.sebi.gov.in/ssis

ସେବି Saaरthi ଆପ୍ ଡାଉନଲୋଡ୍ କରନ୍ତୁ

ପାର୍ଟନର୍ସ : AMFI | NSE IPFT | BSE Investors Protection Fund | MCX METAL & ENERGY Trade with Trust MCX INVESTOR PROTECTION FUND | CDSL INVESTOR PROTECTION FUND TRUST | NSDL INVESTOR PROTECTION FUND TRUST | NISM National Institute of Securities Markets A Capacity Building Initiative of SEBI

ଚଟଶୀ

ରବିବାର

ଗୁରୁବାର, ୨୯ ଅକ୍ଟୋବର ୨୦୨୬

ଜୟୀ ରାଜଗୁରୁ




ଶୁଭ ଜନ୍ମଦିନ

ଜଣେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଭାବେ ପରିଚିତ ଥିଲେ ଜୟୀ ରାଜଗୁରୁ, ଯାହାଙ୍କର ନିଃସ୍ୱାର୍ଥପର ଦେଶସେବାର ଉଦାହରଣ ଆଜିବି ଦିଆଯାଇଥାଏ । ସେ ଖୋର୍ଦ୍ଧାର ରାଜା ଗଜପତି ମୁକୁନ୍ଦ ଦେବ ଦ୍ୱିତୀୟଙ୍କ ରାଜଦରବାରରେ ରାଜକୀୟ ରାଜଗୁରୁ ହେବା ସହ ରାଜାଙ୍କ ସେନାବାହିନୀର ମୁଖ୍ୟ ସେନାପତି ଓ ରାଜାଙ୍କ ପ୍ରଶାସନିକ ପ୍ରତିନିଧି ମଧ୍ୟ ଥିଲେ । ଜୟୀ ରାଜଗୁରୁ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖ (କାର୍ତ୍ତିକ ଶୁକ୍ଳ ଅଁଳା ନବମୀ) ଦିନ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଗ୍ରାମର ଚାନ୍ଦ ରାଜଗୁରୁ ଓ ହୀରାମଣି ଦେବୀଙ୍କଠାରୁ ଜନ୍ମଗ୍ରହଣ କରିଥିଲେ । ଶୈଶବ ପରେ ସେ ପୁରୀର ସଂସ୍କୃତ ପଣ୍ଡିତମାନଙ୍କଠାରୁ ସଂସ୍କୃତ ଶିକ୍ଷା କରିଥିଲେ । ଛାତ୍ରାବସ୍ଥାରେ ଉତ୍କଳର ତତ୍କାଳୀନ ରାଜାମାନେ ତାଙ୍କୁ ନିଜର ମନ୍ତ୍ରୀ ଓ ଉପଦେଷ୍ଟା କରିବାପାଇଁ ଚେଷ୍ଟା କରୁଥିଲେ । ପିତା ଚାନ୍ଦ ରାଜଗୁରୁଙ୍କ ଅନ୍ତେ ୧୭୮୦ ମସିହାରେ ୪୧ ବର୍ଷ ବୟସରେ ଜୟୀ ରାଜଗୁରୁଙ୍କୁ ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବ ନିଜର ଦ୍ୱିତୀୟ ରାଜସଭାରେ ରାଜଗୁରୁ ତଥା ମନ୍ତ୍ରୀ ପଦରେ ନିଯୁକ୍ତ କରିଥିଲେ । ଏହା ପରଠାରୁ ସେ ଜୟୀ ରାଜଗୁରୁ ରୂପେ ପରିଚିତ ହେଲେ । ଦିବ୍ୟସିଂହ ଦେବଙ୍କ ଅନ୍ତେ ତାଙ୍କ ନାବାଳକ ପୁତ୍ର ମୁକୁନ୍ଦଦେବ ଦ୍ୱିତୀୟଙ୍କୁ ସିଂହାସନରେ ବସାଇ ସେ ୧୭ ୯୮ରେ ପ୍ରକୃତ ରାଜକାର୍ଯ୍ୟ ନିଜ ହାତକୁ ନେଇଥିଲେ । ଓଡ଼ିଶାରେ ଉତ୍କଳ ରାଜବଂଶର ପ୍ରତିଷ୍ଠା ବଢାଇବା ପାଇଁ ଜୟୀ ରାଜଗୁରୁ ଉଦ୍ୟମ କରି ବରୁଣାଇଗଡକୁ ସୁଦୃଢ କରିବାକୁ ଲାଗିଲେ । ସେହିଠାରେ ସେ ବାସ କରି ଖୋର୍ଦ୍ଧା ଅଞ୍ଚଳରେ ପାଇକ ଜାଗରଣ ପାଇଁ ପ୍ରବଳ ଉଦ୍ୟମ ଆରମ୍ଭ କରିଥଇଲେ । ୧୮୦୩ରେ ଇଂରେଜମାନେ ଓଡ଼ିଶାକୁ ଅକ୍ତିଆର କରିବା ପରେ ଖୋର୍ଦ୍ଧା ରାଜାଙ୍କଠାରୁ କର ମାଗିଲେ ଓ ସେମାନଙ୍କ ବଶ୍ୟତା ସ୍ୱୀକାର କରିବାକୁ ଆଦେଶପତ୍ର ପଠାଇଲେ । ଏହା ତାଙ୍କର ସ୍ୱାଭିମାନକୁ ପ୍ରଚଣ୍ଡ ଆଘାତ ଦେଇଥିଲା । ଗାଁକୁ ଗାଁ ପାଦରେ ଚାଲି ଚାଲି ସେ ପାଇକମାନଙ୍କୁ ଯୁଦ୍ଧପାଇଁ ପ୍ରସ୍ତୁତ କରାଉଥିଲେ । ସେ ପାଇକ ଆଖଡ଼ାମାନଙ୍କରେ ସମର ଶିକ୍ଷା ଦେଉଥିଲେ । କୁହାଯାଏ ସେ ହିଁ ପ୍ରଥମେ ଇଂରେଜମାନଙ୍କ ବିରୁଦ୍ଧରେ ଗରିଲା ଯୁଦ୍ଧ କୌଶଳ ଆରମ୍ଭ କରିଥିଲେ । ୧୮୦୪ରେ ମହାନଦୀ କୂଳରେ ସେ ପ୍ରଥମଥର ପାଇଁ ଇଂରେଜମାନଙ୍କ ଉପରେ ସେ ଆକ୍ରମଣ କରିଥିଲେ । ତେବେ ଏହି ସମୟରେ ଇଂରେଜମାନେ ଜୟୀ ରାଜଗୁରୁଙ୍କୁ ବନ୍ଦୀ କରିବାରେ ସଫଳ ହୋଇଥିଲେ । ଏହାପରେ ଅତି ଅମାନୁଷିକ ଭାବେ ତାଙ୍କୁ ୧୮୦୬ ମସିହା ଡିସେମ୍ବର ୬ରେ ଫାଶୀ ଦେଇ ହତ୍ୟା କରାଯାଇଥିଲା । ବ୍ରିଟିଶମାନଙ୍କଠାରୁ ସେ ପ୍ରଥମ ଓଡ଼ିଆ ଭାବେ ଫାଶୀ ପାଇଥିଲେ । ତେବେ ଶେଷ ପର୍ଯ୍ୟନ୍ତ ସେ ନିଜର ଅଦମ୍ୟ ସାହସର ପରିଚୟ ଦେଇଥିଲେ, ଯାହା ଆଜି ବି ତାଙ୍କୁ ପ୍ରେରିତ ବ୍ୟକ୍ତିତ୍ୱର ଆଖ୍ୟା ଦେଇଥାଏ । ଆଜି ବି ସେ କୋଟିକୋଟି ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ।

ଇତିହାସ


୧୮୫୧ - ବେଙ୍ଗଲରେ ବ୍ରିଟିଶ ଇଣ୍ଡିଆନ ଆସୋସିଏସନ୍‌ର ପ୍ରତିଷ୍ଠା ।
୧୮୫୯ - ମରକ୍କୋ ବିରୋଧରେ ସ୍ପେନର ଯୁଦ୍ଧ ଘୋଷଣା ।
୧୯୨୦- ପୂର୍ବତନ ରାଷ୍ଟ୍ରପତି ଜାକିର ହୁସେନଙ୍କ ଦ୍ୱାରା ଜାମିଆ ମିଲିୟା ଇସ୍‌ଲାମିୟାର ସ୍ଥାପନା ।
୧୯୬୮- ପ୍ରସିଦ୍ଧ ଭାରତୀୟ ଚିକିତ୍ସାବିଜ୍ଞାନୀ ବି.ଆର୍. ଖାନୋଲକରଙ୍କ ଦେହାନ୍ତ ।
୧୯୪୨- ବେଲାରୁଷର ପିନସ୍କରେ ୧୬ହଜାର ଇହୁଦୀଙ୍କର ହତ୍ୟା ।
୧୯୪୫- ବିଶ୍ୱର ପ୍ରଥମ ବଲ୍‌ପଏଣ୍ଟ ପେନ୍‌ର ବଜାର ପ୍ରବେଶ ।
୧୯୮୫- ଭାରତୀୟ ବକ୍ସର ବିଜେନ୍ଦ୍ର ସିଂଙ୍କ ଜନ୍ମ ।
୧୯୯୪- ନ୍ୟୁୟର୍କରେ ଭାରତୀୟ ରାଷ୍ଟ୍ରୀୟ ସଂଗ୍ରହାଳୟର ଶୁଭାରମ୍ଭ ।
୨୦୦୫- ଦିଲ୍ଲୀର ବ୍ୟାସ ଅଞ୍ଚଳରେ ସିରିଏଲ୍ ବୋମା ବିସ୍ଫୋରଣରେ ୬୨ ମୃତ ।
୨୦୦୮ - ଆସାମ ବୋମା ବିସ୍ଫୋରଣରେ ୬୯ ମୃତ ୩୫୦ ଆହତ ।
୨୦୨୨- ସାଣ୍ଡି ସାମୁଦ୍ରିକ ଝଡ଼ରେ ଆମେରିକାର ୨୮ ଜଣ ଲୋକଙ୍କ ମୃତ୍ୟୁ ।
୨୦୨୦- ଅନ୍ତର୍ଜାତୀୟ ଛଉ ନୃତ୍ୟଶିଳ୍ପୀ ଶ୍ୟାମାଚରଣ ପତିଙ୍କ ନିଧନ ।

ନାସାର ନୂଆ ବିଶ୍ୱ ରେକର୍ଡ



ମହାକାଶ ଗବେଷଣା କ୍ଷେତ୍ରରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା'ର ପ୍ରିଜରଭିରାନ୍ସ ରୋଭର୍ ଏକ ନୂଆ ବିଶ୍ୱରକର୍ଡ ସ୍ଥାପନ କରିଛି । ଅନ୍ୟ ଏକ ଗ୍ରହର ପୃଷ୍ଠରେ ସବୁଠାରୁ ଦୀର୍ଘ ପଥ ଅତିକ୍ରମ କରିଥିବା ଗାଡ଼ି ଭାବେ ସେ ଏହି ରେକର୍ଡରେ ସାମିଲ ହୋଇଛି । ଗତ ଅକ୍ଟୋବର ୧୧ ତାରିଖରେ ଏହି ରୋଭରର ଓଡୋମିଟର ୪୫.୨୨ କିଲୋମିଟର ଛୁଇଁବା ସହ, ପୂର୍ବରୁ 'ଅପରଚ୍ୟୁନିଟି' ରୋଭର୍ ଦ୍ୱାରା ସ୍ଥାପିତ ୪୫.୧୬ କିଲୋମିଟରର ରେକର୍ଡକୁ ଭାଙ୍ଗିଛି । 'ଅପରଚ୍ୟୁନିଟି' ଏହି ଦୂରତା ଅତିକ୍ରମ କରିବାକୁ ପ୍ରାୟ ୧୫ ବର୍ଷ ସମୟ ନେଇଥିବାବେଳେ 'ପରସିଭିଅରାନ୍ସ' ମାତ୍ର ସାଢ଼େ ପାଞ୍ଚ ବର୍ଷ ମଧ୍ୟରେ ଏହି ସଫଳତା ହାସଲ କରିଛି । ଜେଜେରୋ କ୍ରାଟର ନିକଟସ୍ଥ ଅତ୍ୟନ୍ତ ପ୍ରାଚୀନ ଆଞ୍ଚଳିକ ଭୂଭାଗ 'ଲାକ୍ ଡେ ଚାର୍ମସ' ଦେଇ 'ଇଦୁବି' ଅଞ୍ଚଳ ଆଡ଼କୁ ଯାତ୍ରା କରିବା ସମୟରେ ଏହି ମାଇଲଖୁଣ୍ଟ ହାସଲ ହୋଇଥିଲା । ଏହି ସଫଳତା ପଛରେ ରୋଭରର ସ୍ୱୟଂଚାଳିତ ନେଭିଗେସନ୍ ସିଷ୍ଟମ୍ 'ଅଟୋନେଭର ମୁଖ୍ୟ ଭୂମିକା ରହିଛି, ଯାହା ଗାଡ଼ି ଚାଲୁଥିବା ସମୟରେ ହିଁ ବିପଦଗୁଡ଼ିକର ୩ଡି ମାନଚିତ୍ର ପ୍ରସ୍ତୁତ କରି ବୁଦ୍ଧିମତ୍ତାର ସହ ନିଜର ପଥ ନିର୍ଦ୍ଧାରଣ କରିଥାଏ । ରୋଭରର ସମସ୍ତ ଯାନ୍ତ୍ରିକ ପ୍ରଣାଳୀ ସମ୍ପୂର୍ଣ୍ଣ ସକ୍ରିୟ ଥିବାରୁ ଏହା ଆଗାମୀ ଦିନରେ ଅନେକ ବର୍ଷ ପର୍ଯ୍ୟନ୍ତ ଏହି ରେକର୍ଡକୁ ବୃଦ୍ଧି କରିଚାଲିବ ବୋଲି ନାସାର ପକ୍ଷରୁ ପ୍ରକାଶ କରାଯାଇଛି । ଏତଦବ୍ୟତୀତ ନାସା ପକ୍ଷରୁ ଏହି ଅଭିଯାନର ସମୟସୀମାକୁ ୨୦୨୮ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ସୋସିଆଲ କୋଟ୍ସ



କାଶୀ ଏକ ଏପରି ସ୍ଥାନ ଯାହା ସବୁବେଳେ ମନକୁ ଶାନ୍ତ କରିଦିଏ । ଏଠାରେ ଆଧ୍ୟାତ୍ମିକ ଏନର୍ଜି ରହିଛି, ଯାହା ମନକୁ ଖୁବ ଶାନ୍ତ କରିଥାଏ ।

ପୂଜା ଚୋପଡା, ଅଭିନେତ୍ରୀ



ଦେଶର ବିଭିନ୍ନ ଷ୍ଟେସନରେ ବର୍ତ୍ତମାନ ସ୍ୱଚ୍ଛତା ଦେଖିବାକୁ ମିଳୁଛି । ଏଭଳି ସରକାତ୍ମକ ପରିବର୍ତ୍ତନ ଦେଖି ଖୁବ ଗର୍ବ ଅନୁଭବ ହେଉଛି । ମୋର ଅତୀତରେ ଟ୍ରେନରେ ଯାତ୍ରା କରିବାର ଅନୁଭୂତି ଖୁବ ଭଲ ଥିଲା ।

ଅନୁପମ ଖେର, ଅଭିନେତା



ଜୀବନସାରା ମୁଁ ବାପାଙ୍କୁ ହରାଇବା ଦୁଃଖରୁ ବାହାରି ପାରିବି ନାହିଁ । ସେ ସବୁବେଳେ ମନେ ପଡୁଛନ୍ତି । ସେ ସବୁବେଳେ ଆମ ମାନଙ୍କ ହୃଦୟରେ ଜୀବନ୍ତ ରହିବେ ।

ଇଶା ଦେଓଲ, ଅଭିନେତ୍ରୀ


ହସକଥା



ଚିଣ୍ଟୁ- ସାଙ୍ଗ ଗୋଟେ ଗଡବଡ ହୋଇଗଲା,
ଗୋଲୁ- କଣ ହେଲା ଭାଇ ?
ଚିଣ୍ଟୁ- ମୋର ଗୋଟେ ସାଙ୍ଗ ମୋତେ ସବୁବେଳେ କହୁଛି କିଛି ଅଲଗା କର ।
ଗୋଲୁ- ହଁ ତୁ କ'ଣ କରିଦେଲୁ?
ଚିଣ୍ଟୁ- ମୁଁ ତା'ର ଗାର୍ଲଫ୍ରେଣ୍ଡ ଠାରୁ ଅଲଗା କରିଦେଲି, ଏବେ ମୋତେ ବନ୍ଧୁକ ନେଇ ଖୋଜୁଛି ସେ ।

୧୫ ବର୍ଷ ପରେ ଏକାଠି





ଶାହରୁଖ୍ ଖାନ୍‌ଙ୍କ ବହୁପ୍ରତୀକ୍ଷିତ ଆକ୍ସନ୍ ଫିଲ୍ମ 'କିଙ୍ଗ' ମାଧ୍ୟମରେ ଦୀର୍ଘ ୧୫ ବର୍ଷ ପରେ ପୁଣି ଥରେ ପରଦାକୁ ଫେରୁଛି କରୀନା କପୁର ଖାନ୍ ଏବଂ ଶାହରୁଖ୍ ଖାନ୍‌ଙ୍କ ଲୋକପ୍ରିୟ ଯୋଡ଼ି । ସୂଚନା ଅନୁଯାୟୀ, କରୀନା ଏହି ଚଳଚ୍ଚିତ୍ରର 'ଡ୍ୟାଡି କୁଲ୍' ନାମକ ଏକ ସ୍ୱତନ୍ତ୍ର ଗୀତରେ ସ୍ପେଶାଲ ଆପିୟରାନ୍ସରେ ନଜର ଆସିବେ । ତେବେ ଗୀତର ଯାହାର ସୁଟିଂ ଖୁବଶୀଘ୍ର ଦକ୍ଷିଣ ଆଫ୍ରିକାରେ ହେବ ବୋଲି ଜଣାପଡିଛି । ସଚିନ୍-ଜିଗରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ଗୀତରେ ଜଣେ ପ୍ରସିଦ୍ଧ ଭାରତୀୟ ଏବଂ ଆନ୍ତର୍ଜାତୀୟ କଳାକାରଙ୍କ ମିଳିତ ସହଯୋଗ ଦେଖିବାକୁ ମିଳିବ । ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ତଥା ରେଡ୍ ଚିଲିଜ୍ ଏଣ୍ଟରଟେନ୍‌ମେଣ୍ଟ ଓ ମାର୍ଫ୍ଲିକ୍ସ ପିକ୍ଚର୍ସ ଦ୍ୱାରା ନିର୍ମିତ ଏହି ଫିଲ୍ମରେ ଶାହରୁଖ୍, ସୁହାନା ଖାନ୍, ଦୀପିକା ପାଦୁକୋନ, ଅଭିଷେକ ବଚ୍ଚନ ଏବଂ ଅନିଲ କପୁର ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି । ଏହି ଅବସରରେ ଶାହରୁଖ୍ ଖାନ୍‌ଙ୍କ ଜନ୍ମଦିନ ଅବସରରେ ନଭେମ୍ବର ୨ ତାରିଖରେ ଫିଲ୍ମର ଏକ ନୂଆ ଝଲକ ରିଲିଜ କରିବାକୁ ନିର୍ମାତାମାନେ ଯୋଜନା ରଖିଛନ୍ତି ।

ଶିମ୍ବ କୋବି ଚିଲି

ସାମଗ୍ରୀ - ସିମ୍ବ, କୋବି, ପିଆଜ, କ୍ୟାପସିକମ, ଟମାଟୋ, ରସୁଣ, ଧନିଆ ପତ୍ର, ଚିଲି ସସ୍, ଟମାଟୋ ସସ୍, ସୋୟା ସସ୍, ରାଶି, ଧନିଆ ଗୁଣ୍ଡ, ଜୀରା ଗୁଣ୍ଡ, ହଳଦୀ, ଲୁଣ ।

ପ୍ରଣାଳୀ - ପ୍ରଥମେ ସମସ୍ତ ପରିବାକୁ ବଡ ବଡ କରି କାଟି ନିଅନ୍ତୁ । ରସୁଣକୁ କୋଲା ଛଡାଇ ନିଅନ୍ତୁ । ଏହାପରେ ତେଲ ପକାଇ ଅଳ୍ପ ଗୋଟା ଜୀରା ପକାନ୍ତୁ । ଏହା ଫୁଟିବାପରେ ଏଥିରେ କଟା ପିଆଜ ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ଏଥିରେ ରସୁଣ ଓ କ୍ୟାପସିକମ ପକାଇ ଭାଜନ୍ତୁ । ଅଳ୍ପ ସମୟରେ ଏଥିରେ କୋବି, ସିମ୍ବ ପକାଇ ଭାଜନ୍ତୁ । ପରିବା ଅଳ୍ପ ସିଝିବା ପରେ ଏଥିରେ ଟମାଟୋ ପକାନ୍ତୁ । ଟମାଟୋ ପକାଇବା ପରେ ଏଥିରେ ସମସ୍ତ ସସ୍ ଓ ଗୁଣ୍ଡ ମସଲା ପକାଇ ନିଅନ୍ତୁ । ଏହାପରେ ଆହୁରି ଅଳ୍ପ ସମୟ ଭାଜନ୍ତୁ, ଯେପରି ପରିବା ଭଲ କରି ଭାଜି ହୋଇଯିବ । ଶେଷରେ ରାଶି ଓ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ସିମ୍ବ କୋବି ଚିଲି ।





ମେଷ - ଦ୍ରବ୍ୟଲାଭ, ଶୁଭଖବର, ନୂତନ କର୍ମାରମ୍ଭ, ବନ୍ଧୁ ଦର୍ଶନ, ଶତ୍ରୁ ସମସ୍ୟା, ବ୍ୟବସାୟରେ ଉନ୍ନତି, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା- ୧୦, ଆରାଧନା - ମା କନକ ଲକ୍ଷ୍ମୀ ।

ବୃଷ - ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀରସୁସ୍ଥ, ଯାନବାହନରେ ସତର୍କ, ଉଚ୍ଚ ସ୍ଥାନରୁ ପଡିଯାଇ ପାରନ୍ତି, ଗୃହେ ସମସ୍ୟା, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ପିଙ୍କ, ସଂଖ୍ୟା - ୮, ଆରାଧନା - ଶଙ୍କର ଭଗବାନ ।

ମିଥୁନ - କାର୍ଯ୍ୟରେ ଉନ୍ନତି, ଶାରିରୀକ ସୁସ୍ଥତା, ବ୍ୟବସାୟରେ ଉନ୍ନତି, ଆକସ୍ମିକ ଧନଲାଭ, ଗୃହେ ସମସ୍ୟା ବିଦ୍ୟାରେ ସଫଳତା, ଦାମ୍ପତ୍ୟ ସୁଖ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଗୋଲାପି, ସଂଖ୍ୟା - ୧୨, ଆରାଧନା- ମା ଦକ୍ଷୀଣ କାଳୀ ।

କର୍କଟ- କାର୍ଯ୍ୟରେ ସଫଳ, ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀରସୁସ୍ଥ, ବନ୍ଧୁ ସାହାଯ୍ୟ, ଦାମ୍ପତ୍ୟ କଳହ, ଅର୍ଥ ସମସ୍ୟା, ଜମିଜମା ଗଣ୍ଡଗୋଳ, ଉଚ୍ଚଆଶାରେ ବାଧା, ସନ୍ତାନ ସୁଖ, ପୁନର୍ବସୁ ନକ୍ଷତ୍ର ରୁହନ୍ତୁ, ଶୁଭରଙ୍ଗ - ଲାଲ, ସଂଖ୍ୟା - ୪, ଆରାଧନା - ମା ବଗଳାମୁଖୀ ।

ସିଂହ - ଅର୍ଥଲାଭ, ସନ୍ତାନ ଚିନ୍ତା, ଦ୍ରବ୍ୟ ପ୍ରାପ୍ତି, ଶତ୍ରୁ ପରାଜିତ, ବ୍ୟବସାୟରେ ଲଭା, ଶରୀର ସୁସ୍ଥ, ଅତିଥି ସତ୍କାର, ସ୍ନାନ ପ୍ରାପ୍ତି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୧୧, ଆରାଧନା - ମା ମହା ଲକ୍ଷ୍ମୀ ।

କନ୍ୟା - ବନ୍ଧୁ ସାହାଯ୍ୟ, ଭୂସମ୍ପତ୍ତି ଲାଭ, ଗାଡିମୋଟର ଚାଳନାରେ ସତର୍କ, ଦାମ୍ପତ୍ୟ କଳହ, ବିଦ୍ୟାରେ ସଫଳତା, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - କମଳା, ସଂଖ୍ୟା - ୭, ଆରାଧନା - ପ୍ରଭୁ ଜଗନ୍ନାଥ ।

ତୁଳା - ଅର୍ଥଲାଭ, ଦୂରଯାତ୍ରା, ଉଚ୍ଚଆଶାରେ ବାଧା, ଶତ୍ରୁ ସମସ୍ୟା, ବ୍ୟବସାୟରେ ବାଧା, ବାକିଧନ ପ୍ରାପ୍ତି, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୯, ଆରାଧନା - ଶଙ୍କର ଭଗବାନ ।

ବିଛା - କାର୍ଯ୍ୟରେ ସମସ୍ୟା, ଅର୍ଥଚିନ୍ତା, ଯାନବାହନ ସତର୍କ, ଖର୍ଚ୍ଚାନ୍ତ, ଦେବଦର୍ଶନ, ଶତ୍ରୁସମସ୍ୟା, ଶରୀରକଷ୍ଟ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ହଳଦୀ, ସଂଖ୍ୟା - ୮,ଆରାଧନା - ପ୍ରଭୁ ନୃସିଂହ ।

ଧନୁ - ଆପଣମାନେଯୋଗ, କର୍ମ କ୍ଷେତ୍ରେ ସନ୍ତୁଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କର ସହଯୋଗ, ଦୂରଯାତ୍ରା, ଶରୀର ଅସୁସ୍ଥ, ବ୍ୟବସାୟରେ ଶତ୍ରୁତା, ଗୃହେ ସମସ୍ୟା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା - ୫, ଆରାଧନା - ଭଗବାନ ବିଷ୍ଣୁ ।

ମକର - ଶରୀର ଅସୁସ୍ଥ, କର୍ମକ୍ଷେତ୍ରେ ବାଧା, ତିର୍ଥାଟନ, ଦ୍ରବ୍ୟପ୍ରାପ୍ତି,ଗୃହଆରମ୍ଭ, ଶତ୍ରୁସମସ୍ୟା, ଋଣ କରିପାରନ୍ତି, ମକୋଦ୍ଦମାରେ ଅଶାନ୍ତି, ଉତ୍ତରାଷାଢା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - କଳା, ସଂଖ୍ୟା - ୬, ଆରାଧନା - ମା ଭଗବତୀ ।

କୁମ୍ଭ - ଦୂରଯାତ୍ରା, ସନ୍ତାନ ସୁଖ, ଆଶାପୂର୍ତ୍ତି, ବନ୍ଧୁ ଦର୍ଶନ, ବ୍ୟବସାୟକେ ସ୍ୱଳ୍ପ ଲାଭ, ମୋକଦ୍ଦମାରେ ଉନ୍ନତି, ଭୂସମ୍ପତ୍ତି କ୍ରୟ, ଶତ୍ରୁସମସ୍ୟା, ଶରୀର ଅସୁସ୍ଥ, ଅନିଷ୍ଟା ନକ୍ଷତ୍ର, ସତର୍କ ରୁହନ୍ତୁ, ଶୁଭରଙ୍ଗ - ନୀଳ, ସଂଖ୍ୟା - ୫, ଆରାଧନା - ପ୍ରଭୁ ନାରାୟଣ ।

ମୀନ - କ୍ଷତିଗ୍ରସ୍ତ ଯାନବାହନ ସତର୍କ, କାର୍ଯ୍ୟରେ ମନସ୍ତାପ, ନୂତନ କର୍ମାରମ୍ଭ, ବ୍ୟବସାୟରେ ବିରୋଧ, ଅଯଥା ଚିନ୍ତା, ଶରୀର ଅସୁସ୍ଥ, ଦାମ୍ପତ୍ୟ କଳହ, ବିଦ୍ୟାରେ ଅବନତି, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା- ୮, ଆରାଧନା ।

କାର୍ତ୍ତିକ କୃଷ୍ଣ ପକ୍ଷ ଚତୁର୍ଥୀ
୨୯.୧୦.୨୦୨୬, ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୧୭୨୮୪୩୩୮

ରାଜଧାନୀରେ ବାତ୍ୟା ଅର୍ଣ୍ଣବର ପ୍ରଭାବ

ଭାଙ୍ଗିଲା ଲକ୍ଷ୍ମୀପୂଜା ଗେଟ୍, ନନ୍ଦନବିହାର ନିକଟରେ ଉପୁଡ଼ିଲା ଗଛ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀରେ ବାତ୍ୟା ଅର୍ଣ୍ଣବ ପ୍ରଭାବ ଯୋଗୁ ଚନ୍ଦ୍ରଶେଖରପୁର କ୍ଲବ୍ ଟାଉନ୍ ପଡ଼ିଆ ଲକ୍ଷ୍ମୀପୂଜା ଗେଟ୍ ଭାଙ୍ଗିଯିବା ସହ ନନ୍ଦନବିହାର ନିକଟରେ ଗଛ ଉପୁଡି ନନ୍ଦନକାନନ ରାସ୍ତା ଉପରେ ପଡି ରହିବାରୁ ପ୍ରାୟ ୨ଘଣ୍ଟା ଗାଡି ଚଳାଚଳ ବ୍ୟାହତ ହୋଇଥିଲା । କ୍ଲବ୍ ଟାଉନ ପଡ଼ିଆରେ ୮୦ଫୁଟ ଉଚ୍ଚର ମା'ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ପୂଜା ପାଉଥିବା ବେଳେ ସେହି ଅନୁପାତରେ ସାଜସଜା, ଗେଟ୍ ଓ ଲାଇଟ୍ ପ୍ରଭୃତି ବ୍ୟବସ୍ଥା କରାଯାଇଥିଲା । ବାତ୍ୟା ଅର୍ଣ୍ଣବ ଲ୍ୟାଣ୍ଡଫଲ୍ କରିବା ପରେ ରାଜ୍ୟର ୧୪ଟି ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ରାଜଧାନୀରେ ମଧ୍ୟ ପ୍ରଭାବ ପଡ଼ିଛି । ଅର୍ଣ୍ଣବ



ପ୍ରଭାବରେ ଲକ୍ଷ୍ମୀପୂଜା ଲାଇଟ୍ ଗେଟ୍ ଓ ସାଧା ଗେଟ୍ ସମେତ ପୂଜାମଣ୍ଡପ ଅଫିସ୍, ଷ୍ଟେଜ୍ ଓ ପଡିଥିବା ମୀନାବଜାର ଭାଙ୍ଗିରୁଜି ଯାଇଛି । ବୁଧବାର ପୂର୍ବାହ୍ନରେ ଏହି ଘଟଣା ଘଟିବା ପରେ ଅଗ୍ନିଶମ ବାହିନୀ, ସ୍ଥାନୀୟ ସ୍ୱେଚ୍ଛାସେବୀ, ପୋଲିସ, ବିଏମ୍‌ସି କର୍ମଚାରୀମାନେ ପହଞ୍ଚି ଭାଙ୍ଗିଯାଇଥିବା ଗେଟ୍ ପ୍ରଭୃତି ହଟାଇବା ପାଇଁ ବ୍ୟବସ୍ଥା କରିଥିଲେ । ଦୁଇଟି ହାଇଡ୍ରା ସାହାଯ୍ୟରେ ଦ୍ରୁତ ଗତିରେ ଭାଙ୍ଗିଯାଇଥିବା ଗେଟ୍ ଓ ଅନ୍ୟାନ୍ୟ ସାମଗ୍ରୀକୁ ଉଠାଇ ଏକାଠି କରାଯାଇଥିଲା ।

ଜୟଦେବବିହାର-ନନ୍ଦନକାନନ ରାସ୍ତାର ନନ୍ଦନବିହାର ନିକଟରେ ଏକ ବଡଗଛ ଉପୁଡିହ ରାସ୍ତା ଉପରେ ପଡିବାରୁ ଗାଡି ଚଳାଚଳ ବ୍ୟାହତ ହୋଇଥିଲା । ଖବର ପାଇ ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛକୁ କାଟି ରାସ୍ତା ସଫା କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ପ୍ରାୟ ୧ଘଣ୍ଟା ସମୟ ଲାଗିଥିଲା ରାସ୍ତାରେ ପଡ଼ିଥିବା ଗଛକୁ ହଟାଇବା ପାଇଁ । ରାଜଧାନୀର ଅନ୍ୟାନ୍ୟ ଅଞ୍ଚଳରେ ସେଭଳି ଗୁରୁତର ପ୍ରଭାବ ପଡ଼ିଥିବା ନଜରକୁ ଆସିନାହିଁ ।

ଯାଜପୁର ସରକାରୀ ପଲିଟେକ୍‌ନିକ୍‌ରେ ଅଧ୍ୟାପକ, ଅଧ୍ୟାପିକା ମାନଙ୍କର ବିଶୃଙ୍ଖଳିତ ଆଚରଣ

ତିନି ଅଧ୍ୟାପକ, ଅଧ୍ୟାପିକାଙ୍କୁ ନିଲମ୍ବିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ବ୍ୟାସନଗର (ସବ୍ୟୁ): ୨୮ ଅକ୍ଟୋବର ୨୦୨୬ ବିଶୃଙ୍ଖଳିତ ଆଚରଣ ପାଇଁ ଯାଜପୁର ସରକାରୀ ପଲିଟେକ୍‌ନିକ୍‌ରେ କାର୍ଯ୍ୟରତ ତିନି ଜଣ ଅଧ୍ୟାପକ, ଅଧ୍ୟାପିକାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ନିଲମ୍ବିତ କରାଯାଇଛି । ଏମାନେ ହେଲେ ବରିଷ୍ଠ ଅଧ୍ୟାପକ ନୃସିଂହ ଚରଣ ବେହେରା, ଅଧ୍ୟାପକ ସନ୍ଦୀପ ମହାପାତ୍ର ଏବଂ ଅଧ୍ୟାପିକା ପି. ଆରାଧନା । ଅଭିଯୋଗ ଅନୁଯାୟୀ ଅକ୍ଟୋବର ୨୬ ତାରିଖରେ ଏକ ବୈଠକରେ ଏବଂ ପରବର୍ତ୍ତୀ ସମୟରେ ଏହି ଅଧ୍ୟାପକମାନେ ନିଜ ନିଜ ଭିତରେ ଯୁକ୍ତିତର୍କ, ମାରପିଟ ଏବଂ ଅନ୍ୟାନ୍ୟ ମର୍ଯ୍ୟାଦାହୀନ କାର୍ଯ୍ୟରେ ସଂପୃକ୍ତ ହୋଇଥିଲେ । ଅଧ୍ୟାପନା ଭଳି ଏକ ମର୍ଯ୍ୟାଦାଜନକ ବୃତ୍ତିରେ ଥାଇ ମଧ୍ୟ ବୈଠକରେ ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏଭଳି ମର୍ଯ୍ୟାଦାବିହୀନ କାର୍ଯ୍ୟରେ ଜଡ଼ିତ ହେବା ଦ୍ୱାରା ସେମାନେ ଶିକ୍ଷାନୁଷ୍ଠାନର ଭାବମୂର୍ତ୍ତୀ ଉପରେ ଆଞ୍ଚ ଆଣିବା ସହିତ ସମଗ୍ର ଅନୁଷ୍ଠାନର ଶୈକ୍ଷିକ ପରିବେଶ ଉପରେ ଗୁରୁତର ପ୍ରତିକୂଳ ପ୍ରଭାବ ପକାଇଛନ୍ତି । ସେଥିପାଇଁ ମୁଖ୍ୟମନ୍ତ୍ରୀ ଏହି ତିନି ଜଣ ଅଧ୍ୟାପକଙ୍କୁ ନିଲମ୍ବିତ କରିବା ସହିତ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସମସ୍ତ ହବିଷ୍ୟାଳୀ କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

ପୁରୀ, (ସବ୍ୟୁ): ଚଳିତ ବର୍ଷ ର ହବିଷ୍ୟାଳୀ ବ୍ରତ ୨୬ ତାରିଖ ଠାରୁ ଆରମ୍ଭ ହୋଇଛି ।ଏହା ଏକ ମାସ ଧରି ଚାଲି ନଭେମ୍ବର ୨୪ ରେ ଶେଷ ହେବ । ଏହି ବ୍ରତକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ପ୍ରଶାସନ ନିଷ୍ଠାପର ଭାବେ କାର୍ଯ୍ୟ କରୁଛି ।ପୂର୍ବରୁ ଜିଲ୍ଲାପାଳ ଦିବ୍ଯ ଜ୍ୟୋତି ପରିଡା ହବିଷ୍ୟାଳୀ କେନ୍ଦ୍ର ଗୁଡିକ ବୁଲି ସ୍ଥିତି ଅନୁଧ୍ୟାନ ସହ ଦାୟିତ୍ୱ ରେ ଥିବା ବରିଷ୍ଠ ଅଧିକାରୀ ମାନଙ୍କୁ ସମସ୍ତ କାର୍ଯ୍ୟ ର ସୁ ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ପ୍ରଥମ ଦିନ ବୃନ୍ଦାବତୀ ନିବାସ ପରିଦର୍ଶନ କରିଥିବା ବେଳେ ଆଜି ମୋଚି ସାହି କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ହବିଷ୍ୟାଳୀ କେନ୍ଦ୍ର ପରିଦର୍ଶନ ସହ ହବିଷ୍ୟାଳୀ ମାଆ ମାନଙ୍କ ଭଲ ମନ୍ଦ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ମାଆ ମାନଙ୍କ ସଂପୃକ୍ତ କେନ୍ଦ୍ର ମାନଙ୍କ ରେ ରହଣୀ, ରହଣୀରେ ସୁବିଧା ଅସୁବିଧା, ମନ୍ଦିର ଦର୍ଶନ,ମହାପ୍ରସାଦ ସେବନ ସମ୍ପର୍କରେ ପଚାରି ବୁଝିଥିଲେ ।ହବିଷ୍ୟାଳୀ କେନ୍ଦ୍ର ରେ ରହିବା, ବୃନ୍ଦାବତୀ ପୂଜା କରିବା,ମନ୍ଦିର ଦର୍ଶନ କରିବା, ମହାପ୍ରସାଦ ସେବନ କରିବା,ଭଜନ, କୀର୍ତ୍ତନ, ପ୍ରବଚନ ଶୁଣିବା ବ୍ୟବସ୍ଥା ଅତ୍ୟନ୍ତ ସୁନ୍ଦର ହୋଇଛି ବୋଲି ମା ମାନେ ଜିଲ୍ଲାପାଳ ଙ୍କୁ କହିଥିଲେ ।ବର୍ଷା ହେଉଥିବାରୁ ମାଆ ମାନେ ବାହାରକୁ ନ ଯାଇ ହବିଷ୍ୟାଳୀ କେନ୍ଦ୍ର ମାନଙ୍କ ରେ ରହିବା, ସ୍ୱାସ୍ଥ୍ୟ ସମସ୍ୟା ହେଲେ ତୁରନ୍ତ ସେହି ହବିଷ୍ୟାଳୀ କେନ୍ଦ୍ର ରେ ସ୍ୱାସ୍ଥ୍ୟ ଶିବିର ରେ ଦେଖାଇବା ଏବଂ ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ ଦାୟିତ୍ୱ ରେ ଅଧିକାରୀ,ସ୍ୱେଚ୍ଛାସେବୀ ମାନଙ୍କ ପରାମର୍ଶ କୁ ମାନିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଏହାକୁ ଯେପରି ଆହୁରି ଅଧିକ ଶୃଙ୍ଖଳିତ କରାଯାଇ ପାରିବ ସେଥି ପ୍ରତି ଯତ୍ନ ବାନ ହେବାକୁ ସମସ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ପରିଡା ନିର୍ଦ୍ଦେଶ ଦେଇଥିଲେ ।ବିଶେଷ କରି ପାନୀୟ ଜଳ, ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା,ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥା,ମନ୍ଦିର ଦର୍ଶନ ପାଇଁ ଗାଡି ବ୍ୟବସ୍ଥା, ଶୃଙ୍ଖଳିତ ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ ବ୍ୟବସ୍ଥାକୁ ସଠିକ ଭାବେ ପରିଚାଳନା ପାଇଁ ଜିଲ୍ଲାପାଳ ଅଧିକାରୀ ମାନ ଙ୍କୁ ପରାମର୍ଶ ଦେଇଥିଲେ ।ଏହି ପରିଦର୍ଶନ ସମୟରେ ପୁରୀ ମହାନଗର ନିଗମର କମିଶନର ପ୍ରହଲ୍ଲାଦ ନାରାୟଣ ଶର୍ମା,ଅତିରିକ୍ତ ଜିଲ୍ଲାପାଳ ନିଳମାଧବ ଭୋଇ,ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ସଂସ୍କୃତି ଉନ୍ନୟନ ଅଧିକାରୀ ହେମନ୍ତ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ବାଲିଆମାଳରେ ଏନ୍‌ସିବିର ଚଢ଼ାଉ: ୧୫ ବସ୍ତା ଗଞ୍ଜେଇ ଜବତ

ଫୁଲନଖରା,(ସବ୍ୟୁ): କଟକ ଜିଲ୍ଲା ଅରଡ଼ିଆପଦା ବାଲିଆମାଳ ସ୍ଥିତ ପଡ଼ିଆ ନିକଟରେ ଥିବା ଏକ ବିଲ୍ଡିଂରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହେବା ଘଟଣା ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଓ ଆଲୋଚନାର ବିଷୟ ପାଲଟିଛି । ଭୁବନେଶ୍ୱରସ୍ଥିତ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍ସିବି)ର ଅଧିକାରୀମାନେ ଚଢ଼ାଉ କରି ଉକ୍ତ ବିଲ୍ଡିଂରୁ ପ୍ରାୟ ୧୫ ବସ୍ତା ଗଞ୍ଜେଇ ଜବତ କରିଥିବା ସୂଚନା ମିଳିଛି । ଜବତ ଗଞ୍ଜେଇର ପରିମାଣ ପ୍ରାୟ ୩ କୁଇଣ୍ଟାଲରୁ ଉର୍ଦ୍ଧ୍ୱର୍ ହେବ ବୋଲି ଜଣାପଡ଼ିଛି । ଏହା ସହ ଗୋଟିଏ ଗାଡ଼ି ଜବତ କରାଯିବା ସହ ଦୁଇ ଜଣଙ୍କୁ ଏନ୍ସିବି ଅଧିକାରୀମାନେ ହେପାଜତକୁ ନେଇଥିବା ସୂଚନା ମିଳିଛି । ଏକ ଭଡ଼ା ବିଲ୍ଡିଂରୁ ଏତେ ପରିମାଣର ଗଞ୍ଜେଇ ଜବତ ହେବା ଘଟଣା ଅନେକ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ବାଲିଆମାଳ ସ୍ଥିତ ପଡ଼ିଆ ନିକଟରେ ଥିବା ଏହି ବିଲ୍ଡିଂକୁ ବିନୋଦ କୁମାର ନାୟକ ନାମକ ଜଣେ ବ୍ୟକ୍ତି ପ୍ରାୟ ଦେଢ଼ ବର୍ଷ ଧରି ଭଡ଼ା ସୂତ୍ରରେ ନେଇଥିଲେ । ନାୟକ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଜନ୍ମେଜୟପୁର ଅଞ୍ଚଳରେ ପରିବାର ସହ ରହୁଥିବା ସୂଚନା ମିଳିଛି । ଉକ୍ତ ବିଲ୍ଡିଂର ତଳ ମହଲାକୁ "ଶ୍ରୀ ଅରବିନ୍ଦ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ' ନାମକ ଅନୁଷ୍ଠାନ ଭଡ଼ାରେ ନେଇଥିବା ବେଳେ ଉପର ମହଲାକୁ ବିନୋଦ କୁମାର ନାୟକ ଭଡ଼ାରେ ନେଇଥିବା ଜଣାପଡ଼ିଛି । ଏହି ବିଲ୍ଡିଂରୁ ଗଞ୍ଜେଇ ଜବତ ହେବା ପରେ ଏହାର ବ୍ୟବହାର, ଗଞ୍ଜେଇ ଗଚ୍ଛିତ ରଖିବାର ଉଦ୍ଦେଶ୍ୟ ଏବଂ ଏହି ଘଟଣା ସହ ଜଡ଼ିତ ଅନ୍ୟାନ୍ୟ ଦିଗକୁ ନେଇ ତଦନ୍ତର ଆବଶ୍ୟକତା ବଢ଼ିଛି । ଏତେ ପରିମାଣର ଗଞ୍ଜେଇ କେଉଁଠାରୁ ଆସିଲା, କେଉଁ ଉଦ୍ଦେଶ୍ୟରେ ଏଠାରେ ଗଚ୍ଛିତ ରଖାଯାଇଥିଲା ଏବଂ ଏହା ପଛରେ କୌଣସି ବଡ଼ ନିଶାଦ୍ରବ୍ୟ ଚାଲାଣ ନେଟୱର୍କର ସମ୍ପୃକ୍ତି ରହିଛି କି ନାହିଁ, ତାହା ଏବେ ତଦନ୍ତର ପ୍ରମୁଖ ବିଷୟ ପାଲଟିଛି । ଜବତ ହୋଇଥିବା ଗାଡ଼ିଟି ଗଞ୍ଜେଇ ପରିବହନରେ ବ୍ୟବହୃତ ହୋଇଥିଲା କି ନାହିଁ, ହେପାଜତକୁ ନିଆଯାଇଥିବା ଦୁଇ ଜଣଙ୍କଠାରୁ କେଉଁ ତଥ୍ୟ ମିଳିଛି ଏବଂ ଏହି ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହୋଇପାରିବ । ଅନ୍ୟପକ୍ଷରେ, ଏହି ଘଟଣାକୁ ନେଇ ଅରଡ଼ିଆପଦା ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି ।

ଏନ୍‌ଆରଟିଏସ ପରୀକ୍ଷା ଫଳ ପ୍ରକାଶିତ

କଟକ,(ସବ୍ୟୁ):ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମୀଣ ମେଧାବୃତ୍ତି (ଏନଆରଟିଏସ) ପରୀକ୍ଷା ୨୦୨୬ର ଫଳ ଆଜି ପ୍ରକାଶ ପାଇଛି । ଗତ ସେପ୍ଟେମ୍ବର ୨୨ ତାରିଖରେ ଏହି ପରୀକ୍ଷା ସାରା ରାଜ୍ୟରେ ଅନୁଷ୍ଠିତ ହୋଇଥିଲା । ମୋଟ ୫୬,୯୫୭ଜଣ ପରୀକ୍ଷା ଦେବାକୁ ଆବେଦନ କରିଥିବା ବେଳେ ୫୫୨୦୨ ଜଣ ଅଂଶଗ୍ରହଣ କରିଥିଲେ । ୧,୭୫୫ ଜଣ ଅନୁପସ୍ଥିତ ରହିଥିଲେ। ପରୀକ୍ଷାର୍ଥୀ ମାନଙ୍କ ଫଳ ବୋର୍ଡର ୱେବସାଇଟରେ ଉପଲବ୍ଧ କରାଯାଇଛି ।

ଏକକ ଭାଷା ପରୀକ୍ଷା ପାଇଁ ବିଜ୍ଞପ୍ତି

କଟକ,(ସବ୍ୟୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା 'ଦ୍ୱିତୀୟ ଏକକ ବିଷୟ (ଦଶମ ଶ୍ରେଣୀ) ଓଡ଼ିଆ ପରୀକ୍ଷା' ଏବଂ 'ଦ୍ୱିତୀୟ ଅର୍ଦ୍ଧବାର୍ଷିକ ଓଡିଆ ଭାଷା ପରୀକ୍ଷା (ଅଷ୍ଟମ ଶ୍ରେଣୀ) ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ପରୀକ୍ଷାଗୁଡ଼ିକ ପାଇଁ ଯୋଗ୍ୟ ଆବେଦନକାରୀଙ୍କ ଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ଆହ୍ୱାନ କରାଯାଇଛି । ଆବେଦନକାରୀମାନେ କେବଳ ଅନ୍‌ଲାଇନ୍ ମାଧ୍ୟମରେ ବୋର୍ଡର ୱେବସାଇଟକୁ ଯାଇ ଆବେଦନ କରିପାରିବେ । ଆବେଦନ ଓ ଫି' ଦାଖଲ ନଭେମ୍ବର ୭ ଠାରୁ ୨୦ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିବ ।

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଅନାସ୍ଥା ପ୍ରସ୍ତାବ ଖାରଜ, ସରପଞ୍ଚ ପଦରେ ରହିବେ ଚାମେଲି ଓଝା


କଟକ, (ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବହୁଚର୍ଚ୍ଚିତ ତିଖିରୀ ଗ୍ରାମପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ଖାରଜ କରିଛନ୍ତି ହାଇକୋର୍ଟ। ଏଥିସହ ଚାମେଲିଙ୍କ ସରପଞ୍ଚ ପଦ କାଏମ୍ ରହିଛି । ଅନାସ୍ଥା ପ୍ରସ୍ତାବ ଆଣିବା ପ୍ରକ୍ରିୟାରେ ଆଇନଗତ ତ୍ରୁଟିକୁ ଗ୍ରହଣ କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ଚାମେଲିଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି । ଏହି ରାୟ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପାଇଁ ଏକ ଝଟ୍‌କା ଭଳି ହୋଇଛି । ମାମଲାର ଶୁଣାଣି ସମୟରେ ଜନପ୍ରତିନିଧିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାର ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଅନାସ୍ଥା ପ୍ରକ୍ରିୟାରେ ମନମୁଖୀ ଆଚରଣ କରୁଥିବା ଅଭିଯୋଗ ଉପରେ ବିଚାର କରି ଏଭଳି ଘଟଣାର ପୁନରାବୃତ୍ତି ରୋକିବା ଲାଗି ଆଇନଗତ ବ୍ୟବସ୍ଥାର ସମୀକ୍ଷା ଆବଶ୍ୟକ ବୋଲି ମତ ଦେଇଛନ୍ତି । ଏଥିସହ ଅନାସ୍ଥା ପ୍ରସ୍ତାବ ଆଣିବା ସମୟରେ ନିର୍ଦ୍ଦିଷ୍ଟ ଆଇନଗତ ପ୍ରକ୍ରିୟା ଓ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଆବଶ୍ୟକ ହେଲେ ଏ ସଂକ୍ରାନ୍ତରେ ରାଜ୍ୟ ସରକାର ନୂଆ ବିଧେୟକ ଆଣିପାରିବେ ବୋଲି ମଧ୍ୟ ମତ ଦେଇଛନ୍ତି ।

ହାଇକୋର୍ଟଙ୍କ ମତରେ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ, ୧୯୬୪ର ଧାରା ୨୪(ସି) ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ସଂକ୍ରାନ୍ତରେ ସମ୍ପୃକ୍ତ ଜନପ୍ରତିନିଧିଙ୍କୁ ନୋଟିସ୍ ଦେବା ସହ ରିକ୍ୟୁଜିସନ୍ ଓ ରିଜୋଲ୍ୟୁସନ୍‌ର ନକଲ ଯୋଗାଇ ଦେବା ଆବଶ୍ୟକ । ନୋଟିସ୍ ଜାରି ହେବା ଏବଂ ଅନାସ୍ଥା ବୈଠକ ମଧ୍ୟରେ ଅତିକମ୍‌ରେ ୧୫ ଦିନର ବ୍ୟବଧାନ ରହିବା ଜରୁରୀ । ସେହିପରି ଧାରା ୨୪(ଡି) ଅନୁଯାୟୀ ନୋଟିସ୍ ପ୍ରଦାନ କ୍ଷେତ୍ରରେ ନିର୍ଦ୍ଧାରିତ ସାତଦିନର ସମୟସୀମା ପାଳନ କରିବାକୁ ପଡ଼ିବ ।

ନୋଟିସ୍ ପ୍ରଦାନକୁ ନେଇ ବାରମ୍ବାର ବିବାଦ ଉପୁଜୁଥିବାରୁ ଏହାର ସ୍ୱଚ୍ଛତା ଓ ପ୍ରାମାଣିକତା ଉପରେ ହାଇକୋର୍ଟ ଗୁରୁତ୍ୱ ଦେଇଛନ୍ତି । ନୋଟିସ୍ କିଏ ଗ୍ରହଣ କଲେ, କେବେ ଗ୍ରହଣ କଲେ ଏବଂ କାହାକୁ ହସ୍ତାନ୍ତର କରାଗଲା, ସେ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଶାସନ ପାଖରେ ରହିବା ଆବଶ୍ୟକ । କେବଳ ନୋଟିସ୍ ଜାରି କରିଦେଇ ନିଜ ଦାୟିତ୍ୱ ଶେଷ ହୋଇଗଲା ବୋଲି ପ୍ରଶାସନ ଧରିନେଇ ପାରିବ ନାହିଁ। ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେଉଥିବା ଜନପ୍ରତିନିଧିଙ୍କୁ ଯଥେଷ୍ଟ ପୂର୍ବରୁ ସମସ୍ତ ଆବଶ୍ୟକ ତଥ୍ୟ ସହ ଅବଗତ କରାଇବା ବାଧ୍ୟତାମୂଳକ । ଉଲ୍ଲେଖଯୋଗ୍ୟ, ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହେବା ପରେ ସେ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅନାସ୍ଥା ପ୍ରକ୍ରିୟା ପୂର୍ବରୁ ରିକ୍ୟୁଜିସନ୍, ରିଜୋଲ୍ୟୁସନ୍ ଓ ନୋଟିସ୍‌ର ନକଲ ତାଙ୍କୁ ଦିଆଯାଇ ନଥିବା ସେ ଅଭିଯୋଗ କରିଥିଲେ । ଏଥିସହ ଆଇନ ଅନୁଯାୟୀ ତାଙ୍କୁ ୧୫ ଦିନର ନୋଟିସ୍ ମଧ୍ୟ ଦିଆଯାଇ ନଥିବା ଦର୍ଶାଇଥିଲେ । ହାଇକୋର୍ଟ ତାଙ୍କ ଯୁକ୍ତିକୁ ଗ୍ରହଣ କରି ଚାମେଲୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ଖାରଜ କରିଛନ୍ତି ।

କାର-ବାଇକ ଧକ୍କା: ଦମ୍ପତିଙ୍କ ସହ ଶିଶୁକନ୍ୟା ଆହତ

ନିମାପଡା,(ସବ୍ୟୁ): ବୁଧବାର ଅପରାହ୍ନରେ ନିମାପଡା-କାକଟପୁର ମୁଖ୍ୟ ରାସ୍ତାର ଅମରେଶ୍ୱର ଛକ ନିକଟରେ ବୁଧବାର ଅପରାହ୍ନରେ ଏକ କାର ସହ ବାଇକ ଧକ୍କା ହେବା ଫଳରେ ଗୋଟିଏ ପରିବାରର ୩ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। କାକଟପୁର ଥାନା ଅନ୍ତର୍ଗତ ରସୁଲପୁରର ସେକ ମହମ୍ମଦ ସଫିଲ (୪୫), ପନି ଫାତ୍‌ମା ବେଗମ ଓ ୫ ବର୍ଷର ଝିଅ ଏକ ବାଇକରେ କାକଟପୁରରୁ ଚାରିଛକ ଦେଇ ଗୋପ ଯାଉଥିବା ସମୟରେ ଅମରେଶ୍ୱର ଛକ ନିକଟରେ ବିପରୀତ ପଟୁ ଆସୁଥିବା ଏକ କାର ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା। ଦମ୍ପତି ଓ କନ୍ୟା ସନ୍ତାନ ରାସ୍ତାରେ ଛିଟିକି ପଡିଥିଲେ। ସମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।



ଷଷ୍ଠ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା, ବାରଣାସୀ-ଅଯୋଧ୍ୟା ଟ୍ରେନ୍‌ର ଶୁଭାରମ୍ଭ

ସାମିଲ ହେଲେ ୭୭୫ ବରିଷ୍ଠ ନାଗରିକ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଚଳିତ ଆର୍ଥିକ ବର୍ଷର ଷଷ୍ଠ ବାରଣାସୀ-ଅଯୋଧ୍ୟା ଟ୍ରେନର ଶୁଭାରମ୍ଭ ହୋଇଛି । ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି । ପର୍ଯ୍ୟଟନ ବିଭାଗ ଓ ଆଇଆରସିଟିସି ସହଯୋଗରେ ଭୁବନେଶ୍ୱର ନ୍ୟୁ ରେଳ ଷ୍ଟେସନ ଠାରେ ଆଜି ପୂର୍ବାହ୍ନ ସମୟରେ ଶୁଭାରମ୍ଭ ଏହି ଟ୍ରେନରେ ୭୭୫ ଜଣ ତୀର୍ଥଯାତ୍ରୀ ଓ ଭଲମନ୍ଦ ବୁଝିବା ପାଇଁ ୨୫ ଜଣ ଅଧିକାରୀ ଯାତ୍ରା କରିଛନ୍ତି । ସେମାନେ ବାରଣାସୀ ଓ ଅଯୋଧ୍ୟାରେ ତୀର୍ଥାଟନ ଆସନ୍ତା ୨ ତାରିଖରେ ଓଡିଶା ଫେରିବେ । ଚଳିତ ଆର୍ଥିକ ବର୍ଷର ଷଷ୍ଠତମ ବରିଷ୍ଠ ନାଗରିକମାନଙ୍କର ବାରଣାସୀ-ଅଯୋଧ୍ୟା ଟ୍ରେନ୍‌ର ଶୁଭାରମ୍ଭ କରି ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଲିଙ୍ଗରାଜଙ୍କ ପୀଠରୁ କାଶୀ ବିଶ୍ୱନାଥ ଓ ଅଯୋଧ୍ୟା ପୀଠ ରାମଲାଲାଙ୍କ କ୍ଷେତ୍ରକୁ ଏହି ଯାତ୍ରା ସଫଳ ହେଉ । ଏହି ଯାତ୍ରା ଦ୍ୱାରା ବରିଷ୍ଠ ନାଗରିକମାନେ



ଗଙ୍ଗା ଆଳତି, କାଶୀ ବିଶ୍ୱନାଥ ଦର୍ଶନ ଓ ଶ୍ରୀରାମଲାଲାଙ୍କ ସାନିଧ୍ୟ ଲାଭ କରିପାରିବେ ।

ଏହି ଷଷ୍ଠ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଖୋର୍ଦ୍ଧା ଜିଲ୍ଲାର ୧୬୯ ଜଣ, ଜଗତସିଂହପୁର ଜିଲ୍ଲାର ୮୫, କଟକ ଜିଲ୍ଲାର ୧୯୭, ପୁରୀରୁ ୧୨୭, କେନ୍ଦ୍ରାପଡ଼ାରୁ ୧୦୮ ଓ ଢେଙ୍କାନାଳ ଜିଲ୍ଲାର ୮୯ ଜଣଙ୍କୁ ମିଶାଇ ମୋଟ ୭୭୫ ଜଣ ବରିଷ୍ଠ ନାଗରିକ ଓ ସେମାନଙ୍କର ଭଲମନ୍ଦ ବୁଝିବା ପାଇଁ ୨୫ ଜଣ ଅଧିକାରୀ ସାମିଲ ହୋଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ତୀର୍ଥଯାତ୍ରୀମାନଙ୍କୁ ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ । ଏହି ଅବସରରେ ତୀର୍ଥଯାତ୍ରୀ ମାନଙ୍କୁ ପ୍ରତୀକାତ୍ମକ ଭାବେ ରେଲୱେ ଟିକେଟ୍ ଓ କିଟ୍ ବ୍ୟାଗ୍ ପ୍ରଦାନ କରାଯାଇଥିଲା । ପର୍ଯ୍ୟଟନ ବିଭାଗର ଭାରପ୍ରାପ୍ତ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଖୋରଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ର ବରିଷ୍ଠ ଡିସିଏମ ଆର. ମନୋଜ ବାବୁ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ୨୦୨୬-୨୭ ବର୍ଷରେ ମୋଟ ୧୦ ଟି ପର୍ଯ୍ୟାୟରେ ୮,୦୦୦ ବରିଷ୍ଠ ନାଗରିକ ଅଯୋଧ୍ୟା, ବାରାଣାସୀ, ହରିଦ୍ୱାର, ଋଷିକେଶ, ରାମେଶ୍ୱରମ ଓ ମଦୁରାଇ ଭ୍ରମଣ କରିବାକୁ ଥିବା ବେଳେ ଏହି ଯୋଜନାରେ ଚଳିତବର୍ଷ ଏପର୍ଯ୍ୟନ୍ତ ପ୍ରାୟ ୪ ହଜାର ବରିଷ୍ଠ ନାଗରିକ ବିଭିନ୍ନ ସ୍ଥାନକୁ ଯାଇ ତୀର୍ଥ କରିସାରିଛନ୍ତି ।

ବାତ୍ୟା 'ଅର୍ଣ୍ଣବ' ମୁକାବିଲା କ୍ଷେତ୍ରରେ ଶୂନ୍ୟ ଜୀବନହାନି

ଫସଲ କ୍ଷୟକ୍ଷତି ରୋକିବା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର, (ସବ୍ୟୁ): ବାତ୍ୟା 'ଅର୍ଣ୍ଣବ'ର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଶୂନ୍ୟ ଜୀବନହାନି ସୁନିଶ୍ଚିତ କରିବା ସହ ଫସଲ କ୍ଷୟକ୍ଷତିକୁ ସର୍ବନିମ୍ନ ସ୍ତରରେ ରଖିବା ଉପରେ ରାଜ୍ୟପାଳ ବ୍ରଜ ମୋହନ ରାମ ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ଦିନ ଲୋକଭବନଠାରେ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସହ ଆଲୋଚନା କରି ରାଜ୍ୟପାଳ ବାତ୍ୟାର ସ୍ଥିତି ଓ ମୁକାବିଲା ପାଇଁ ନିଆଯାଇଥିବା ପ୍ରସ୍ତୁତିମୂଳକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଶ୍ରୀ ପାଟିଲ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଗଜପତି, ମାଲକାନଗିରି ଓ ରାୟଗଡ଼ା ସମେତ ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ବିଷୟରେ ଶ୍ରୀ ପାଟିଲ



ସୂଚନା ଦେଇଥିଲେ। ଯଦିଓ ବାତ୍ୟା ସିଧାସଳଖ ଓଡ଼ିଶା ଉପକୂଳରେ ସ୍ଥଳଭାଗ ଛୁଇଁନାହିଁ, ତଥାପି ପ୍ରବଳ ବର୍ଷା ଓ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ରାଜ୍ୟରେ ସତର୍କତା ଅବଲମ୍ବନ କରାଯାଇଛି। ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଉଦ୍ଧାର ଓ ରିଲିଫ୍ ଟିମ୍‌ଗୁଡ଼ିକୁ ମୁତୟନ କରାଯାଇଥିବା ସହ ସେମାନଙ୍କୁ ସଜାଗ ରଖାଯାଇଛି। ଏଥିସହ ବିପଦସଙ୍କୁଳ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ସ୍ଥଳେ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଥିବା ସମ୍ପର୍କରେ ଶ୍ରୀ ପାଟିଲ ରାଜ୍ୟପାଳଙ୍କୁ ଜଣାଇଥିଲେ।

ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତା ଏବଂ ମିଳିତ ଜାତିସଂଘ ଓ ବିଶ୍ୱବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଦ୍ୱାରା ଏକ ଆଦର୍ଶ ରାଜ୍ୟ ଭାବେ ଏହାର ସ୍ୱୀକୃତି ସମ୍ପର୍କରେ ମଧ୍ୟ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପରେ ସନ୍ତୋଷ ପ୍ରକାଶ କରି ରାଜ୍ୟପାଳ ସମସ୍ତ ସମ୍ପୃକ୍ତ ବିଭାଗ ଓ ସଂସ୍ଥା ମଧ୍ୟରେ ନିରନ୍ତର ସମନ୍ୱୟ ଓ ସତର୍କତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ବାତ୍ୟା ମୁକାବିଲା ସମୟରେ ଲୋକଙ୍କ ଜୀବନ ସୁରକ୍ଷା, ଫସଲର ସୁରକ୍ଷା ଏବଂ ଧନସମ୍ପତ୍ତିର କ୍ଷୟକ୍ଷତିକୁ ହ୍ରାସ କରିବାକୁ ସର୍ବାଧିକ ପ୍ରାଥମିକତା ଦେବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ।



ଜୟଦେବଭବନ ଠାରେ ଫଟୋ ସାମ୍ବାଦିକ ଅତୁଲ୍ୟ ମହାନ୍ତିଙ୍କ କ୍ୟାମେରା ଲେନ୍ସରେ ପ୍ରାକୃତିକ ବିପର୍ଯ୍ୟୟର ଦୃଶ୍ୟ

ଛତିଆ ଭାରିଯାନ ଚାଳକ ପ୍ରଶିକ୍ଷଣ ଓ ଗବେଷଣା ସଂସ୍ଥାନରେ ନିଯୁକ୍ତି ମେଳା

ମୋଟା ଅଙ୍କ ବେତନରେ ନିଯୁକ୍ତି ପାଇ ଜାପାନ ଯିବେ ୮୦ରୁ ଊର୍ଦ୍ଧ୍ୱ ଓଡିଶା ଡ୍ରାଇଭର

ଛତିଆ/ଚଣ୍ଡିଖୋଲ,(ସବ୍ୟୁ) ଅଧ୍ୟବସାୟ ବଳରେ ସବୁକିଛି ସମ୍ଭବ ଏହା ପ୍ରମାଣିତ କରିଛନ୍ତି ଯାଜପୁର ଜିଲ୍ଲାର ଛତିଆ ସ୍ଥିତ ରାଜ୍ୟ ଭାରିଯାନ ଚାଳକ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନରେ ପ୍ରଶିକ୍ଷଣ ନେଉଥିବା ଓଡ଼ିଶାର ଗାଡି ଚାଳକ । ଜାପାନର ବିଭିନ୍ନ ସଂସ୍ଥାରେ ଡ୍ରାଇଭର ଭାବେ ନିଯୁକ୍ତି ପାଇବା ପରେ ସେମାନେ ମୋଟା ଅଙ୍କର ବେତନ ସହିତ ବହୁ ପ୍ରକାର ସୁବିଧା ସୁଯୋଗ ପାଇବେ ବୋଲି ଜଣାପଡିଛି। ଏକ ନିଯୁକ୍ତି ମେଳା ମାଧ୍ୟମରେ ଜାପାନର ବଡବଡ ୫ଟି କମ୍ପାନୀ ଏହି ଡ୍ରାଇଭର ମାନଙ୍କୁ ନିଜ କମ୍ପାନୀରେ ନିଯୁକ୍ତି ଦେବାକୁ ଚୟନ କରିଛି । ବୁଧବାର ଦିନ ଛତିଆ ଭାରିଯାନ ଚାଳକ ପ୍ରଶିକ୍ଷଣ ଓ ଗବେଷଣା ସଂସ୍ଥାନ(ଆଇଡିଟିଆର) ରେ ଏହି ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା।ବାଙ୍ଗାଲୁରର ନାଭିସ ଏଚଆର ସଂସ୍ଥା ପକ୍ଷରୁ ଆୟୋଜିତ ଏହି ନିଯୁକ୍ତି ମେଳାରେ ଜାପାନର ପରିବହନ ଶିଳ୍ପର ପ୍ରତିନିଧିମାନଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ ସହିତ ଭାରତସ୍ଥିତ ଜାପାନ ଦୂତାବାସର ପ୍ରଥମ ସଚିବ ହିତୋଶି ଓଗିନୋ, ବରିଷ୍ଠ ସରକାରୀ ଅଧିକାରୀ ଏବଂ ଜାପାନରେ କ୍ୟାରିୟର ଗଢ଼ିବାକୁ ଆଗ୍ରହୀ ଥିବା ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଚାଳକ ଯୋଗଦେଇଥିଲେ। ରାଜ୍ୟ ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଅତିରିକ୍ତ ପରିବହନ ଆୟୁକ୍ତ,(ବୈଷୟିକ) ସମରେନ୍ଦ୍ର ପଟ୍ଟନାୟକ,ଯୁଗ୍ମ ଆୟୁକ୍ତ ତଥା ଭୁବନେଶ୍ୱର ସରକାରୀ ଡିଟିଆଇର ପ୍ରିନସିପାଲ ଗୋପାଳକୃଷ୍ଣ ଦାସ,ଛତିଆ



ଡିଟିଆଇର ପ୍ରିନସିପାଲ ସିଦୀକ ସୟେଦ,ଭାଇସ ପ୍ରିନସିପାଲ ହରିକୁମାର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

ଜାପାନ ପରିବହନ ଶିଳ୍ପ ଗୁଡିକରେ ଭାରତୀୟ ବିଶେଷକରି ଓଡିଶାର ଗାଡି ଚାଳକ ମାନଙ୍କ ଖୁବ ଚାହିଦା ରହିଥିବା ଉପସ୍ଥିତ ଜାପାନୀ ପରିବହନ କମ୍ପାନୀ ଗୁଡ଼ିକର ପ୍ରତିନିଧିମାନେ କହିବା ସହ ଡ୍ରାଇଭର ମାନଙ୍କୁ ଜାପାନରେ ପେଷାଦାର ଚାଳକ ଭାବରେ କାର୍ଯ୍ୟ କରିବାର ସୁଯୋଗ, କମ୍ପାନୀଗୁଡ଼ିକର ବିବରଣୀ,ବେତନ ଏବଂ ଅନ୍ୟାନ୍ୟ ବିଷୟ ସମ୍ପର୍କରେ ଅବଗତ କରାଇ ଥିଲେ। ଏହି ପରିପ୍ରେକ୍ଷୀରେ ଛତିଆ ପ୍ରଶିକ୍ଷଣ ସଂସ୍ଥାନରେ ପ୍ରଶିକ୍ଷିତ ହୋଇଥିବା ୮୦ ଜଣ ଓଡ଼ିଶା ଭାରିଯାନ ଚାଳକଙ୍କୁ ନିଯୁକ୍ତି ଦେବାକୁ ଜାପାନୀ କମ୍ପାନୀ ଗୁଡିକର ପ୍ରତିନିଧି ମାନେ ଘୋଷଣା କରିଥିଲେ। ନୂତନ ନିଯୁକ୍ତି ପାଇବାକୁ ମନୋନୀତ ଚାଳକ ମାନଙ୍କୁ ନାଭିସ ପକ୍ଷରୁ ପ୍ରଥମେ ବାଙ୍ଗାଲୁର ଠାରେ ଜାପାନୀ ଭାଷା ଶିକ୍ଷା ସହିତ ବୃତ୍ତିଗତ ଏବଂ ଓରିଏଣ୍ଟେସନ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସେମାନେ ଏହି ପ୍ରଶିକ୍ଷଣ ଶେଷ କରିବା ପରେ ନିଯୁକ୍ତି ପାଇଁ ଜାପାନ ଯାତ୍ରା କରିବେ ବୋଲି ଜଣାପଡିଛି।

ଜିଲ୍ଲା ବିଜେପିର ଗଣତନ୍ତ୍ର ବଞ୍ଚାଅ ଆନ୍ଦୋଳନ ୧ ରେ

କଟକ, (ସବ୍ୟୁ) ଭାରତୀୟ ଜନତା ପାର୍ଟି କଟକ ଜିଲ୍ଲା ତରଫରୁ ଗଣତନ୍ତ୍ର ବଞ୍ଚାଅ ଅରାଜକତା ହଟାଅ କର୍ମଶାଳା ଜିଲ୍ଲା ସଭାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ବିରୋଧୀ ଦଳ ଯେଉଁ ଅପପ୍ରଚାର, ଦେଶ ବିରୋଧୀ, ଦେଶ ବିଭାଜନ, ଅରାଜକତା ପାଇଁ ଯେଉଁ ପ୍ରୟାସ କରୁଛନ୍ତି ତାକୁ ସଫଳ ନ କରି ଦେବା ପାଇଁ ଜନସାଧାରଣ ପାଖକୁ ଯିବାକୁ ଏବଂ ୧୦,୦୦୦ ଉର୍ଦ୍ଧ ଏକ ସାଧାରଣ ଜନସାଧାରଣଙ୍କୁ ନେଇ ଏକ ବିରାଟ ଶୋଭା ଯାତ୍ରା ଆସନ୍ତା ୧ ତାରିଖରେ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ଏହି କର୍ମଶାଳାରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲ୍ଲା ପ୍ରଭାରୀ ଜ୍ଞାନ ଦେବ ବେଉରା, ରାଜ୍ୟ ବିଜେପି ସମ୍ପାଦିକା ସ୍ମୃତି ପଟ୍ଟନାୟକ, ନୟନ କିଶୋର ମହାନ୍ତି, ତୁଷାର କାନ୍ତ ଚକ୍ରବର୍ତ୍ତୀ , ହୃଷି କେଶ ଜେନା, ରଘୁନାଥ ବେହେରା,ନମିତା ମିଶ୍ର,ଯୋଗେନ୍ଦ୍ର ନାଥ ଭୋଇ, ପୂର୍ଣ୍ଣବାସି ମହାପାତ୍ର, ଆଶୁତୋଷ ଦାସ, ସୁରେଶ ଜେନା, ଜଗନ୍ନାଥ ପରିଡ଼ା, ଲକ୍ଷ୍ମୀ ଧର ପ୍ରଧାନ, ଅଶୋକ ସାହୁ, ଇନ୍ଦ୍ରମଣି ମଲ୍ଲିକ, ଅସୀମ ଅମିତାଭ ମହାନ୍ତି, ଭାଗିରଥି ଦଳେଇ, ଦେବାଶିଷ ଘୋଷ, ସୁନୀଲ ଦ୍ୱିବେଦୀ, ସଂଗ୍ରାମ କେଶରୀ ସ୍ୱାଇଁ, ତ୍ରିଲୋଚନ ବେହେରା, ପ୍ରଶାନ୍ତ ଦାସ, ଶୁଭମ ସ୍ୱାଇଁ, ବୈରାଗୀ ଚରଣ ପ୍ରଧାନ, ଅଭିରାମ ଲେଙ୍କା, ଜଗଦାନନ୍ଦ ତ୍ରିପାଠୀ, ସୁନୀଲ କୁମାର ସ୍ୱାଇଁ,ସମରେଶ ଭୂୟାଁ, ହରେକୃଷ୍ଣ ସ୍ୱାଇଁ,ରାଜେଶ ମହାରଣା, ବୃଷ କେତୁ ସାମଲ,ଅଶ୍ୱିନୀ କାନ୍ତି, ଗୋପାଳ ବେହେରା, ଦୀପକ ଦାସ ଉପସ୍ଥିତ ଥିଲେ ।

ସମାପିତ ହେଲା "ସଂକଳ୍ପ ଭାରତ ୨୦୨୬'

ଦେଶପ୍ରେମ, ରାଷ୍ଟ୍ର ନିର୍ମାଣ, ଯୁବଶକ୍ତି, ମହିଳା ସଶକ୍ତିକରଣ ଓ ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): ଭେଟେରାନ୍ସ କ୍ଲବ୍ ଓଡ଼ିଶା ଓ ଷ୍ଟେଟ୍ ବୁକ୍ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ "ସଂକଳ୍ପ ଭାରତ ୨୦୨୬ ଏକ ମହତ୍ ଉଦ୍ଦେଶ୍ୟ ପାଇଁ ଏକତ୍ର' କାର୍ଯ୍ୟକ୍ରମ ସମାପିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଏନସିସି କ୍ୟାଡେଟ୍, ସୈନିକ ସ୍କୁଲର ଛାତ୍ରଛାତ୍ରୀ, ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଯୁବପିଢ଼ି, ପୂର୍ବତନ ସୈନିକ ଓ ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ। ପ୍ରଥମଦିନ ୨୬ରେ ରାମ ମନ୍ଦିର ଛକରୁ ରାଜମହଲ ଛକ ପର୍ଯ୍ୟନ୍ତ ଏକ ଦେଶପ୍ରେମମୂଳକ ପଦଯାତ୍ରା ଆୟୋଜନ କରାଯାଇଥିଲା । କାରଗିଲ ଯୁଦ୍ଧର ବୀର ଯୋଦ୍ଧା ନାୟକ ଦୀପ ଚାନ୍ଦଙ୍କୁ ଏକ ସୁସଜ୍ଜିତ ଯାନରେ ନିଆଯାଇ ଏହି ପଦଯାତ୍ରାରେ ସାମିଲ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ଭେଟେରାନ୍ସ କ୍ଲବ୍ ଓଡ଼ିଶାର ସଦସ୍ୟ ଏବଂ ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ୨୭ ତାରିଖରେ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟରେ ଦୁଇଟି ପର୍ଯ୍ୟାୟରେ ଆଲୋଚନାଚକ୍ର, ପ୍ରେରଣାଦାୟୀ ବକ୍ତବ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଧାୟକ ଶ୍ରୀ ମହାପାତ୍ର ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ରାଜ୍ୟ ସୈନିକ ବୋର୍ଡର ସଚିବ ବ୍ରିଗେଡିୟର ଧଳ ସିଦ୍ଦେଶ୍ୱର କାଶ୍ୟପ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭେଟେରାନ୍ସ କ୍ଲବ୍ ଓଡ଼ିଶାର ଅଧ୍ୟକ୍ଷ ତଥା ଭାରତୀୟ ନୌସେନାର ପୂର୍ବତନ ସୈନିକ ଭେଟେରାନ୍ ବିଦ୍ୟାଧରନାୟକ ନିଜର ସେବା ଅନୁଭୂତି ବାଣ୍ଟିଥିଲେ ।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ମହିଳା ସଶକ୍ତିକରଣ, ନିରାପତ୍ତା ଓ ସାମାଜିକ ପରିବର୍ତ୍ତନରେ ମହିଳାଙ୍କ ଭାଗୀଦାରି ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ବାଚସ୍ପତି ସୁରମା ପାଢ଼ୀ, କଟକ-ବାରବାଟୀର ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ଡଃ କମଳିନୀ ପାଣିଗ୍ରାହୀ ଓ କେତକୀ ଜାନୀ ଅଂଶଗ୍ରହଣ କରିଥିଲେ । ବିରୋଧୀ ଦଳ ଉପନେତା ଡଃ ପ୍ରସନ୍ନ ଆଚାର୍ଯ୍ୟ ଜେନ୍ ଜେଡ୍ ଓ ଜେନ୍ ଆଲଫା ପିଢ଼ିର ସାମର୍ଥ୍ୟ ଓ ଦାୟିତ୍ୱ ଉପରେ ନିଜର ମତ ରଖିଥିଲେ । ଷ୍ଟେଟ୍ ବୁକ୍ ଟ୍ରଷ୍ଟ ପକ୍ଷରୁ ଡଃ ରବି ଶର୍ମା ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଅବସରରେ "ନାୟକ ଦୀପଚାନ୍ଦ', "ମୈଁ କର୍ଣ୍ଣ ହୁଁ', "ସାରଥୀ' ଓ "ମେରେ ହିସ୍ସେ କି ଜିନ୍ଦେଗୀ' ସମେତ ଉଲ୍ଲେଖିତ ପୁସ୍ତକଗୁଡ଼ିକର ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୋଟ ୨୫ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମେମେଣ୍ଟୋ, ଉତ୍ତରୀୟ ଓ ତାରା ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।

ମଧୁପାଟଣା ଛକରେ ଟ୍ରେଲର ଓଲଟି ପଡିଲା

କଟକ,(ସବ୍ୟୁ): ମଧୁପାଟଣା ଓଭରବ୍ରିଜ ନିକଟରେ ବଡ ଧରଣର ଦୁର୍ଘଟଣା ଘଟିଛି । ଏକ ଟ୍ରେଲର ପଛକୁ ଅନ୍ୟ ଏକ ଟ୍ରେଲର ଜୋରରେ ଧକ୍କା ଦେଇଛି । ଏଥିଯୋଗୁଁ ଗୋଟିଏ ଟ୍ରେଲର ରାସ୍ତା ଉପରେ ଓଲଟି ପଡିଥିଲା । ଏଭଳି ଦୁର୍ଘଟଣା ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଛି । ସୂଚନା ଅନୁସାରେ, ଭୁବନେଶ୍ୱରରୁ ଗୋଟିଏ ଟ୍ରେଲର ଟ୍ରକ ମଙ୍ଗଳବାର ବିଳମ୍ବିତ ରାତିରେ କଟକ ଆଡକୁ ଆସୁଥିଲା । ତେବେ ସମ୍ରାଟ ସିନେମା ହଲ ନିକଟ ମଧୁପାଟଣା ଓଭରବ୍ରିଜ ଉପରେ ହଠାତ ଗାଡିର ବ୍ରେକ ଫେଲ ହୋଇଗଲା । ଫଳରେ ଚାଳକ ଭାରସାମ୍ୟ ହରାଇ ବସିବାରୁ ସାମ୍ନାରେ ଥିବା ଆଉ ଏକ ଟ୍ରେଲରକୁ ଗାଡିଟି ଜୋରରେ ଧକ୍କା ଦେଇଥିଲା । ଧକ୍କାର ଶିକାର ହୋଇଥିବା ଟ୍ରେଲର ସେଠାରୁ ଚାଲିଯାଇଥିଲା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରେଲର ରାସ୍ତା ପାର୍ଶ୍ୱରେ ଓଲଟି ପଡିଥିଲା । ଏଥିଯୋଗୁଁ ରାଜପଥରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ପ୍ରେସଛକରୁ ବାଲିକୁଦା ଛକ ଯାଏ ଶତାଧିକ ଗାଡି ଅଟକି ରହିଥିଲା । ଏହି ସୂଚନା ପାଇ ମଧୁପାଟଣା ଥାନା ଓ ଟ୍ରାଫିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ । ପରେ ରାସ୍ତା ଉପରେ ଓଲଟି ପଡିଥିବା ଟ୍ରେଲରକୁ ହଟାଯାଇଥିଲା । ଏହାପରେ ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

ସାଧୁତା ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ପାଇଁ

ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା କର୍ମଶାଳା ଓ ସେମିନାର

ଭୁବନେଶ୍ୱର, (ସବ୍ୟୁ): ସତର୍କତା ସଚେତନତା ସପ୍ତାହ–୨୦୨୬ ପାଳନ ଅବସରରେ ପୂର୍ବ ତଟ ରେଳପଥର ସତର୍କତା ଶାଖା ପକ୍ଷରୁ ଭୁବନେଶ୍ୱରସ୍ଥିତ ରେଳ ସଦନଠାରେ ଥିବା ପୂର୍ବ ତଟ ରେଳପଥ ମୁଖ୍ୟାଳୟରେ କର୍ମଶାଳା ଓ ସେମିନାର ଆୟୋଜନ କରାଯାଇଥିଲା। ସରକାରୀ ସେବାରେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କର୍ମଶାଳାରେ ପୂର୍ବ ତଟ ରେଳପଥର ପ୍ରମୁଖ ମୁଖ୍ୟ ଯନ୍ତ୍ରୀ ରାଜେଶ କୁମାର ଶେଖାୱତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବୋଧିତ କରିଥିଲେ। ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ ସାଧୁତା, ସଚ୍ଚୋଟତା ଓ ଉତ୍ତରଦାୟିତ୍ୱର ଉଚ୍ଚ ମାନଦଣ୍ଡ



ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହାର ପୂର୍ବଦିନ, ଅର୍ଥାତ୍ ୨୭ ଅକ୍ଟୋବର ୨୦୨୬ରେ, ଏକ ସେମିନାର ଆୟୋଜନ କରାଯାଇଥିଲା। ଏଥିରେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ପ୍ରାଣବିନ୍ଦୁ ଆଚାର୍ଯ୍ୟ ଉଦ୍‌ବୋଧନ ଦେଇଥିଲେ। ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ଆଚାର୍ଯ୍ୟ ସରକାରୀ ସେବାରେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କାର୍ଯ୍ୟସଂସ୍କୃତି ଗଠନ ଦିଗରେ ଯୋଗଦାନ ଦେବା ସହ ସାଧୁତାର ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ସେ ରେଳ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ।

୨୦୨୬ ଅକ୍ଟୋବର ୨୬ରୁ ନଭେମ୍ବର ୧ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଚଳିତ ବର୍ଷର ବିଷୟବସ୍ତୁ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ରହିଛି। ଏହି ବିଷୟବସ୍ତୁ ଜନସାଧାରଣଙ୍କ ଆସ୍ଥା ସୁଦୃଢ଼ କରିବା, ସୁଶାସନକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ନୀତି ନିବାରଣ କ୍ଷେତ୍ରରେ ସାଧୁତା ଓ ନୈତିକ ଆଚରଣର ଗୁରୁତ୍ୱକୁ ପ୍ରତିଫଳିତ କରେ। ଏହି ଦୁଇଟି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ରେଳ କର୍ମଚାରୀମାନଙ୍କ ମଧ୍ୟରେ ସତର୍କତା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ସହ କର୍ତ୍ତବ୍ୟ ସମ୍ପାଦନ ସମୟରେ ନିରପେକ୍ଷତା, ପକ୍ଷପାତହୀନତା ଓ ଦାୟିତ୍ୱବୋଧ ବଜାୟ ରଖିବାକୁ ଉତ୍ସାହିତ କରିବା। ଏହି କାର୍ଯ୍ୟକ୍ରମଗୁଡ଼ିକରେ ବିଭିନ୍ନ ବିଭାଗର ପ୍ରମୁଖ ବିଭାଗମୁଖ୍ୟ (PHOD), ସତର୍କତା ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଅନ୍ୟ ବରିଷ୍ଠ ରେଳ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଏଭଳି ପଦକ୍ଷେପ ମାଧ୍ୟମରେ ପୂର୍ବ ତଟ ରେଳପଥ ରେଳ ପ୍ରଶାସନରେ ସାଧୁତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ସହ ଏକ ନୈତିକ ଓ ଦୁର୍ନୀତିମୁକ୍ତ କାର୍ଯ୍ୟ ପରିବେଶ ଗଠନ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଉଛି ।

ସହରାଞ୍ଚଳରେ ପ୍ରାକୃତିକ ଜଳ ନିଷ୍କାସନ ପଥ ଓ ଜଳାଶୟ ସୁରକ୍ଷା ନେଇ ବୈଠକ

ଭୁବନେଶ୍ୱର, (ସବ୍ୟୁ): ସହରାଞ୍ଚଳରେ ଜଳବନ୍ଦୀ ଓ ବନ୍ୟା ସମସ୍ୟା ହ୍ରାସ କରିବା ସହ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥା ଓ ଜଳାଶୟଗୁଡ଼ିକର ସୁରକ୍ଷା ପାଇଁ ଏକ ରାଜ୍ୟବ୍ୟାପୀ ଢାଞ୍ଚା ପ୍ରସ୍ତୁତ କରିବାକୁ



ପ୍ରସ୍ତାବ ରଖିଛି ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ । ଏହି ପ୍ରସ୍ତାବରେ ପ୍ରାକୃତିକ ଜଳ ନିଷ୍କାସନ ପଥ, ଜଳାଶୟ, ଆର୍ଦ୍ରଭୂମି ଓ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ଚିହ୍ନଟ, ସୁରକ୍ଷା, ପୁନରୁଦ୍ଧାର ଓ ନିୟମିତ ନିରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି । ଏ ସଂକ୍ରାନ୍ତୀୟ ପ୍ରସ୍ତାବିତ ମାନକ କାର୍ଯ୍ୟପଦ୍ଧତି (ଏସଓପି) ଉପରେ ଆଲୋଚନା ପାଇଁ ଭୁବନେଶ୍ୱରସ୍ଥିତ ଖାରବେଳ ଭବନ ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

ବୈଠକରେ ଶ୍ରୀମତୀ ପାଢ଼ୀ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଅଞ୍ଚଳରେ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷା ପାଇଁ ଏକ ସମନ୍ୱିତ ଓ ବୈଜ୍ଞାନିକ ଆଭିମୁଖ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଜଳ ନିଷ୍କାସନ ପଥ, ପୋଖରୀ, ଆର୍ଦ୍ରଭୂମି ଓ ଅନ୍ୟାନ୍ୟ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ବ୍ୟବସ୍ଥିତ ଚିହ୍ନଟ ଓ ମାନଚିତ୍ର ପ୍ରସ୍ତୁତି ନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ । ବିଶେଷକରି ଜଳବନ୍ଦୀ ଓ ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକୁ ପ୍ରାଥମିକତା ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପ୍ରାକୃତିକ ଜଳ ନିଷ୍କାସନ ପଥଗୁଡ଼ିକୁ ଜବରଦଖଲ, ଅନଧିକୃତ ପୋତିବା, ଅବରୋଧ ଓ ଜଳ ପ୍ରବାହର ଦିଗ ପରିବର୍ତ୍ତନ ଭଳି କାର୍ଯ୍ୟରୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ । ଏଥିସହ ନିୟମିତ ଯାଞ୍ଚ, ବିଶେଷକରି ମୌସୁମୀ ପୂର୍ବରୁ ନିରୀକ୍ଷଣ, ଜବରଦଖଲ ଓ ପୁନରୁଦ୍ଧାର ସମ୍ପର୍କିତ ପଦକ୍ଷେପର ଡିଜିଟାଲ୍ ଦଲିଲୀକରଣ ଏବଂ ନିୟମିତ ତଦାରଖ ବ୍ୟବସ୍ଥା ଗ୍ରହଣ କରାଯିବା ପ୍ରସ୍ତାବ ରହିଛି । ଜଳ ନିଷ୍କାସନ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଓ ବିପଦପ୍ରବଣ ଅଞ୍ଚଳଗୁଡ଼ିକର ସୁରକ୍ଷା ପାଇଁ ବିଭାଗୀୟ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଉପରେ ମଧ୍ୟ ଏହି ଢାଞ୍ଚାରେ ଗୁରୁତ୍ୱ ଦିଆଯାଇଛି । ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ମୁଖ୍ୟଯନ୍ତ୍ରୀ ତଥା ଅତିରିକ୍ତ ସଚିବ ଭାଗ୍ୟଧର ମହାନ୍ତି, ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ (ଡ୍ରେନେଜ୍), ନଗର ଯୋଜନାବିଦ୍ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ।

ନାବାଳିକାକୁ ଅସଦାଚରଣ ଅଭିଯୋଗ

ରଣପୁର ,(ସବ୍ୟୁ): ରଣପୁର ଥାନା ଅଧିନସ୍ଥ ଲୋଧାଛୁଆ ପଞ୍ଚାୟତ ଅଧିନସ୍ଥ ଅଡାଲ ଗ୍ରାମରେ ମଙ୍ଗଳବାର ଜଣେ ନାବାଳିକା ଟ୍ୟୁସନରେ ଅଧ୍ୟୟନ ସାରି ଘରକୁ ଫେରିବା ବେଳେ ଘର ମାଲିକ କୁହାଯାଉଥିବା ଜୈନିକ ବ୍ୟକ୍ତି ନାବାଳିକା ଛାତ୍ରୀଙ୍କୁ ଟ୍ୟୁସନ ପାର୍ଶ୍ୱରେ ଥିବା ଏକାନ୍ତ ଘରକୁ ଡାକିବା ସହ ଭିଡିନେଇ ପାଟି ବନ୍ଦକରି ଅସଦାଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି । ନାବାଳିକା ଛାତ୍ରୀ ଜଣକ କାନ୍ଦି ବୋବାଇ ଘରକୁ ଫେରି ତାଙ୍କ ମାଙ୍କୁ ଏ ସମ୍ପର୍କରେ ପ୍ରକାଶ କରିବାରେ ସେ ତାଙ୍କ ସ୍ୱାମୀଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ । ସେ ଏସମ୍ପର୍କରେ ଜାଣିବା ପରେ ଅଭିଯୁକ୍ତଙ୍କ ଘରକୁ ପଚାରିବାକୁ ଯିବାବେଳେ ସେ ଫେରାର ହୋଇଯାଇଥିବାରୁ ନିରୁପାୟ ହୋଇ ଫେରିଆସିଥିଲେ । ନାବାଳିକା ପ୍ରତି ହୋଇଥିବା ଅସଦାଚରଣରେ ଭାରାକ୍ରାନ୍ତ ହୋଇ ଝିଅର ଜୀବନ ପ୍ରତି ବିପଦ ଥିବାର ଅନୁଭବ କରି ନାବାଳିକାର ପିତା ରଣପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ଏ ସମ୍ପର୍କରେ ରଣପୁର ଥାନା ଅଧିକାରୀ ଆଶିଷ ଦେବ ସାହୁଙ୍କୁ ପଚାରିବାରେ ସେ ଏସମ୍ପର୍କରେ ଏକ ଅଭିଯୋଗ ହୋଇଥିବା ପ୍ରକାଶ କରିବା ସହ ତଦନ୍ତ ଜାରି ରହିଥିବା ପ୍ରକାଶ କରିଥିଲେ ।

କିଟ୍ ଓ ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ): କଳା, ସଂସ୍କୃତି ଓ ସ୍ଥାପତ୍ୟ କ୍ଷେତ୍ରରେ ଅଧ୍ୟୟନ ଏବଂ ଗବେଷଣାକୁ ସୁଦୃଢ଼ କରିବା ସହ ଭାରତୀୟ ଇତିହାସ ସମ୍ବନ୍ଧୀୟ ପୁରାତନ ଦସ୍ତାବିଜର ଡିଜିଟାଇଜେସନ୍‌କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂସ୍ଥା ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର (ଆଇଜିଏନ୍‌ସିଏ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଆଇଜିଏନ୍‌ସିଏ ପକ୍ଷରୁ ସଦସ୍ୟ ସଚିବ ଡ. ସଚ୍ଚିଦାନନ୍ଦ ଯୋଶୀ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ୍ ସିଂହ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

ଏହି ବୁଝାମଣା ଉପରେ ଡ. ଯୋଶୀ ସନ୍ତୋଷ ବ୍ୟକ୍ତ କରିବା ସହ ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକଳାପ କ୍ଷେତ୍ରରେ କିଟ୍‌ର ଅବଦାନକୁ ପ୍ରଶଂସା କରିଥିଲେ। ସେ କହିଲେ, କିଟ୍ ଭାରତର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ହୋଇଥିବାରୁ ଏହି ପଦକ୍ଷେପ କଳା, ସଂସ୍କୃତି ଓ ଏହା ସହିତ ସଂପୃକ୍ତ ବିଷୟଗୁଡ଼ିକରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଉପକାରୀ ହେବ। ଏହି ଅବସରରେ ଡ. ଯୋଶୀ ନିଜ ରଚିତ ପୁସ୍ତକ 'ଦ କଲଚରାଲ୍ ରେନେସାଁ'ର ଏକ କପି ଶ୍ରୀ ସାମନ୍ତଙ୍କୁ ପ୍ରଦାନ କରିଥିଲେ । ଏହି ବୁଝାମଣା ଦୁଇ ଅନୁଷ୍ଠାନ ମଧ୍ୟରେ ଆନୁଷ୍ଠାନିକ ସଂପର୍କକୁ ଆହୁରି ମଜବୁତ କରିବା ସହ ଉଚ୍ଚଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି କରିବ। ଏହାଦ୍ୱାରା ଗବେଷଣାର ପ୍ରସାର, ଭାରତର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ କଳା ଓ ସଂସ୍କୃତି କ୍ଷେତ୍ରରେ ନୂତନ ଶିକ୍ଷାଗତ ସୁଯୋଗ ସୃଷ୍ଟି ହୋଇପାରିବ। କାର୍ଯ୍ୟକ୍ରମରେ



ଆଇଜିଏନ୍‌ସିଏ ପକ୍ଷରୁ ଡ. ଅଭୟ ମିଶ୍ର ଓ ଶଙ୍କରଜିତ୍ ଦେ; କିଟ୍‌ର ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦ୍ୟୋପାଧ୍ୟାୟ ଓ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି; ଏବଂ କିଟ୍ ଆର୍ଟ ଏକାଡେମୀର ମହାନିର୍ଦ୍ଦେଶକ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଗଞ୍ଜାମ ଜିଲ୍ଲା: ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ରାସ୍ତାଘାଟ ଜଳାର୍ଣ୍ଣବ

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲାରେ ବାତ୍ୟା "ଅର୍ଣ୍ଣବ"ର ପ୍ରଭାବରେ ଗତକାଲି ଠାରୁ ତୁହାକୁ ତୁହା ବର୍ଷା ଫଳରେ ଚାଷ ଜମି ପୋଖରୀ ଗାଡିଆ ଜଳାର୍ଣ୍ଣବ ହୋଇ ଯାଇଛି । ବାତ୍ୟା "ଅର୍ଣ୍ଣବ"ର ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଜରୁରୀକାଳୀନ ବ୍ୟବସ୍ଥାକୁ ହାଇଆଲର୍ଟରେ ରଖାଯାଇଛି । ଲୋକଙ୍କ ଜୀବନର ସୁରକ୍ଷା, ସହରାଞ୍ଚଳରେ ଜଳବନ୍ଦୀ ସ୍ଥିତିର ମୁକାବିଲା, ଦ୍ରୁତ ସ୍ଥାନାନ୍ତର ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରି ବିଭିନ୍ନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରବଳରୁ ଅତି ପ୍ରବଳ ବର୍ଷା ହେଉ ଥିବାରୁ ବର୍ତ୍ତମାନ ସୁଦ୍ଧା ମୃତ୍ୟୁ ସଂଖ୍ୟା ଶୂନ ରହିଛି । ପୁରୁଷ ୨,୪୧୫, ମହିଳା ୨,୪୨୮ ଓ ଶିଶୁ ୧,୩୨୭ ମୋଟ ୬,୧୭୦ ଜଣଙ୍କୁ ୧୭୭ଟି ସୁରକ୍ଷିତ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରାଯାଇ ମାଗଣା ରନ୍ଧା ଖାଦ୍ୟ ବଣ୍ଟନ ବ୍ୟବସ୍ଥା କରାଯାଇଛି । ଗଞ୍ଜାମ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି ।



ଜିଲ୍ଲା ଜରୁରୀକାଳୀନ ଅପରେସନ୍ କେନ୍ଦ୍ର ଗଞ୍ଜାମର ହେଲ୍‌ଲାଇନ୍ ନମ୍ବର: ୦୬୮୧୧-୨୬୩୯୭୮ । ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ ମାଛ ଧରିବା ପାଇଁ ସମୁଦ୍ରକୁ ଯିବା ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ଉପକୂଳ ଅଞ୍ଚଳରେ ତହସିଲଦାର, ମତ୍ସ୍ୟ ଅଧିକାରୀ ଓ ସାମୁଦ୍ରିକ ପୁଲିସ ପକ୍ଷରୁ ପାଟ୍ରୋଲିଂ କରାଯାଇ ମାଇକ୍ ଯୋଗେ ପ୍ରଚାର ଓ ଉପକୂଳବର୍ତ୍ତୀ ଅଞ୍ଚଳରେ ସତର୍କ ସୂଚନା ଜାରି ରହିଛି । ଜିଲ୍ଲାରେ ମୋଟ ୧,୬୩୬ଟି ଡଙ୍ଗା ଚିହ୍ନଟ କରାଯାଇଛି । ଗୋପାଳପୁର ବନ୍ଦରରେ ମୋଟ ୩୭ଟି ଟ୍ରଲର ଆଶ୍ରୟ ନେଇଛନ୍ତି । ସେଥିମଧ୍ୟରୁ ୪ଟି ପାରାଦୀପରୁ ଏବଂ ୩୩ଟି ଆନ୍ଧ୍ରପ୍ରଦେଶରୁ ଆସିଛି ବୋଲି ଆଜି ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି । ପ୍ରମୁଖ ନଦୀବନ୍ଧ ଓ ଜଳଭଣ୍ଡାରର ଜଳସଂରକ୍ଷଣ ଏବଂ ଜଳ ନିଷ୍କାସନ ସ୍ଥିତି ଉପରେ କ୍ଷେତ୍ରସ୍ତରୀୟ ଯନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନେ ନଜର ରଖିଛନ୍ତି । ୨୮ ଅକେଫାବର ୨୦୨୬ ସୁଦ୍ଧା ସମସ୍ତ ଜଳଭଣ୍ଡାରର ଜଳସ୍ତର ବିପଦ ସଙ୍କେତ ତଳେ ରହିଛି । ବାଘଲଟି ଜଳଭଣ୍ଡାରକୁ ଉଲ୍ଲେଖନୀୟ ପରିମାଣର ଜଳ ପ୍ରବେଶ କରୁଛି । ବର୍ତ୍ତମାନ ପ୍ରତି ସେକେଣ୍ଡରେ ୫୦୦ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ୨୦୦ ଘନମିଟର ଜଳ ନିଷ୍କାସିତ ହେଉଛି । ଜଳଭଣ୍ଡାରର ଜଳସ୍ତର, ଜଳ ପ୍ରବେଶ ଓ ନିଷ୍କାସନ, ବର୍ଷା ପୂର୍ବାନୁମାନ ଏବଂ ତଳମୁଣ୍ଡର ସ୍ଥିତି ଉପରେ ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖାଯାଇଛି । ୩ଟି ଓଡ୍ରାଫ ଟିମ୍ ମୁତୟନ କରାଯାଇଛି । ଓଏସଏପି ଅଷ୍ଟମ ବାଟାଲିୟନର ପୁରୁଣା ଓଡ୍ରାଫ ଟିମକୁ ବ୍ରହ୍ମପୁରରେ ମୁତୟନ କରାଯାଇଛି । ଗୋଟିଏ ଓଡ୍ରାଫ ଟିମ ପାତ୍ରପୁର ଓ ଭଞ୍ଜନଗରରେ ମୁତୟନ କରାଯାଇଛି । ୨୪ଟି ଅଗ୍ନିଶମ ସେବାୟୁନିଟ ଆବଶ୍ୟକୀୟ ଯନ୍ତ୍ରପାତି ଓ ପାଓ୍ୱାର କଟର ସହ ରାସ୍ତା ସଫା କରାଯାଉଛି । ଚିକିତ୍ସା ସେବା ଓ ଗର୍ଭବତୀ ମହିଳାଙ୍କ ସୁରକ୍ଷା ଓ ପ୍ରସବ ୧,୨୬୨ ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇଛି । ୪୨୬ ଜଣ ଗର୍ଭବତୀଙ୍କୁ ସୁରକ୍ଷିତ ଭାବେ ମା' ଗୃହ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଜିଲ୍ଲାରେ ୨୮ଟି ଜରୁରୀକାଳୀନ ଚିକିତ୍ସା ଟିମ୍ ମୁତୟନ ଅଛନ୍ତି । ସମସ୍ତ ବ୍ଲକରେ ୨୩ଟି ପ୍ରାଣୀ ଚିକିତ୍ସା ଦ୍ରୁତ ପ୍ରତିକ୍ରିୟା ଦଳ କାର୍ଯ୍ୟ କରୁଛନ୍ତି । ବ୍ରହ୍ମପୁରର ଗୋପାଳପୁର ଜଙ୍କସନ୍‌ର ବର୍ଷାଜଳ ନିଷ୍କାସନ ଡ୍ରେନକୁ ଅବରୋଧ ହଟାଇବା ଓ ସଫେଇ କାର୍ଯ୍ୟ ଶେଷ ହୋଇଛି । ଖୋଡ଼ାସିଙ୍ଗି ବ୍ରିଜ, ବାଞ୍ଛାନିଧି ନଗର, ଭକ୍ତ ସାଲବେଗ ନଗର, ରୋଲାଣ୍ଡ କଲେଜ, କଳିଙ୍ଗ ନଗର ଏବଂ ନରସିଂହ ମନ୍ଦିର ନିକଟ ବାଭିନୀପୁରରେ ଡ୍ରେନକୁ ପଙ୍କ ଉଦ୍ଧାର ଓ ଅବରୋଧ ହଟାଯାଇଥିଲା । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଜିଲ୍ଲାର ଅଧିକାରୀମାନଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ଗଞ୍ଜାମ ଜିଲ୍ଲାର ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ପୋଲସରାର ବ୍ଲକ ଅନ୍ତର୍ଗତ ଗୋଛାବାଡି ପଞ୍ଚାୟତ ଅଧୀନରେ ରହିଥିବା ବିଡିଓ ଓ ତହସିଲଦାର ଟିମ୍ ସହ ପ୍ରାୟ ୩ କିଲୋମିଟର ଦୁର୍ଗମ ପଥ ଚାଲି ପାଲବା ଓ ଚଙ୍ଗେରା ଗ୍ରାମରେ ପହଞ୍ଚିଥିଲେ । ଏହି ଗ୍ରାମ ଦୁଇଟି ଗୋଛାବାଡ଼ି ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ପାଲବା ଓ ଚଙ୍ଗେରା ଗ୍ରାମରେ ବିଡିଓ ଓ ତହସିଲଦାର ପ୍ରଶାସନିକ ଟିମ ଗ୍ରାମବାସୀଙ୍କୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ବଣ୍ଟନ କରିବା ସହ ପାହାଡ଼ ପାଦଦେଶରେ ଥିବା ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସେମାନଙ୍କୁ ସ୍ଥାନାନ୍ତର କରିବାର ବ୍ୟବସ୍ଥା କରିଥିଲେ । ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ କମିଶନର ଏ ଶସ୍ୟ ରେଡ୍ଡୀ, ଉପଜିଲ୍ଲାପାଳ ଅବିନାଶ କୁମାର ଓ ଜିଲ୍ଲା ପରିଷଦ ଅଧିକାରୀ ଉପସ୍ଥିତ ଥିଲେ ।

ବାତ୍ୟା ପ୍ରଭାବରେ ଲଗାଣ ବର୍ଷା
ଜନ ଜୀବନ ଅସ୍ତବ୍ୟସ୍ତ

ବୁଗୁଡ଼ା, (ସବ୍ୟୁ): ପୂର୍ବ ପ୍ରକାଶିତ ପାଣିପାଗ ବିଭାଗର ସୂଚନା ପ୍ରକାରେ ବାତ୍ୟା ଅର୍ଣ୍ଣବର ପ୍ରଭାବରେ ବୁଗୁଡା ଅଞ୍ଚଳରେ ଦୁଇ ଦିନ ହେଲା ତୁହାକୁ ତୁହା ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ଜଣାଯାଇଛି । ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ ଲଗାଣ ବର୍ଷା ଯୋଗୁଁ ଯାତ୍ରୀ ପରିବହନ ବାଧାପ୍ରାପ୍ତ ସାଙ୍ଗକୁ ଦୋକାନ ବଜାର ବନ୍ଦ ରହିଥିଲା । ଅନେକ ସ୍ଥାନରେ ବିଦ୍ୟୁତ ସରବରାହ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା ।



ଅପରପକ୍ଷରେ ଦୁଇ ଦିନ ହେଲା ବର୍ଷା ଲାଗି ରହିଥିବାରୁ ରାସ୍ତାଘାଟ ଏକ ପ୍ରକାର ଜନଶୂନ୍ୟ ହୋଇପଡିଥିଲା । ବର୍ଷା ଯୋଗୁଁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକ ମଧ୍ୟ ଫାଙ୍କା ପଡିଥିଲା । ଏଥିସହ ଅନବରତ ବର୍ଷା ଯୋଗୁଁ ପାଙ୍ଗିଡି ଗ୍ରାମ ନିକଟସ୍ଥ ମୁଖ୍ୟ ସଡକ ପାର୍ଶ୍ୱରେ ଥିବା ଏକ ନିମଗଛ ରାସ୍ତା ଉପରକୁ ଟଳି ପଡିବା ଫଳରେ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା ବେଳେ ବୁଗୁଡ଼ା ସହରର ମଦନ ମୋହନ ଛକଠାରୁ ନୂଆଁସାହି ମିଲ୍ ପର୍ଯ୍ୟନ୍ତ ରାସ୍ତା ବର୍ଷା ଜଳରେ ଉବୁଟୁବୁ ହୋଇ ପଡ଼ିଥିଲା ।

ପୋଲ ଉପରେ ୪ ଫୁଟର ପାଣି, ଯୋଗାଯୋଗ ବାଧାପ୍ରାପ୍ତ

ବ୍ରହ୍ମପୁର, (ସବ୍ୟୁ) : ବାତ୍ୟା "ଅର୍ଣ୍ଣବ"ର ପ୍ରଭାବରେ ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଅନ୍ତର୍ଗତ ସାବା ଓ ମାଣିକ୍ୟପୁର ପଞ୍ଚାୟତ ଅଞ୍ଚଳରେ ବର୍ଷାଜନିତ ସମସ୍ୟା ଦେଖାଦେଇଛି । ପାହାଡ଼ିଆ ଅଞ୍ଚଳରେ ଲଗାତାର ୪ ଘଣ୍ଟା ଧରି ବର୍ଷା ହେବାରୁ ବିଭିନ୍ନ ନାଳରେ ଜଳସ୍ତର ବୃଦ୍ଧି ପାଇଛି । ଫଳରେ ପୋଲ ଉପରେ ପାଣି ପ୍ରବାହିତ ହେବା ସହ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଅନ୍ୟପଟେ ଅନେକ ଚାଷ ଜମି ଜଳମଗ୍ନ ହେବାରୁ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି । ସାବା ପଞ୍ଚାୟତ ନିକଟ ଅନ୍ଧାରୀ ନାଳ ଉପରେ ନିର୍ମିତ ପୋଲ ଉପରେ ପ୍ରାୟ ୪ ଫୁଟ୍ ଉଚ୍ଚତାରେ ପାଣି ପ୍ରବାହିତ ହେଉଛି । ଏହି ସମୟରେ ପୋଲ ନିର୍ମାଣ କାମରେ ବ୍ୟବହୃତ ଏକ ମିକ୍ସଚର ମେସିନ୍ ପାଣିରେ ଭାସିଯାଇଥିବା ସୂଚନା ମିଳିଛି ।



ଜଳସ୍ତର ବୃଦ୍ଧି ଯୋଗୁଁ ଅଞ୍ଚଳବାସୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି । ସେହିପରି ମାଣିକ୍ୟପୁର ଗ୍ରାମ ନିକଟସ୍ଥ ନନ୍ଦିନୀ ନାଳ ପୋଲ ଉପରେ ମଧ୍ୟ ପ୍ରାୟ ୪ ଫୁଟ୍ ପାଣି ପ୍ରବାହିତ ହେଉଛି । ଫଳରେ ଲୋକଙ୍କ ଯାତାୟାତ ପ୍ରଭାବିତ ହେବା ସହ ଦୈନନ୍ଦିନ ଜୀବନଯାପନରେ ବାଧା ଉପୁଜିଛି । ଅନ୍ୟପକ୍ଷରେ ସାବା ପଞ୍ଚାୟତର ଅନେକ ଚାଷ ଜମିରେ ବର୍ଷାଜଳ ମାଡ଼ିଯାଇଛି । ପ୍ରବଳ ଜଳସ୍ରୋତରେ କେତେକ ବିଲର ପାଣି ନାଳରେ ମିଶିଯିବା ସହ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଏଥିସହ ବାତ୍ୟାର ପ୍ରଭାବରେ କେତେକ ଲୋକଙ୍କ ଘର ଭାଙ୍ଗିଥିବା ମଧ୍ୟ ସୂଚନା ମିଳିଛି । ଅଞ୍ଚଳରେ ଜଳସ୍ତର ବୃଦ୍ଧି ଓ ଫସଲ କ୍ଷୟକ୍ଷତିକୁ ନେଇ ସ୍ଥାନୀୟ ଲୋକେ ଚିନ୍ତାରେ ଥିବାବେଳେ କ୍ଷୟକ୍ଷତିର ସଠିକ୍ ଆକଳନ ଓ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ।

ଗରିବ ଯୁବକଙ୍କୁ ଜଳଖିଆ କେବିନ୍ ବଣ୍ଟନ
ସ୍ୱାବଲମ୍ବୀ କରିବାକୁ ମନ୍ତ୍ରୀଙ୍କ ପଦକ୍ଷେପ, ପ୍ରଥମ ପର୍ଯ୍ୟାୟରେ ୫ଙ୍କୁ ସହାୟତା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ଗରିବ ଓ ଅସହାୟ ଯୁବକଯୁବତୀଙ୍କୁ ରୋଜଗାରର ସୁଯୋଗ ଯୋଗାଇ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏକ ନିଆରା ପଦକ୍ଷେପ ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୫ଜଣ ହିତାଧିକାରୀଙ୍କୁ ଜଳଖିଆ ଓ ଫାଷ୍ଟଫୁଡ୍ କେବିନ୍ ସହ ଆବଶ୍ୟକ ରୋଷେଇ ସାମଗ୍ରୀ ଓ ବାସନକୁସନ ପ୍ରଦାନ କରାଯାଇଛି । ଏହି ସହାୟତା ଦ୍ୱାରା ହିତାଧିକାରୀମାନେ ଅଣ୍ଡା ଅମଲେଟ୍, ତେଲଭାଜି, ଘୁଗୁନି ଓ ବିଭିନ୍ନ ଜଳଖିଆ ବିକ୍ରି କରି ନିଜେ ରୋଜଗାର କରିବା ସହ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ କରିପାରିବେ ।



ବିଶେଷକରି ଅଭାବୀ ପରିବାର ଏବଂ ପିତାମାତାଙ୍କୁ ହରାଇଥିବା ଯୁବକଯୁବତୀଙ୍କୁ ଚିହ୍ନଟ କରି ଏହି ସହାୟତା ଯୋଗାଇ ଦିଆଯାଉଛି । ପ୍ରଥମ ପର୍ଯ୍ୟାୟରେ ମୋରଡ଼ା ବିଧାନସଭା କ୍ଷେତ୍ରରୁ ୨ଜଣ, ବାରିପଦାରୁ ୨ଜଣ ଏବଂ ବେତନଟୀରୁ ଜଣେ ହିତାଧିକାରୀ ଏହି କେବିନ୍ ପାଇଛନ୍ତି । ଆଗାମୀ ଦିନରେ ଅଧିକ ଯୁବକଯୁବତୀଙ୍କୁ ଏଭଳି ସହାୟତା ଯୋଗାଇବା ସହ ଆଉଟ୍‌ସୋର୍ସିଂ କ୍ଷେତ୍ରରେ ମଧ୍ୟ ରୋଜଗାରର ସୁଯୋଗ ସୃଷ୍ଟି କରିବାକୁ ଉଦ୍ୟମ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ସୂଚନାନୁଯାୟୀ, କେବିନ୍ ପାଇଥିବା ହିତାଧିକାରୀମାନେ ପୂର୍ବରୁ ରାସ୍ତାକଡ଼ରେ ଉଠାଦୋକାନ କରି ଜୀବିକା ନିର୍ବାହ କରୁଥିଲେ । ମନ୍ତ୍ରୀ ସେମାନଙ୍କ ଦୋକାନ ପାଖରେ ଅଟକି ସମସ୍ୟା ବୁଝିବା ସହ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ । ଏବେ ସେହି ପ୍ରତିଶ୍ରୁତି ପୂରଣ ହୋଇଥିବାରୁ ହିତାଧିକାରୀମାନେ ଖୁସି ପ୍ରକାଶ କରିବା ସହ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଯୁବପିଢ଼ିଙ୍କୁ ଦାଦନ ଖଟିବା ପାଇଁ ବାହାରକୁ ନଯାଇ ନିଜ ଅଞ୍ଚଳରେ ରହି ରୋଜଗାର କରିବା ସହ ଆତ୍ମନିର୍ଭରଶୀଳ ହେବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ୍, ଉଦଳା ବିଧାୟକ ଭାସ୍କର ମଢ଼େଇ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ବିଜେପି ରାଜ୍ୟ ଏସ୍‌ଟି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ୍ ଏବଂ ମୟୂରଭଞ୍ଜ (ପୂର୍ବ) ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

ଦୁଇଶହ ବର୍ଷର ଜୁଆଖେଳ ପରମ୍ପରାକୁ ଭାଙ୍ଗିଲା ପୋଲିସ

ଗୋପାଳପୁର, (ସବ୍ୟୁ) : ଗୋଳନ୍ଥରା ଥାନା ଅନ୍ତର୍ଗତ ଚିକରଡ଼ା ଗ୍ରାମରେ ଦୀର୍ଘ ଆବାହନ କାଳରୁ ଚାଲିଥିବା ଜୁଆ ଖେଳର ପରମ୍ପରାକୁ ଗୋଳନ୍ଥରା ଥାନା ଅଧିକାରୀ ବନ୍ଦ କରିବାରେ ସଫଳ ହୋଇଛନ୍ତି । ନିଜେ ଥାନା ଅଧିକାରୀ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କୁ ଜୁଆ ଖେଳର ଅପକାରିତା ସମ୍ପର୍କରେ ସଚେତନ କରେଇବା ସହ ଏଥିରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ । ଚିକରଡ଼ା ଗ୍ରାମ ଗୋଟିଏ ପଞ୍ଚାୟତ ଏବଂ ଉକ୍ତ ପଞ୍ଚାୟତରେ କେବେବି ଇଲେକସନ ନହୋଇ ଜନ ପ୍ରତିନିଧି ମାନେ ସିଲେକସନ ହୁଅନ୍ତି, ତା ସହ ଉକ୍ତ ଗ୍ରାମର କୌଣସି ଅପ୍ରିତିକର ଘଟଣା ଘଟିଲେ ଗ୍ରାମ୍ୟ କମିଟି ଦ୍ୱାରା ତାହା ସମାଧାନ ହୋଇଯାଏ । ସ୍ଥାନୀୟ ଥାନାକୁ ପ୍ରାୟତଃ କୌଣସି କେଶ ଯାଏ ନାହିଁ । ଏଣୁ ଉକ୍ତ ଗ୍ରାମରେ ବର୍ଷ ସାରା ମଦ ବିକ୍ରୟ ନିଷେଧ ସହ ଜୁଆଖେଳ ଉପରେ ମଧ୍ୟ ପ୍ରତିବନ୍ଧକ ଲାଗିଥାଏ । ଏଣୁ ପ୍ରତିବର୍ଷ ଗ୍ରାମ୍ୟ କମିଟିଙ୍କ ନିଷ୍ପତି ଆଧାରରେ ତିନି ଦିନ ଖେଳର ଆସର ଜମିଥାଏ । ମାତ୍ର ଖୁସିର ବିଷୟ ଏହା ଯେ, ନିଜେ ଥାନା ଅଧିକାରୀ ଏ ଦିଗରେ ଜନସାଧାରଣଙ୍କୁ ସଚେତନ କରାଇ ଉକ୍ତ ପରମ୍ପରାକୁ ସମ୍ପୂର୍ଣ୍ଣ ବନ୍ଦ କରିଥିଲେ ।

ସତର୍କତା ସଚେତନତା ସପ୍ତାହରେ ପାୱାରଗ୍ରିଡ୍‌ର ୱାକାଥନ୍



ବାରିପଦା, (ସବ୍ୟୁ) : ପାୱାରଗ୍ରିଡ୍‌ର ବାରିପଦା ଉପକେନ୍ଦ୍ର ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଅବସରରେ ଏକ ୱାକାଥନ୍ ଆୟୋଜିତ ହୋଇଛି । ଅକେଟାବର ୨୬ରୁ ନଭେମ୍ବର ୧ ପର୍ଯ୍ୟନ୍ତ ପାଳିତ ହେଉଥିବା ଏହି ସପ୍ତାହର ଚଳିତ ବର୍ଷର ବିଷୟବସ୍ତୁ ସତ୍ୟନିଷ୍ଠାରୁ ସମୃଦ୍ଧି ରହିଛି । ଉପକେନ୍ଦ୍ର ପ୍ରଭାରୀ ତଥା ମୁଖ୍ୟ ପ୍ରବନ୍ଧକ ସରୋଜ କୁମାର ଲାକ୍ରା ଓ ପ୍ରବନ୍ଧକ ମନୋଜ କୁମାର ସାହୁଙ୍କ ମାର୍ଗଦର୍ଶନରେ କୁଚେଇସ୍ଥିତ ଉପକେନ୍ଦ୍ରରୁ ଗ୍ରାମ ପର୍ଯ୍ୟନ୍ତ ଏହି ୱାକାଥନ୍ ଆୟୋଜିତ ହୋଇଥିଲା । ଏଥିରେ ପ୍ରଦୀପ କୁମାର ସ୍ୱାଇଁ, ଦେବାଶିଷ ମହାନ୍ତ, ସ୍ମୃତିରଞ୍ଜନ ବେହେରା, ରତିକାନ୍ତ ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ ।

ୱାକାଥନ୍ ମାଧ୍ୟମରେ ସଚ୍ଚୋଟତା, ପାରଦର୍ଶିତା ଓ ଦୁର୍ନୀତିମୁକ୍ତ କାର୍ଯ୍ୟଶୈଳୀର ବାର୍ତ୍ତା ପ୍ରଚାର କରାଯିବା ସହ ସମାଜରେ ନୈତିକ ମୂଲ୍ୟବୋଧର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇଥିଲା । ଏହି ଅବସରରେ ଉପକେନ୍ଦ୍ର ପ୍ରଭାରୀ ଶ୍ରୀ ଲାକ୍ରା କହିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ସତ୍ୟନିଷ୍ଠା ଓ ନିଷ୍ଠାର ସହ ନିଜ କର୍ତ୍ତବ୍ୟ ସମ୍ପାଦନ କଲେ ଦେଶର ପ୍ରଗତିକୁ କୌଣସି ଶକ୍ତି ରୋକିପାରିବ ନାହିଁ । ସ୍ୱଚ୍ଛ, ଦାୟିତ୍ୱବାନ ଓ ଦୁର୍ନୀତିମୁକ୍ତ କାର୍ଯ୍ୟପରିବେଶ ଗଠନ ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ । ସେହିପରି, ସଚେତନତା ସପ୍ତାହ ଅବସରରେ ବିଦ୍ୟାଳୟସ୍ତରୀୟ ପ୍ରାଚୀର ଚିତ୍ରାଙ୍କନ ସହ କର୍ମଚାରୀ ଓ ଗୃହିଣୀମାନଙ୍କ ମଧ୍ୟରେ ପ୍ରବନ୍ଧ ଏବଂ ସ୍ଲୋଗାନ୍ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ପ୍ରବନ୍ଧକ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

ଚେକ୍ ବାଉନ୍ସ ମାମଲା
ଅଭିଯୁକ୍ତକୁ ୬ ମାସ ଜେଲ୍

ବାରିପଦା, (ସବ୍ୟୁ) : ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ଶୁଭ୍ରାଂଶୁ ଠାକୁର ଅଭିଯୁକ୍ତ ଚିତ୍ତରଞ୍ଜନ ରଣାଙ୍କୁ ଦୋଷୀ ସାବ୍ୟସ୍ତ କରି ୬ମାସ କାରାଦଣ୍ଡ ଆଦେଶ ଶୁଣାଇବା ସହ ୩ଲକ୍ଷ ୫୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୋଗକାରୀ ଶରତଚନ୍ଦ୍ର ପାଣୀଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ମାମଲା ପରିଚାଳନା କରିଥିଲେ ।

ସୂଚନାଯୋଗ୍ୟ ଯେ, ବାଲେଶ୍ୱର ଜିଲ୍ଲା ରେମୁଣା ଗୋଲାଇ ବାଲେଶ୍ୱର ଅଞ୍ଚଳର ଚିତ୍ତରଞ୍ଜନ ରଣା ଏକ ନିଲାମ ଗାଡି ଦେବାର ପ୍ରତିଶ୍ରୁତି ଦେଇ ଜଗନ୍ନାଥଖୁଣ୍ଟା ଶରତଚନ୍ଦ୍ର ପାଣୀଙ୍କ ଠାରୁ ଦୁଇଲକ୍ଷ ଟଙ୍କା ଅଗ୍ରୀମ ନେଇଥିଲେ। ଗାଡି ଯୋଗାଇ ନଦେଇପାରିବାରୁ ଉକ୍ତ ଟଙ୍କା ପରିଶୋଧ ପାଇଁ ସେ ୨ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଚେକ୍‌ଟି ବାଉନ୍ସ ହୋଇଯିବାରୁ ସେ ଜେଏମ୍‌ଏଫସି-୧ ଙ୍କ କୋର୍ଟରେ ଏକ ମାମଲା ଦାୟର କରିଥିଲେ। ସାକ୍ଷୀ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

OPTCL — Lifeline of Odisha

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

TENDER ALERT

1)Tender Call Notice No. 21/BBSR-DIV/2026-27: Checking and tightening of jumpers, clamps & hardware fittings of 132kV Chandaka-Nimapara Line preventive maintenance under EHT (O&M) Division, Bhubaneswar.
2)Tender Call Notice No. 22/BBSR-DIV/2026-27: Construction of 48 Nos. of pipe earthing at some locations of 132kV Chandaka-Ransinghpur-Kesura-Nimapara DC Line and 132kV Ransinghpur LILO Line & Repairing of 10 Nos. of Tower Legs at different Locations of 132kV Chandaka-Mendhasal Line under EHT (O&M) Division, Bhubaneswar.
3)Tender Call Notice No. 23/BBSR-DIV/2026-27: Sinking of 200mm x 150mm dia production well through fast drilling sophisticated rigs in hard rock areas with PVC casing pipes for 2nd Borewell provision at 132/33kV GIS S/S, Nayapalli under EHT (O&M) Division, Bhubaneswar.
4)Tender Call Notice No. 02/2026-27: Supply, Transportation, Fitting & Installation of 3 Nos. of 2 Ton Capacity Tower Air Conditioners with all necessary fittings accessories for 132/33kV SAS Grid S/S, Bhatli under EHT (O&M) Division, Barpali for use in three Nos. of Outdoor Kiosk.
5)Tender Call Notice No. 18/KHU/2026-27: Provision of earthing of towers in 220kV Atri-Pandiabili D/C line under EHT (O&M) Division, Khurda.
6)Tender Call Notice No. 19/KHU/2026-27: Repairing of 7 nos. of Stub and 42 nos. of Couping of EHT towers in 220kV Nayagarh-Mendhasal D/C line under EHT (O&M) Division, Khurda.
7)Tender Call Notice No. 20/KHU/2026-27: Painting of foundation base of structures & equipment as well as painting of earth pit chamber, Station Transformer Plinth, Oil Sump Pit etc. at GSS Chandpur under EHT (O&M) Division, Khurda.
8)Tender Call Notice No. 21/KHU/2026-27: Construction of Vehicle parking shed at 132/33kV Grid S/S, Banki under EHT (O&M) Division, Khurda.
9)Tender Call Notice No. 23/2026-27: Trimming of tree branches in different line corridors under EHT (O&M) Division, Balangir.
10)Tender Call Notice No. 24/2026-27: Construction of cable trench slab at different Grid S/S including replacement of old slab under EHT (O&M) Division, Balangir.
11)Tender Call Notice No. 25/2026-27: Replacement of damaged insulators and re-stringing of conductors in different lines under EHT (O&M) Division, Balangir.
12)Tender Call Notice No. 26/2026-27: Repairing of ACBs and MCCBs installed in ACDB at different Grid S/Ss under EHT (O&M) Division, Balangir.
13)Tender Call Notice No. 27/2026-27: Stub repairing and replacement of missing tower members from different Transmission Lines under EHT (O&M) Division, Balangir.
14)Tender Call Notice No. BRL-58/2026-27: Painting of MS Tower Structures of 132kV Rajgangpur-Kutra-Kuchinda SC Line from Loc No- 294 to 430 of 132/33kV T/L S/S S/D Rajgangpur under EHT (O&M) Division, Rajgangpur under EHT (O&M) Circle , Burla.
15)Tender Call Notice No. BRL-59/2026-27: Remetalling of 220kV RSP-1 and 220kV RSP-2 areas at 220/132kV Grid S/S, Tarkera under EHT (O&M) Division, Rourkela under EHT (O&M) Circle , Burla.
16)Tender Call Notice No. 07/2026-27: Supply & fixing of safety caution notice board at different locations of 132kV transmission lines of 132/33kV Grid S/Ss under EHT (O&M) Division,Nuapada.
17)Tender Call Notice No. 08/2026-27: Supply of 150W LED flood light (Make: Bajaj/Havells/Crompton) with complete outdoor fittings and 100W LED Street Light (Make: Bajaj/Havells/Crompton) with complete outdoor fittings for 132/33kV Grid S/S, Khariar, Kantabanji, Nuapada & Padampur under EHT (O&M) Division, Nuapada.
18)E-Tender Call Notice No. JPR-04/2026-27: Supply of different types of fire extinguishers (Ceasefire/Kanex/Safex make) for various Grid S/Ss under EHT (O&M) Division, Jayanagar & Malkangiri under EHT (O&M) Circle, Jayapur.
19)Tender Call Notice No. 06/2026-27: Supply of High resolution Binoculars (Nikon Make or equivalent) at different S/Ds under EHT (O&M) Circle, Jayapur.
20)E-Tender Call Notice No. ETCN/CTC/CLE/02 /2026-27: Procurement of 150W LED floodlights and 90W Street Lights for different Grid S/Ss under EHT (O&M) Circle, Cuttack.
21)Tender Call Notice No. 05/2026-27: Supply and installation of different type of XLPE Cable touch proof termination kit at 132/33kV GIS, Hinjili under EHT (O&M) Division, Berhampur.
22)Tender Call Notice No. 02/2026-27: Annual Contract for cleaning, up-keeping and sanitation of various office buildings and courtyards under EHT (Projects) Circle, Jajpur Road for One Year.
23)Tender Call Notice No. JSG-04/2026-27: Supply of tower identification board (GI sheet of size 14"x10") containing name of the line, Location No., Phase and Circuit alongwith GI nut & U bolt for fixing of board as per tower angle size of different 220kV & 132kV EHT lines under EHT (O&M) Division, Jharsuguda.
24)Tender Call Notice No. JSG-05/2026-27: Trimming of trees for the proposed third phase stringing of both circuits of the 132kV Brajrajnagar-RTSS Belpahar Circuit-I & II line under T/L S/D, Brajrajnagar under EHT (O&M) Division, Jharsuguda.
25)Tender Call Notice No. JSG-06/2026-27: Procurement of 8000KG of Bentonite compound and 147 Nos. of electrical insulating mat for different Grid S/Ss under EHT (O&M) Division, Jharsuguda.
26)Tender Call Notice No. 08/2026-27: Checking & tightening of jumpers of different transmission lines tension towers under jurisdiction of T/L, S/D, S/S Jayapatna under EHT (O&M) Division, Kesinga.
27)Tender Call Notice No. 09/2026-27: Supply of tools/equipment for different GSS under EHT (O&M) Division, Kesinga.
28)Tender Call Notice No. 10/2026-27: Supply of discharge cable/rope (35 Sq. mm, 10Mtrs.) for different GSS under EHT (O&M) Division, Kesinga.
29)Tender Call Notice No. RKL 09/2026-27: Construction of stainless steel name plate glow board on granite stone at all GSS under EHT (O&M) Division, Rourkela.
30)Tender Call Notice No. RKL 10/2026-27: Construction of concrete assembly/PEP talk point in S/Y of various GSS under EHT (O&M) Division, Rourkela.
31)EOI Notice No. Civil-SE/CWC-1724: Expression of Interest (EOI) from reputed experience and financially sound Architects/ Architectural Firms/ Engineering Consultants/ Consultancy Organizations for impanelment to provide architectural, engineering and allied consultancy services for various Capital Works and Repair & Maintenance (R&M) Works of OPTCL at different locations in Odisha under Civil Works Circle, Bhubaneswar.
32)Tender Call Notice No. 11/2026-27: Procurement and supply of Annuciation facia for different Grid S/S under EHT (O&M) Division, Rajgangpur.
33)Tender Call Notice No. 12/2026-27: Supply and installation of danger board marking with colour coding, uniform bay and equipment marking boards are required for various Grid S/Ss under EHT lines under EHT (O&M) Division, Rajgangpur.
34)Tender Call Notice No. 13/2026-27: Procurement and supply of silica gel, Indication lamp, different size of MCB, Fuses and Transformer breather for various Grid S/S under EHT (O&M) Division, Rajgangpur.
35)Tender Call Notice No. 14/2026-27: Procurement and supply of Discharge rod, Digital TPI, OTI, WTI for RTCC Panel,Closing coil, Tripping coil etc. for Grid S/S Kuarmunda under EHT (O&M) Division, Rajgangpur.
36)Tender Call Notice No. JSG-07/2026-27: Procurement of isolator male and female contract for 220/132/33kV Grid S/S, Budhipadar under EHT (O&M) Division, Jharsuguda.
37)Tender Call Notice No. JSG-08/2026-27: Procurement of 42Nos. of 150Watt LED street light, 30Nos. of LED Garden Post Light, 20Nos. of 2x2 LED celling Light, 40Nos. of 40Watt Batten tube light & 20Nos. of 12 Watt Celling light for 220/132/33kV Grid S/S, Budhipadar under EHT (O&M) Division, Jharsuguda.
38)Tender Call Notice No. JSG-09/2026-27: Construction of hydrant point at 220kV S/Y & Transformer kiosk area of 220/132/33kV Grid S/S, Budhipadar under EHT (O&M) Division, Jharsuguda.
39)Tender Call Notice No. 22/KHU/2026-27: Repair of couping of tower legs in 132kV Khurda-Balugaon line under EHT (O&M) Division, Khurda.
40)Tender Call Notice No. 32/BBS/2026-27: Hiring of Diesel run commercial registered 7 or 9 seater Non-AC Bolero for EHT (O&M) S/D, Argul & Chandpur under EHT (O&M) Circle, Bhubaneswar.
41)Tender Call Notice No. 33/BBS/2026-27: Hiring of Diesel run commercial registered 7 or 9 seater Non-AC Bolero for EHT (O&M) S/D, Puri under EHT (O&M) Circle, Bhubaneswar.
42)Tender Call Notice No. 34/BBS/2026-27: Supply of Tripping Coils and Closing coils required for different Grid S/S under EHT (O&M) Division, Bhubaneswar under EHT (O&M) Circle, Bhubaneswar.
43)Tender Call Notice No. 35/BBS/2026-27: Supply of Discharge rods of different voltage ratings for different Grid S/Ss under EHT (O&M) Division, Bhubaneswar under EHT (O&M) Circle, Bhubaneswar.
For more details please visit OPTCL's website: **www.optcl.co.in.** **FIPR-64/2026-27**
/optcl.odisha /optcl_odisha

ଗୋଚର ଜମିରେ ୧୪୪ ଧାରା, ଯାତ୍ରାପାର୍ଟିକୁ ଗ୍ରାମବାସୀଙ୍କ ବିରୋଧ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ଅନ୍ତର୍ଗତ ମାନପୁର ଗ୍ରାମର ଗୋଚର ଜମିରେ ୧୪୪ଧାରା ଲାଗିଥିବାବେଳେ ସେହି ଜାଗାରେ ଯାତ୍ରାପାର୍ଟି ନପଡିବା ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କୁ ଏକ ପତ୍ରମାଧମରେ ଅଭିଯୋଗ ଜଣାଇଛନ୍ତି।

ପ୍ରକାଶଯେ, ମାନପୁର ଗ୍ରାମରେ ଅନୁସୂଚିତ ଜାତିର ପ୍ରାୟ ୪୫ଘର ବସବାସ କରୁଛନ୍ତି। ସେଠାର ଏକ ଗୋଚର ଜାଗା ରହିଛି। ସେଠାରେ ପଞ୍ଚାୟତ ତରଫରୁ ଆସିଥିବା ଖେଳପଡିଆ କରିବା ପାଇଁ ଅନୁସୂଚିତ ସାହିର ବାସୀନ୍ଦାମାନେ ଚାହୁଁଥିଲେ। କିନ୍ତୁ ଉଚ୍ଚ ଜାତିର କିଛି ମୁଷ୍ଟିମେୟ ଲେକଙ୍କ ପାଇଁ ତାହା ସମ୍ଭବ ହୋଇପାରିନଥିଲା । ଯାହାଦ୍ୱାରା ଏକ



ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ କଂଟାବଣିଆ ଥାନାରେ ଏ ବାବଦରେ ମାମଲା ଦାୟାର ହେଲା ପରେ ଏହାକୁ ୧୪୪ ଧାରା ଲଗାଇଥିଲେ। ସେହି ଜାଗାରେ କେହି କିଛି କରିପାରିବେ ନାହିଁ ବୋଲି ଏକ ଶାନ୍ତି କମିଟି ଗଠନ କରାଯାଇ ନିଷ୍ପତି ନିଆଯାଇଥିଲା ।

ବର୍ତ୍ତମାନ ସେହି ଜାଗାରେ ଶାନ୍ତି କମିଟିର ନିୟମ ଭଙ୍ଗ କରି ଏକ ଯାତ୍ରାପାଟି ପକାଇବା ପାଇଁ ଯାଉଛନ୍ତି ଏବଂ କହୁଛନ୍ତି ଏହି ନାଚପାର୍ଟି ସମୟରେ ଗଣ୍ଡଗୋଳ କରି ଅନୁସୂଚିତ ଜାତି ଲୋକଙ୍କୁ ବାଡେଇବେ ବୋଲି ଧମକ ଦେଉଥିବା ପତ୍ର ମାଧମରେ ଜଣାଇଛନ୍ତି ।

ଏହା ସହିତ କହୁଛନ୍ତି ଯେ, ବାହାରୁ ଯେତେ ଲୋକ ଆସିବେ ବା ଯାତ୍ରା ସମୟରେ ଯେ କୌଣସି ଲୋକ ଗଣ୍ଡଗୋଳ କଲେ ତାହା ଅନୁସୁଚିତ ଜାତି ଲୋକଙ୍କ ନାମରେ ମିଥ୍ୟା କେଶ୍ ଦିଆଯିବ ବୋଲି ଏହି ଅଭିଯୋଗ ପତ୍ରରେ ଅନୁସୂଚିତ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି। ଏଣୁ ଉକ୍ତ ଗୋଚର ଜମିରେ ଯାତ୍ରା ପାର୍ଟି ନପଡିବା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଗୁହାରି ଜଣାଇଛନ୍ତି।

ବର୍ଷାରେ ଫିକା ପଡ଼ିଛି ଗଜଲକ୍ଷ୍ମୀ ପୂଜା, ଚିନ୍ତାରେ ଛୋଟ ବ୍ୟବସାୟୀ

ଅନୁଗୋଳ, (ସବ୍ୟୁ): ଓଡ଼ିଶାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା କହିଲେ ଢେଙ୍କାନାଳ, କେନ୍ଦ୍ରାପଡ଼ା ଓ ଅନୁଗୋଳର ନାମ ସର୍ବପ୍ରଥମେ ମନକୁ ଆସେ । ଅନୁଗୋଳର ଗଜଲକ୍ଷ୍ମୀ ପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ସହରବାସୀଙ୍କ ଭାବନା, ଆସ୍ଥା ଓ ପରମ୍ପରାର ପ୍ରତୀକ । କିନ୍ତୁ ଚଳିତ ବର୍ଷ ଲଗାତାର ବର୍ଷା ଯୋଗୁଁ ପୂଜାର ଉତ୍ସାହ ଅନେକାଂଶରେ ଫିକା ପଡ଼ିଯାଇଛି । ମାସ ମାସ ଧରି ପରିଶ୍ରମ କରି ପୂଜା ମଣ୍ଡପକୁ ସଜାଇଥିବା ପୂଜା କମିଟିର ସଦସ୍ୟମାନଙ୍କ ମନରେ ଗଭୀର ଦୁଃଖ ରହିଛି । ଯେଉଁ ଆନନ୍ଦ, ଉତ୍ସାହ ଓ ଜନସମାଗମକୁ ନେଇ ସେମାନେ ଆଶା ବାନ୍ଧିଥିଲେ, ବର୍ଷା ଯୋଗୁଁ ତାହା ପ୍ରଭାବିତ ହୋଇଛି । ଏହି ବର୍ଷାର ପ୍ରଭାବ ରାସ୍ତାକଡ଼ରେ ଦୋକାନ ଖୋଲିଥିବା ଛୋଟ ବ୍ୟବସାୟୀଙ୍କ ଉପରେ ମଧ୍ୟ ପଡ଼ିଛି । ବାହାର ଅଞ୍ଚଳରୁ ଅନୁଗୋଳକୁ ଆସିଥିବା ଖେଳନା ବିକ୍ରେତା, ଖାଦ୍ୟ ଦୋକାନୀ ଓ ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିବା ବ୍ୟବସାୟୀମାନେ ଏହି ପୂଜାରେ ଦୁଇ ପଇସା ରୋଜଗାର କରି ନିଜ ପରିବାର ଚଳାଇବାର ଆଶା ନେଇ ଆସିଥିଲେ । କିନ୍ତୁ ବର୍ଷା ଯୋଗୁଁ ଗ୍ରାହକଙ୍କ ଆଗମନ ଓ ବ୍ୟବସାୟ ପ୍ରଭାବିତ ହେବାରୁ ସେମାନଙ୍କ ମନରେ ମଧ୍ୟ ନିରାଶା ଦେଖାଦେଇଛି । ପୂଜା କେବଳ ଆଲୋକ, ସାଜସଜ୍ଜା ଓ ମନୋରଞ୍ଜନର ନାମ ନୁହେଁ ଏହା ଅନେକ ଲୋକଙ୍କ ପରିଶ୍ରମ, ଭାବନା ଓ ଜୀବିକା ସହ ଜଡ଼ିତ । ପୂଜା କମିଟିର ସଦସ୍ୟଙ୍କଠାରୁ ଆରମ୍ଭ କରି ଛୋଟ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ, ସମସ୍ତେ ଏହି ଉତ୍ସବକୁ ନେଇ ଅନେକ ଆଶା ରଖିଥାନ୍ତି । ପ୍ରକୃତିର ଏହି ପରିସ୍ଥିତି ସମସ୍ତଙ୍କ ଖୁସିକୁ କିଛି ମାତ୍ରାରେ ମଳିନ କରିଦେଇଛି । ଆମେ ମା' ଗଜଲକ୍ଷ୍ମୀଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ପାଗରେ ସୁଧାର ଆସୁ, ସମସ୍ତେ ସୁରକ୍ଷିତ ରୁହନ୍ତୁ ଏବଂ ଅବଶିଷ୍ଟ ପୂଜା ଦିନଗୁଡ଼ିକରେ ଅନୁଗୋଳ ପୁଣି ଆନନ୍ଦ, ଉତ୍ସାହ ଓ ଜନସମାଗମରେ ଭରିଉଠୁ ।

ପିପଳବାହାଲ ଗଜଲକ୍ଷ୍ମୀ ପୂଜାରେ ରାବଣ ଦରବାର

ଠାକୁରଗଡ଼, (ସବ୍ୟୁ) : ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ କିଶୋରନଗର ବ୍ଲକ୍ ଖଣ୍ଡହତା-ପିପଳବାହାଳ ଲକ୍ଷ୍ମୀପୂଜା କମିଟି ତରଫରୁ ଆୟୋଜିତ ରାବଣ ଦରବାରର ମଙ୍ଗଳବାର ଥିଲା ତୃତୀୟ ରଜନୀ । ଏଥିରେ ବିଶିଷ୍ଟ ଅଭିନେତା ଝସକେତନ ପ୍ରଧାନ ଓ ତାଙ୍କ ସାଥୀ କଳାକାର ମାନଙ୍କ ଦ୍ୱାରା ରାମ ବନବାସ ଓ ସୂପଣଖା ନାସିକା ଛେଦନ ପୌରାଣିକ ନାଟକ ମଞ୍ଚସ୍ଥ ହୋଇଥିଲା ।

ଏହି ଉତ୍ସବରେ ରାଜ ଅତିଥି ଭାବେ ବିଶିଷ୍ଟ ଆଲବମ୍ ଗାୟକ ଶକ୍ତି ମିଶ୍ର, ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ କୁମାର ମେଣ୍ଡୁଲି, ଆଠମଲ୍ଲିକ ଓକିଲ ସଂଘର ସଭାପତି ସୁଶାନ୍ତ କୁମାର ମହାପାତ୍ର, ବିଶିଷ୍ଟ ଶିକ୍ଷାବିତ ଜୟକୃଷ୍ଣ ପ୍ରଧାନ, ବୌଦ୍ଧ ମଡେଲ ଡିଗ୍ରୀ କଲେଜର ଅଧ୍ୟାପକ ପ୍ରଭୁଦତ୍ତ ହୋତା ତଥା ଆଠମଲ୍ଲିକର ପୂର୍ବତନ ନଗରପାଳ ସୁଦାମ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

ଲଙ୍କାଗଡର ପ୍ରତ୍ୟେକ ନାଗରିକ ଅନ୍ତତଃ ଗୋଟିଏ ଲେଖାଏଁ ଚାରା ଲଗାଇବାକୁ ମହାରାଜ ରାବଣ ପ୍ରଜାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କ କାହା ପାଦ ଶବଦରେ ନିଦ ଭାଙ୍ଗିଗଲା ଓ ବୟସର ରାଜ ପଥରେ ମନ ହେଲେ ବାଟବଣା ପରି ସଙ୍ଗୀତରେ ଦର୍ଶକମାନେ ଝୁମି ଉଠିଥିଲେ । ଶିଶୁ କଳାକାର ଆଦ୍ୟାଶ୍ରେଷ୍ଠା ରାଉତରାୟ, ଦୀପ୍ତିମୟୀ ସାହୁ ତଥା ସ୍ଥାନୀୟ ଆମ୍ରପାଳ ଛାତ୍ରାବାସର ଶିଶୁ କଳାକାର ଶ୍ୱେତାଲୀନ ସାହୁ ଓ ସାଥୀଙ୍କ ମନୋଜ୍ଞ ନୃତ୍ୟ ପରିବେଷଣ ବେଶ୍ ଉପଭୋଗ୍ୟ ହୋଇପାରିଥିଲା ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ବିଦୂଷକ ଭୂମିକାରେ ଅବତୀର୍ଣ୍ଣ ହୋଇ ମଞ୍ଚ ପରିଚାଳନା କରିଥିଲେ ।

ଗ୍ରାମ୍ୟ କମିଟି ନିର୍ବାଚନ: ହିମାଂଶୁ ସଭାପତି, ମିଥୁନ ସମ୍ପାଦକ

ଗୋଡ଼ିବନ୍ଧ, (ସବ୍ୟୁ) : ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକର ସମଲ ଥାନାର ଡ଼ଙ୍ଗରବେଡା ଗ୍ରାମରେ ନୂତନ ଗ୍ରାମ୍ୟ କମିଟି ନିର୍ବାଚନ ହେଇଯାଇଛି । ଚଳିତ ବର୍ଷ ଅର୍ଥାତ ୨୦୨୬-୨୭ପାଇଁ ଗ୍ରାମର ନୂତନ କମିଟିର ସଭାପତି ଭାବେ ସାମ୍ବାଦିକ ହିମାଂଶୁ ଶେଖର ଗଡ଼ନାୟକ ନିର୍ବାଚିତ ହେଇଥିବା ବେଳେ ସମ୍ପାଦକ ଭାବେ ମିଥୁନ ବେହେରାଙ୍କୁ ସର୍ବାଧିକ ସପକ୍ଷରେ ମତଦାନ ହେଇଛି ।

ଠିକ ସେହିପରି ଉପସଭାପତି



ଭାବେ ଗତିକୃଷ୍ଣ ଭୂତିଆ ଓ କୋଷାଧ୍ୟକ୍ଷ ଭାବେ ବିଜୟ ବେହେରାଙ୍କୁ ମନୋନୟନ କରାଯାଇଛି । ଗ୍ରାମର ବିଭିନ୍ନ ମୌଳିକ ସମସ୍ୟା ଓ ଗ୍ରାମବାସୀଙ୍କ ବ୍ୟକ୍ତିଗତ ବିଷୟ ଉପରେ ପ୍ରାଥମିକତା ଦିଆଯିବାକୁ ନବଗଠିତ କମିଟି ନିଜର ପ୍ରୟାସ ଜାରି ରଖିବେ ବୋଲି ଏକ ସ୍ୱରରେ ପ୍ରତିଶ୍ରୁତି ଦେଇଛନ୍ତି । ଏହି କମିଟି ଆସନ୍ତା ବର୍ଷକ ପାଇଁ କାର୍ଯ୍ୟ କରିବ ବୋଲି ଗ୍ରାମବାସୀଙ୍କ ସମୁଖରେ ନିଷ୍ପତି ହେଇଛି । ନୂତନ କର୍ମକର୍ତ୍ତାଙ୍କୁ ଗ୍ରାମବାସୀଙ୍କ ତରଫରୁ ଭବ୍ୟ ସ୍ୱାଗତ କରାଯାଇଛି ।

ମୁକ୍ତିଲାଭ କଲା ହେ ମା' ମହାଲକ୍ଷ୍ମୀ ଭଜନ



ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ ମାଧପୁର ଛକ ରେ ଅନୁଷ୍ଠିତ ହେଉଥିବା ଚୌରାଶୀ ମା ମହା ଲକ୍ଷ୍ମୀଙ୍କ ପୂଜା ଅବସରରେ ଗୀତିକାର ବିକ୍ରମ ରଣଭୋଇଁସାଙ୍କ ଦ୍ୱାରା ଲିଖିତ ନୂତନ ଭଜନ ହେ ମା ମହାଲକ୍ଷ୍ମୀ ମୁକ୍ତିଲାଭ କରିଥିଲା । ଏହି ଅବସରରେ ଅନୁଷ୍ଠିତ ମୁକ୍ତିଲାଭ ସଭାରେ ପୂଜା କମିଟି ସଭାପତି ରାମଚନ୍ଦ୍ର ମହାକୁଡ଼, ସମ୍ପାଦକ ଅଜିତ କୁମାର ଆଚାର୍ଯ୍ୟ, କୋଷାଧକ୍ଷ ଅନନ୍ତ ଚରଣ ମେହେର, ଉପଦେଷ୍ଟା ଶ୍ରୀକାନ୍ତ ମାହାର, ଆଦିତ୍ୟ ପଣ୍ଡା, ସିପୁନ କୁମାର ପ୍ରଧାନ, ଦୁଃଶାସନ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିବାବେଳେ ସୁଜିତ କୁମାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

ଭଜନର ଗୀତ ଓ କଣ୍ଠଦାନ ବିକ୍ରମ ରଣଭୋଇଁସା କରିଥିବା ବେଳେ ସଂଗୀତର ରୂପ ଦେଇଥିଲେ ବ୍ରହ୍ମା କୁମ୍ଭାର । ଏହି କାର୍ଯ୍ୟକ୍ରମରେ ରଣଭୋଇଁସାଙ୍କ କଣ୍ଠରୁ ଏହି ଭଜନ ଶୁଣି ଶ୍ରୋତା ମାନେ ଖୁସିବ୍ୟକ୍ତ କରିଥିଲେ ।

'ଅର୍ଣ୍ଣବ' ଆଣିଲା ବର୍ଷା, ଅଞ୍ଚଳ ଜଳାର୍ଣ୍ଣବ

ତାଳଚେର, (ସବ୍ୟୁ) : ବାତ୍ୟା "ଅର୍ଣ୍ଣବ' ତାର ପ୍ରକୃତ ତାଣ୍ଡବ ଭୟଙ୍କର ରୂପ ଦେଖାଇଥିବା ବେଳେ ସେଥିରୁ ବାଦ ପଡ଼ିନି ଓଡ଼ିଶା । ମଙ୍ଗଳବାର ଦିନ ଆକାଶରେ କଳା ବାଦଲ ଡାକିଁ ଆଣି ତାଳଚେର ଅଂଚଳରେ ହାଲୁକା ବର୍ଷାର ଝଲକ ଦେଖାଯାଇଥିବା ବେଳେ ୨୮ ତାରିଖ ସକାଳୁ ତୁହାକୁ ତୁହା ବର୍ଷା ଦିନ ତମାମ ଲାଗି ରହିଥିଲା । ରାସ୍ତାଘାଟ, ଦୋକାନ ବଜାର, ସାହି ଗଳିକନ୍ଦି ଗୁଡ଼ିକ ଜନଶୂନ୍ୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା । କାଁ ଭାଁ ଅତି ଜରୁରୀ କାମରେ ଲୋକେ ଯାତାୟତ କରୁଥିବା ମଧ୍ୟ ଦେଖାଯାଇଥିଲା ।



ତୁହାକୁ ତୁହା ବର୍ଷା ଯୋଗୁଁ ବିଲମାଳ, ଖାଲୁଆ ସ୍ଥାନ, ଜମି ଓ କିଛି କିଛି ରାସ୍ତାରେ ପାଣି ଜମିବା ଦୃଶ୍ୟ ପରିଲକ୍ଷିତ ହୋଇଥିଲା । ତେବେ ବାତ୍ୟା "ଅର୍ଣ୍ଣବ' ପ୍ରଭାବରେ କୌଣସି କ୍ଷୟକ୍ଷତି ହୋଇନଥିବା ବେଳେ ତୁହାକୁ ତୁହା ବର୍ଷା ଜନିତ ଲୋକେ ପଦାକୁ ବାହାରି ନଥିବା ଜଣାପଡ଼ି ।

ସାଇକେଲରୁ ପଡି ବୃଦ୍ଧ ମୃତ

କଣିହାଁ, (ସବ୍ୟୁ) : ଏନଟିପିସି ଟାଉନ ଥାନା ଅନ୍ତର୍ଗତ ରଙ୍ଗବେଡା ହଟିଂରେ ରହୁଥିବା ଅଜୟ ଚାତର (୭୦) ନାମକ ଜଣେ ବୃଦ୍ଧ ସାଇକେଲରୁ ପଡି ମୃତ୍ୟୁ ହୋଇଥିବା ଜଣାଯାଇଛି । ଏଥିନେଇ ଏନଟିପିସି ଏକ ମୋକଦ୍ଦମା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇ ତଦନ୍ତ ଜାରି ରଖିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅଜୟ ଚାତର ଗତକାଲି ତାର ଝିଅ ଘରକୁ ଯାଇ ସାଇକେଲ ଯୋଗେ ଫେରୁଥିବା ବେଳେ ନିଶାଗ୍ରସ୍ତ ଅବସ୍ଥାରେ କରଡେଇ ବ୍ରିଜ ନିକଟରେ ଏକ ପୋଲରେ ବାଡେଇ ହୋଇ ଖସି ପଡ଼ିଥିଲେ । ପରେ ଘରକୁ ଆସି ଗୁରୁତର ହେବାରୁ ଏନଟିପିସି ମେଡିକାଲ ଯାଇଥିଲେହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

ଚାଷୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ସହରର ଚାଷୀ ମାନଙ୍କ ତରଫରୁ ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିବା ଜଣା ପଡିଛି । ଦାବି ଗୁଡିକ ମଧ୍ୟରେ ମୁଖ୍ୟତଃ ଗୋଚରଜମିକୁ ଚିହ୍ନଟ କରାଯାଇ ଗୋରୁ ଚରିବା କାମରେ ଲଗା ଯିବା, ବୁଲା ଗୋରୁ ଗାଈ ମାନଙ୍କୁ ଚିହ୍ନଟ କରାଯାଇ ଗୋଶାଳା ନିର୍ମାଣ କରି ରଖିବା, ଚାଷ ଜମିକୁ ବୁଲା ଗାଇ ଗୋରୁ ମାନଙ୍କ ଠାରୁ ସୁରକ୍ଷା ଯୋଗାଇ ଦେବା, ପ୍ରଭୃତି ଦାବୀ ରହିଛି । ଦାବିପତ୍ର ଦେବା ସମୟରେ ମୁଚିରାମ ପ୍ରଧାନ, ସରୋଜ ରଣାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

ହାତୀ ଆକ୍ରମଣରେ ଜଣେ ମୃତ

ହିନ୍ଦୋଳ/ଅନୁଗୋଳ, (ସବ୍ୟୁ) : ହିନ୍ଦୋଳ ବନାଞ୍ଚଳ ବାଲିମି ଥାନା ଅନ୍ତର୍ଗତ କନ୍ତିମିଲି ଗ୍ରାମରେ ଏକ ଅଭାବନୀୟ ଘଟଣା କ୍ରମେ ବୁଧବାର ସକାଳ ସମୟରେ ଏକ ଦନ୍ତା ହାତୀ ଆକ୍ରମଣରେ ଜୈନିକ ବ୍ୟକ୍ତିଙ୍କ ମୃତ୍ୟୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଗ୍ରାମର ଅଭିରାମ ବେହେରା (୭୩) ସକାଳ ସମୟରେ ରାଶି ଚାଷ କରିଥିବା ପଡିଆକୁ ଯାଇଥିବା ସମୟରେ ଦନ୍ତା ହାତୀଟି ତାଙ୍କୁ ଟେକି ଫୋପାଡ଼ି ଦେଇଥିଲା । କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀ ଗ୍ରାମବାସୀଙ୍କ ସହ ମିଶି ଅଭିରାମଙ୍କୁ ଉଦ୍ଧାର କରି ଖଜୁରିଆକଟା ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ହିନ୍ଦୋଳ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯିବାପରେ କନ୍ତିମିଲି ଗ୍ରାମ ସ୍ମଶାନରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି । ତିନି ଦିନ ପୂର୍ବରୁ ଏଭଳି ହାତୀ ଆକ୍ରମଣରେ ନିକଟସ୍ଥ ନଣ୍ଡେଇଲୋ ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ସମୟରେ କିଛି ଦିନ ପୂର୍ବରୁ ଗନ୍ଦିଆ ବ୍ଲକରେ ମଧ୍ୟ ଚାରିଜଣଙ୍କ ମୃତ୍ୟୁ ହୋଇ ସାରିଛି ।

ଏଭଳି ଏକ ସ୍ପର୍ଶକାତର ବିଷୟରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଡିଏଫଓ ଲଳିତ କୁମାର ପାତ୍ରଙ୍କ ସହ ଆଲୋଚନା କରି ମୃତକ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହଯୋଗ ଯୋଗାଇ ଦେବାକୁ କହିବା ସହ ବିଭାଗୀୟ ମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ ସହ ମଧ୍ୟ ଫୋନରେ ବିଷଦ ଭାବେ ଆଲୋଚନା କରି ଗୋଠ ଛଡା ଦନ୍ତା କୁ କାବୁ କରିବା ସହ ସ୍ଥାନୀୟ ଜନସାଧାରଣଙ୍କୁ ସୁରକ୍ଷା ଦେବାକୁ ଆଲୋଚନା କରିଥିବା ଜଣା ପଡିଛି । ଏଭଳି ଭାବେ ହାତୀ ଆକ୍ରମଣରେ ଦିନକୁ ଦିନ ଧନ ଜୀବନ ନଷ୍ଟ ନେଇ ସାଧାରଣରେ ଅସନ୍ତୋଷ ଦାନା ବାନ୍ଧୁଛି ।

ଜନସଂଖ୍ୟା ଗଣନା ତାଲିମ କାର୍ଯ୍ୟକ୍ରମ

ଅନୁଗୋଳ, (ସବ୍ୟୁ) : ଅନୁଗୋଳର ସ୍ଥାନୀୟ ବ୍ଲାକ ଡାଇମଣ୍ଡ ପ୍ରେକ୍ଷାଳୟରେ ଦୁଇଦିନିଆ 'ପପୁଲେସନ ଏନୁମେରେସନ' ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅନୁଗୋଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରି ଜନଗଣନା ଭଳି ଏକ ଜାତୀୟ ତଥା ମହତ କାର୍ଯ୍ୟକ୍ରମକୁ ଆନ୍ତରିକତାର ସହ ନିର୍ବାହ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ଡେପୁଟି ଜନଗଣନା ଅଧିକାରୀ ତଥା ଡେପୁଟି ଜିଲ୍ଲାପାଳ ଜୟକୃଷ୍ଣ ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନଗଣନା ଅଧିକାରୀ ଦ୍ୱୟ, ଅନୁଗୋଳ, ତାଳଚେର ଓ ପାଲଲହଡାର ଉପ ଜିଲ୍ଲାପାଳ ତଥା ଉପଖଣ୍ଡୀୟ ଜନଗଣନା ଅଧିକାରୀ, ଜିଲ୍ଲାର ସମସ୍ତ ୧୦ ଜଣ ଚାର୍ଜ ଅଫିସର, ଅତିରିକ୍ତ ଚାର୍ଜ ଅଫିସର, ଜନଗଣନା ସହକାରୀ, ବୈଷୟିକ ସହକାରୀ ଗଣ ସାମିଲ ହୋଇଥିଲେ । ଜିଲ୍ଲା ଜନଗଣନା ଅପରେସନ ସେଲର ବରିଷ୍ଠ ସହାୟକ ସୁଶାନ୍ତ କୁମାର ଅମାନ୍ତ, ବୈଷୟିକ ସହାୟକ ଆଶିଷ ବେହେରା ଓ ଶ୍ରବଣ ସାହୁ ତାଲିମ ସମ୍ବନ୍ଧୀୟ ଆନୁସଙ୍ଗିକ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହାୟତା କରିଥିଲେ । ଜନଗଣନା ସମ୍ବନ୍ଧୀୟ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

ରାଜ୍ୟସ୍ତରୀୟ ପାଲଲହଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

ପାଲଲହଡା, (ସବ୍ୟୁ) : ପାଲଲହଡା ଫୁଟବଲ କ୍ଲବ ଆନୁକୂଲ୍ୟରେ ଗତକାଲିଠାରୁ ଆସନ୍ତା ୨ ତାରିଖପର୍ଯ୍ୟନ୍ତ ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ସ୍ଥାନୀୟ ଷ୍ଟାଡିଅମ ପରିସରରେ ଚାଲିଥିବା ୩୮ ତମ ରାଜ୍ୟସ୍ତରୀୟ ପାଲଲହଡା କପ ଫୁଟବଲ ଟୁର୍ନାମେଣ୍ଟର ଆଜି ଥିଲା ଦ୍ୱିତୀୟ ଦିନ । ଆଜି କଟକ ଯୁଗଜ୍ୟୋତି ଫୁଟବଲ କ୍ଲବ ପ୍ରତିଦ୍ୱନ୍ଦୀ କଲା ବନଦୁର୍ଗା ଫୁଟବଲ କ୍ଲବକୁ ୨-୦ଗୋଲରେ ପରାସ୍ତକରି ଗତକାଲି ଉଦଘାଟନୀ ମ୍ୟାଚର ବିଜେତା ସୁନ୍ଦରଗଡ଼ ଏଫସି କ୍ଲବକୁ ଆସନ୍ତାକାଲି ପ୍ରଥମ ସେମିଫାଇନାଲରେ ମୁକାବିଲା କରିବାର କାର୍ଯ୍ୟକ୍ରମ ରହିଛି । ମ୍ୟାଚକୁ ରେଫରୀ ଉତ୍କଳମଣି ବେହେରା, ସୁଜିତ ପାତ୍ର, ସଲିଳ ବେହେରା, ଚନ୍ଦନ ସାହୁ ଖେଳକୁ ପରିଚାଳନା କରିଥିବାବେଳେ ଆୟୋଜକ ପାଲଲହଡା କପର ସଭାପତି ଇଞ୍ଜିନିୟର ନୀଳାମ୍ବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମ୍ୟାଚରେ ଆଜିର ମୁଖ୍ୟ ଅତିଥିରୂପେ ସ୍ଥାନୀୟ ଡେପୁଟି କଲେକଟର ସୌମ୍ୟଶ୍ରୀ ପରିଡା, ସମ୍ମାନିତ ଅତିଥିରୂପେ ସ୍ଥାନୀୟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶି ଯୋଗଦେଇ ପୁରସ୍କୃତ କରିଥିଲେ ।

ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ବୈଠକ



ଅନୁଗୋଳ, (ସବ୍ୟୁ) : ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଅବସର ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୁର୍ନୀତି ରୋକିବା ରୋକିବା ସମସ୍ତଙ୍କ ସକ୍ରିୟ ଭୂମିକା ରହିଛି ବୋଲି ଉଲ୍ଲେଖ କରିବା ସହିତ ପ୍ରତ୍ୟେକ ଅଧିକାରୀ ଏଥିପ୍ରତି ଆତ୍ମ ଚିନ୍ତନ କରି ନିଜ କର୍ତ୍ତବ୍ୟ ସତ୍ୟନିଷ୍ଠା ସହିତ ପାଳନ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ ।

ଏହି ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମାୟାଧର ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜିବ ଲୋଚନ ପଣ୍ଡା, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ଗୌରବମୟ ପ୍ରଧାନ ଯୋଗ ଦେଇ ବ୍ୟାପକ ଜନସଚେତନତା ହିଁ ସମାଜରେ ଦୁର୍ନୀତିର ମୁଳୋତ୍ପାଟନ କରିବାରେ ସହାୟକ ହେବ ବୋଲି କହିଥିଲେ । ଉତ୍କୋଚ (ଲାଞ୍ଚ) ର ପ୍ରକୃତ ପରିଭାଷା ବର୍ଣ୍ଣନା କରି ଏହାର ଦୃଢ଼ ବିରୋଧ କରିବାକୁ ପରାମର୍ଶ ଦେଇଥିଲେ । କୌଣସି ପ୍ରକାର ଉତ୍କୋଚ ନନେଇ ନିଜର ସରକାରୀ ଦାୟିତ୍ୱ ଓ କର୍ତ୍ତବ୍ୟକୁ ନିଷ୍ଠାର ସହ ସମ୍ପାଦନ କରିବାକୁ ଅତିଥିମାନେ ଗୁରୁତ୍ୱ ଦେଇଥିଲେ । ଉପ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ସାମଲ ଯୋଗଦେଇ ଚଳିତ ବର୍ଷର ବାର୍ଷା ସାଧୁତାରୁ ସମୃଦ୍ଧି ଉପରେ ଆଲୋଚନା କରିଥିଲେ ।

ଦୁର୍ନୀତି ନିବାରଣ ସଚେତନତା ଅଭିଯାନ ପରିପ୍ରେକ୍ଷୀରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନ ଅତିଥିମାନେ ପୁରସ୍କୃତ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱ ଭୂଷଣ, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦିବ୍ୟ ସ୍ୱରୂପ ପଣ୍ଡା, ଡେପୁଟି କଲେକଟର ଜୟଜିତ ଧଳ, ଜିଲ୍ଲା ଆପାତକାଳିନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ଜିଲ୍ଲା ଶ୍ରମ ଅଧୀକାରୀ ପ୍ରିୟମ୍ବଦା ସ୍ୱାଇଁ, ଭିଜିଲାନସ ଇନିସପେକଟର ଉର୍ମିଳା ଲାକ୍ରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

ଯୁବ ରେଡକ୍ରସ କାର୍ଯ୍ୟକାରିଣୀ ସମିତି ବୈଠକ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଯୁବ ରେଡକ୍ରସର ଜିଲ୍ଲା କାର୍ଯ୍ୟକାରିଣୀ ସମିତି ବୈଠକ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ପାଠାଗାର ସମ୍ମିଳନୀ କକ୍ଷରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୫୦ଜଣ ଯୁବ ରେଡକ୍ରସ ପରାମର୍ଶଦାତା ଏବଂ ୭ ଜଣ ଅଧ୍ୟକ୍ଷ ଓ ସେମାନଙ୍କ ପ୍ରତିନିଧି ଯୋଗଦାନ କରିଥିଲେ ।

ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଯୁବ ରେଡକ୍ରସର ଅଧ୍ୟକ୍ଷ ଡ଼. ପୂର୍ଣ୍ଣଚନ୍ଦ୍ର ବାରାଳ ସଭାପତିତ୍ୱ କରିଥିଲେ । ତାଙ୍କ ଅଭିଭାଷଣରେ ସେ କହିଥିଲେ ସେବା ହେଉଛି ଆମର କର୍ତ୍ତବ୍ୟ ଓ ମାନବିକତା ହେଉଛି ଆମର ପରିଚୟ । ସେ ଯୁବ ରେଡକ୍ରସର ମୂଳ ଆଦର୍ଶକୁ ସମାଜରେ ପ୍ରତିଷ୍ଠିତ କରିବା ପାଇଁ ସମସ୍ତ ପରାମର୍ଶଦାତାଙ୍କୁ ଆହ୍ୱାନ କରିଥିଲେ । ଡ଼. ବିଭୂଦତ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ରେଡକ୍ରସର ସମାଜ ସେବାମୂଳକ କାର୍ଯ୍ୟକଳାପର ଉଚ୍ଚ ପ୍ରଶଂସା କରିଥିଲେ ।

ଜିଲ୍ଲା ସମ୍ପାଦକ ଡ଼. ଭୂପେଶ ଚନ୍ଦ୍ର ସାହୁ ଅତିଥି ଓ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇ ବୈଠକର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଡ଼.ଚିନ୍ମୟୀ ସାହୁ, ଯୁବ ରେଡକ୍ରସ ପରାମର୍ଶଦାତା, ବୈଠକର ଉଦ୍ଦେଶ୍ୟ ପାଠ କରିଥିଲେ । ଜିଲ୍ଲା ଯୁବ ରେଡକ୍ରସ ସଂଯୋଜିକା ଲୀନା ଗନ୍ତାୟତ ଜିଲ୍ଲାର ବାର୍ଷିକ କାର୍ଯ୍ୟକଳାପ ବିବରଣୀ ଉପସ୍ଥାପନ କରିଥିଲେ ।

ବୈଠକରେ ଯୋରନ୍ଦା ମେଳା ଏବଂ କପିଳାସ ଠାରେ ସ୍ୱତନ୍ତ୍ର ସମାଜସେବା ଶିବିର ଆୟୋଜନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହା ସହିତ ଚଳିତ ବର୍ଷର ଜିଲ୍ଲାସ୍ତରୀୟ ଅଧ୍ୟୟନ ଓ ପ୍ରଶିକ୍ଷଣ ଶିବିର ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜନ କରାଯିବ ବୋଲି ସ୍ଥିର କରାଯାଇଥିଲା । କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ପରାମର୍ଶଦାତା ଶୁଭାଶ୍ରୀ ରାଉତ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଯୋଜନା କରିଥିଲେ । ଶେଷରେ ଡ଼. ଚିନ୍ମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଢେଙ୍କାନାଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭ ଦିନିଆ ଶିବିର

ଢେଙ୍କାନାଳ, (ସବ୍ୟୁ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମାଜିକ ସଚେତନତା, ଗୋଷ୍ଠୀ ଉନ୍ନୟନ ଏବଂ ସ୍ୱେଚ୍ଛାକୃତ ସେବା ମନୋଭାବର ବିକାଶ ଲକ୍ଷ୍ୟରେ ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ୍ ପକ୍ଷରୁ ବିଦ୍ୟାଳୟ ପରିସରରେ ସାତ ଦିନିଆ ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦଘାଟିତ ହୋଇଯାଇଛି । ଶିବିରର ପ୍ରଥମ ଦିନରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କର ପଞ୍ଜୀକରଣ କାର୍ଯ୍ୟ ସମ୍ପନ୍ନ ହେବା ପରେ ମହାବିଦ୍ୟାଳୟ ପରିସରରେ ଏନ୍‌ଏସ୍‌ଏସ୍ ପତାକା ଉତୋଳନ କରାଯାଇଥିଲା । ଏହାପରେ ଏନ୍‌ଏସ୍‌ଏସ୍ ଶିବିରର ଷ୍ଟଲ୍ ଉଦଘାଟନ କରାଯାଇଥିଲା । ପରେ ଏକ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା ।



ଉଦଘାଟନୀ ସଭାର ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ପଙ୍କଜ କୁମାର ବାରିକ, ଜିଲ୍ଲା ଏନ୍‌ଏସ୍‌ଏସ୍ ନୋଡାଲ୍ ଅଧିକାରୀ ରବର୍ଟ ୱିଲିୟମସନ୍ ଭତ୍ରା, ପ୍ରଶାସନିକ ବର୍ସର ଭୁବନେଶ୍ୱର ମୁଦୁଲି ଏବଂ ଶିକ୍ଷାଗତ ବର୍ସର ଡ. ପଦ୍ମନାଭ ପତ୍ରି ଦୀପ ପ୍ରଜ୍ୱଳନ କରି ସଭାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଅଧ୍ୟାପକ ଓ ଅଧ୍ୟାପିକାମାନେ ଛାତ୍ରୀମାନଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱବୋଧ, ନେତୃତ୍ୱ ଗୁଣ ଏବଂ ସେବା ମନୋଭାବର ବିକାଶ କ୍ଷେତ୍ରରେ ଏନ୍‌ଏସ୍‌ଏସ୍‌ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଉଦଘାଟନୀ ସଭାରେ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ପଙ୍କଜ କୁମାର ବାରିକ ସାତଦିନିଆ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ଶିବିରରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଦୈନନ୍ଦିନ କାର୍ଯ୍ୟସୂଚୀ ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ । ସମସ୍ତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନେ ଉତ୍ସାହ ଓ ଆଗ୍ରହର ସହ ଅଂଶଗ୍ରହଣ କରିଥିଲେ ।

ଶିବିରକୁ ସଫଳ ଓ ଅର୍ଥପୂର୍ଣ୍ଣ କରିବା ପାଇଁ ସେମାନେ ନିଜର ପ୍ରତିବଦ୍ଧତା ମଧ୍ୟ ପ୍ରକାଶ କରିଥିଲେ । ଏହି ସାତଦିନିଆ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏନ୍‌ଏସ୍‌ଏସ୍‌ର ମୂଳମନ୍ତ୍ର ମୁଁ ନୁହେଁ, ତୁମେ ଭାବନାକୁ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଜାଗ୍ରତ କରିବା ଏବଂ ସମାଜ ପ୍ରତି ନିଜର ଦାୟିତ୍ୱବୋଧକୁ ହୃଦୟଙ୍ଗମ କରି ସମାଜର ଉନ୍ନତି ଓ ଜନକଲ୍ୟାଣ ଦିଗରେ କାର୍ଯ୍ୟ କରିବାକୁ ସେମାନଙ୍କୁ ପ୍ରେରଣା ଦେବା ।

ପେଟ୍ରୋଲ ପମ୍ପରେ ବିସ୍ଫୋରଣ

ଟାଙ୍କି ଫାଟି କର୍ମଚାରୀ ମୃତ, ରାସ୍ତାରୋକ

ନୀଳଗିରି,(ସବ୍ୟୁ):ନୀଳଗିରି ବାଲିଗୋହିରି ସ୍ଥିତ ସତ୍ୟସାଇ ପେଟ୍ରୋଲ ପମ୍ପରେ ବୁଧବାର ସକାଳ ପ୍ରାୟ ୯ଟା ସମୟରେ ପେଟ୍ରୋଲ ପମ୍ପ ପରିସରରେ ଥିବା ପୁରୁଣା ପେଟ୍ରୋଲ ଟାଙ୍କିକୁ ବିପିସିଲ କମ୍ପାନୀ ପକ୍ଷରୁ ଗ୍ୟାସ କଟର ସାହାଯ୍ୟରେ ଟାଙ୍କିର ଭେଲବ୍ କାଟୁଥିବା ବେଳେ ଟାଙ୍କି ଭିତରେ ଗ୍ୟାସ୍ ହୋଇ ଯିବାରୁ ଟାଙ୍କିଟି ବହୁ ଜୋର୍ ରେ ଆବାଜ୍ କରି ଫାଟି ଯାଇଥିଲା । ଟାଙ୍କିର ଗୋଟାଏ ପଟ ପ୍ଲେଟ୍ ବାହାରି ଯାଇ ନିକଟରେ ଥିବା ପେଟ୍ରୋଲ ପମ୍ପ କର୍ମଚାରୀ ରେମୁଣା ବ୍ଲକର ମୁଖୁରା ପଂଚାୟତର ବିମ୍ବୁରିଆ ଗ୍ରାମର ବୀରେନ୍ଦ୍ର ସିଂହ (୬୨)ଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଲୁହା ପ୍ଲେଟଟି ଏତେ ଜୋରରେ ଯାଇଥିବା ବେଳେ ବୀରେନ୍ଦ୍ର ସିଂହର ଶରୀର ଖଣ୍ଡ ଖଣ୍ଡ ହୋଇଯାଇଥିଲା। ପରେ ନୀଳଗିରୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜଳୁଥିବା ନିଆଁକୁ ଲିଭାଇ ଥିଲେ। ଖବର ପ୍ରଚାରିତ ହେବା ପରେ ଘଟଣା ସ୍ଥଳରେ ଶହ ଶହ ଲୋକ ରୁଣ୍ଡ ହୋଇଥିଲେ। ଖବର ପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ସମସ୍ତ ପୋଲିସ କର୍ମଚାରୀଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚି ଉତେଜନାକୁ ଆୟତ କରିଥିଲେ। ଖବର ପାଇ ମୃତକର ପରିବାର ଲୋକେ ଓ ଗ୍ରାମବାସୀ ପହଂଚି ହଙ୍ଗାମା କରିଥିଲେ। ପୋଲିସ ସେମାନଙ୍କୁ ବୁଝା ବୁଝି କରି ଖଣ୍ଡ ବିଖଣ୍ଡିତ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ନିଳଗିରି ମେଡ଼ିକାଲକୁ ନେଇଥିଲେ। ମାତ୍ର ପରିବାରକୁ ନ୍ୟାୟ ଦାବୀରେ ମର ଶରୀରକୁ ମେଡିକାଲରୁ ଫେରାଇ ଆଣି ଶେରଗଡ ନିଳଗିରି ଝରଣାଘାଟି ୧୯ନମ୍ବର ରାଜ୍ୟ ରାଜପଥ ବାଲି ଗୋହିରୀ ପେଟ୍ରୋଲ ନିକଟରେ ମର ଶରୀର ରଖି ବେଶ୍ କିଛି ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ପରେ ସ୍ଥାନୀୟ ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ, ପେଟ୍ରୋଲ ପମ୍ପ ମାଲିକଙ୍କ ଆଲୋଚନା ପରେ ମୃତକଙ୍କ ପରିବାରକୁ ପନ୍ଦର ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରଶ୍ନ ଉଠୁଛି ପୁରୁଣା ଅଏଲ୍ ଟ୍ୟାଙ୍କକୁ ନବୀକରଣ ପରେ କମ୍ପାନୀ କର୍ତ୍ତୃପକ୍ଷ ମାସ ମାସ ଧରି ପେଟ୍ରୋଲ ପମ୍ପ ପରିସରରେ ରଖିଥିଲା କଣ ପାଇଁ? ପୁରୁଣା ଅଏଲ୍ ଟ୍ୟାଙ୍କକୁ ଗ୍ୟାସ୍ କଟର୍ ଯୋଗେ କାଟୁ ଥିଲେ କଣ ପାଇଁ? ପେଟ୍ରୋଲ ପମ୍ପ ମାଲିକ ବହୁବାର ଉଠାଇବା ପାଇଁ ତାଗିଦ୍ କରିବା ପରେ ବି କଣ ପାଇଁ ନେଉ ନଥିଲେ? ବଡ ଗୁରୁତର ପ୍ରସଙ୍ଗ ହେଲା ପେଟ୍ରୋଲ ପମ୍ପ ପରିସରରେ ଗ୍ରାହକଙ୍କୁ ମୋବାଇଲ ବାରଣ କରା ଯାଇଥିବାବେଳେ ଗ୍ୟାସ୍ କଟର ଯୋଗେ କାଟିବାକୁ ଅନୁମତି ଦେଇଥିଲା କିଏ? ଆଜିର ଏହି ଅଘଟଣ ପାଇଁ ଅନେକ ପ୍ରଶ୍ନ ସାଧାରଣ ଲୋକେ ଉଠାଉ ଥିବାର ଜଣାପଡିଛି। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଭାରପ୍ରାପ୍ତ ତହସିଲଦାର ଶୁଭଶ୍ରୀ ଜେନା, ବାଲେଶ୍ୱର ଅତିରିକ୍ତ ଏସପି ଦିବ୍ୟଜ୍ୟୋତି ଦାଶ, ନୀଳଗିରି ଏସଡିପିଓ ନିର୍ମଳା ଗୋଚ୍ଛାୟତ, ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ବରମପୁର ଆଇଆଇସି ଜନ ପଟ୍ଟନାୟକ, ଖନ୍ତାପଡା ଆଇଆଇସି ଆଲୋକ କୁମାର ବେହେରା, ସଦର ଥାନା ଆଇଆଇସି ଅଜୟ ମୁର୍ମୁ ଏବଂ ୧ ପ୍ଲାଟୁନ ଫୋର୍ସ ପହଞ୍ଚି ଉତ୍ତେଜନାକୁ ଆୟତ୍ତ କରିଥିଲେ । ପରେ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ମକର୍ତ୍ତା, ସତ୍ୟସାଇ ଫିଲିଂ ଷ୍ଟେସନ ମାଲିକ ଦୀପ୍ତିକାନ୍ତ ମହାପାତ୍ର, ମୃତ ବୀରେନ୍ଦ୍ରଙ୍କ ସାନଭାଇ ଯୋଗେନ୍ଦ୍ର ନାଥ ସିଂ, ବାଲେଶ୍ୱର ଲେବର ଅଫିସର ହରି ସାମଲ, ସମାଜସେବୀ ଶିଶିର କୁମାର ରାଉତ ପ୍ରମୁଖ ଉପସ୍ଥିତଥିଲେ। ସନ୍ଧ୍ୟାରେ ସାଇନ୍‌ଟିଫିକ୍ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ଫେରିଥିବା ଜଣାପଡ଼ିଛି ।



ମହିଳାଙ୍କୁ ବଳପୂର୍ବକ ଦୁଷ୍କର୍ମ : ଅଭିଯୁକ୍ତ କୋର୍ଟ ଚାଲାଣ

କରଞ୍ଜିଆ ,(ସବ୍ୟୁ): ମୟୁରଭଞ୍ଜଜିଲ୍ଲା କରଞ୍ଜିଆ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଭୟଭୀତ କରି ବାରମ୍ବାର ବଳପୂର୍ବକ ଦୁଷ୍କର୍ମ କରିବା ଏବଂ ପରେ ଅନ୍ୟ ଜଣେ ଝିଅକୁ ବିବାହ କରିବା ଅଭିଯୋଗରେ ପୁଲିସ ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି । ଅଭିଯୋଗ ମୁତାବକ ପୀଡ଼ିତା ୨୦୨୪ ମସିହାରେ ସ୍ୱାମୀ ସହ ମହାରାଷ୍ଟ୍ରର ପୁନେସ୍ଥିତ ଏକ କୁକୁଡ଼ା ଫାର୍ମରେ କାମ କରିବାକୁ ଯାଇଥିଲା । ପ୍ରତ୍ୟେହ ସ୍ୱାମୀ - ସ୍ତ୍ରୀ ମଧ୍ୟରେ ଝଗଡାଝାଟି ହେଉଥିଲା । ଏହାରି ସୁଯୋଗରେ ଉକ୍ତ କୁକୁଡ଼ା ଫାର୍ମରେ ପୂର୍ବରୁ କାର୍ଯ୍ୟ କରୁଥିବା ମୟୁରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ତାମଳବନ୍ଧ ଗ୍ରାମର ସତ୍ୟବ୍ରତ ପାତ୍ର(୨୬) ପୀଡ଼ିତା ସହ ସମ୍ପର୍କ ସ୍ଥାପନ କରିଥିଲା । ଗତ ୨୦୨୫ ଅଗଷ୍ଟ ୧୧ ତାରିଖରେ ପୀଡ଼ିତା ନିଜର ପୈତୃକ ଘରେ ଥିବା ଏବଂ ଘରେ ପରିବାରବର୍ଗଙ୍କ ଅନୁପସ୍ଥିତିରେ ସତ୍ୟବ୍ରତ ପହଞ୍ଚି ତାକୁ ବଳପୂର୍ବକ ଦୁଷ୍କର୍ମ କରିଥିଲା ଓ ଘଟଣା ପ୍ରଘଟ ହେଲେ ଜୀବନରୁ ମାରିଦେବାର ଧମକ ଦେଇଥିଲା । ଅଭିଯୁକ୍ତ ଓ ପୀଡ଼ିତାଙ୍କ ମଧ୍ୟରେ ପୂର୍ବରୁ ସମ୍ପର୍କ ଥିବା କାରଣରୁ ପୀଡ଼ିତାର ବାପଘରେ ଅଭିଯୁକ୍ତ ୭/୮ଦିନ ରହିବା ସହ ବାରମ୍ବାର ଦୁଷ୍କର୍ମ କରିବା ପରେ ପୀଡ଼ିତା ଗର୍ଭବତୀ ହୋଇଥିଲା ଏବଂ ଗତ ଏପ୍ରିଲ୧୨ ତାରିଖରେ ଏକ ପୁତ୍ର ସନ୍ତାନ ଜନ୍ମ କରିଥିଲା । ଏହାପରେ ଅଭିଯୁକ୍ତ ସତ୍ୟବ୍ରତ ନିଜ ଗ୍ରାମକୁ ଆସିଥିବା ଖବର ପାଇ ପୀଡ଼ିତା ଗତ ଗତ ୫ ତାରିଖରେ ତା' ନିକଟକୁ ଯାଇ ଭରଣପୋଷଣ ସହ ଛୁଆର ଦାୟିତ୍ୱ ନେବା ପାଇଁ କହିଥିଲା। ମାତ୍ର ପୀଡ଼ିତାକୁ ସେ ବିବାହ କରିନଥିବା କାରଣରୁ ତାକୁ ଓ ଛୁଆକୁ ଗ୍ରହଣ କରିବା ପାଇଁ ମନାକରି ଘରୁ ତଡ଼ି ଦେଇଥିଲା। ଏହାପରେ ପୀଡ଼ିତା ବିଶୋଇ ଥାନା ଅନ୍ତର୍ଗତ ମଣଦା ଫାଣ୍ଡିକୁ ଯାଇ ଅଭିଯୋଗ ଦାଖଲ କରିବାରେ ଫାଣ୍ଡି ଅଧିକାରୀ ଏତଲା ଗ୍ରହଣ ନକରି ତାକୁ ଫେରାଇ ଦେଇଥିଲେ। ଗତ ୨୦ ତାରିଖରେ ଅଭିଯୁକ୍ତ ଅନ୍ୟ ଜଣେ ଝିଅକୁ ବିବାହ କରିଥିବା ଖବର ପାଇ ଗତ ୨୭ ତାରିଖ ମଙ୍ଗଳବାର ଦିନର କରଞ୍ଜିଆ ଥାନାକୁ ଯାଇ ୩୭୫ନଂ ରେ ଏତଲା ଦାୟର କରିଥିଲା । ଅଭିଯୋଗ ପରେ କରଞ୍ଜିଆ ଥାନା ପୋଲିସ ଅଭିଯୁକ୍ତକୁ ଗିରଫ ପରେ ବୁଧବାର ଦିନ ତାକୁ କୋର୍ଟ ଚାଲାଣ କରିଛି ।



ଅଟେଇ ଜଙ୍ଗଲରୁ ମହିଳାର କଙ୍କାଳ ଜବତ, ଜଣେ ଅଟକ

ଢେଙ୍କିକୋଟ,(ସବ୍ୟୁ):ଘଟଗାଁ ଥାନା ଅନ୍ତର୍ଗତ ସାମପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଘାଟବାଲିଜୋ ଗ୍ରାମ ନିକଟରେ ଥିବା ଅଟେଇ ସଂରକ୍ଷିତ ଜଙ୍ଗଲରୁ ଘଟଗାଁ ପୋଲିସ ଜଣେ ମହିଳାର କଙ୍କାଳ ଉଦ୍ଧାର କରିଛି । ମୃତ ମହିଳା ଜଣଙ୍କ ତ୍ରିଲୋଚନ ମହାନ୍ତଙ୍କ ସ୍ତ୍ରୀ କୁନି ମହାନ୍ତ ବୋଲି ଜଣାପଡିଛି । ଏ ସମ୍ପର୍କରେ ମଙ୍ଗଳବାର ଦିନ କୁନି ମହାନ୍ତଙ୍କ ବାପା ଚନ୍ଦ୍ରମଣି ମହାନ୍ତ ଘଟଗାଁ ଥାନାରେ ଲିଖିତ ଆକାରରେ ଜଣାଇଛନ୍ତି ।୨୦୦୯ ମସିହାରେ କୁନି ବୈଦିକ ରୀତିରେ ତ୍ରିଲୋଚନଙ୍କୁ ବିବହ କରିଥିଲ । ବିବାହର କିଛିବର୍ଷ ପରେ କୁନିକୁ ତା ସ୍ୱାମୀ ଓ ଶାଶୁ ,ଶଶୁର ନିର୍ଯାତନ ଦେଉଥିଲେ ବୋଲି କୁନିର ବାପା ପ୍ରକାଶ କରିଛନ୍ତି । ତେବେ କୁନି ଗତ ଜୁନ ମାସ ୨୧ ତାରିଖ ଠାରୁ ଶାଶୁଘର ଛାଡି କୁଆଡେ ଚାଲିଯାଇଛି ବୋଲି ଥାନାରେ ଜଣାଯାଇଥିଲା । ତେବେ ମଙ୍ଗଳବାର ଗ୍ରାମରକ୍ଷୀ ଶିବ ମହାନ୍ତ ଜଙ୍ଗଲରେ ଖେପୁରି ଓ ହାଡ଼ ପଡିଥିବାର ଖବର ଘଟଗାଁ ଥାନାରେ ଜଣାଇଥିଲେ । ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ଜେନା ଓ ଏସଡିପିଓ ପ୍ରତାପଚନ୍ଦ୍ର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ପଡିଥିବା ଖପୁରି, ହାଡ଼ ଚୁଡ଼ି , ପିନ୍ଧିବା ମାଳି ଓ ନିକଟରେ ଗୋଟିଏ ଗଛ ଡାଳରେ ପିନ୍ଧା ଶାଢ଼ୀକୁ ଜବତ କରିଥିଲେ । ତେବେ ଖପୁରି, ହାଡ଼ ଓ ଅନ୍ୟାନ୍ୟ ଜିନିଷ ମୃତା କୁନିର ବୋଲି ଜଣାପଡିଛି । କୁନିକୁ ହତ୍ୟା କରାଯାଇଛି ନା ସେ ନିଜେ ଆତ୍ମହତ୍ୟା କରିଛି ତାହା ପୋଲିସ ତଦନ୍ତ କରୁଛି । ତେବେ ଏହି ଘଟଣା ଉପରେ କୁନିର ସ୍ୱାମୀ ତ୍ରିଲୋଚନଙ୍କୁ ପୋଲିସ ଥାନାକୁ ଆଣି ଜେରା କରିବା ଆରମ୍ଭ କରିଛି । ଘଟଣାର ତଦନ୍ତ ଦାଇ୍ ଘଟଗାଁ ଥାନା ମହିଳା ସବ ଇନ୍ସପେକ୍ଟର ଗାଙ୍ଗିଆ ଲାକ୍ରାଙ୍କୁ ପ୍ରଦାନ କରାଯାଇଛି । ଆଜି ଉକ୍ତ ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ଆସି ତଦନ୍ତ ଓ ପରୀକ୍ଷା କରି ଯାଇଚନ୍ତି । ପ୍ରକୃତ ଘଟଣା କଣ ତାହା ଖୁବଶିଘ୍ର ଜଣାପଡିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

୧୩ ମାସ ଗଲାନି ୧୩କୋଟି ଟଙ୍କାରେ ନିର୍ମିତ ବୈତରଣୀ ନଦୀବନ୍ଧ

ଧସିଲା ଦେଢ଼ଶହ ଫୁଟର ପଥର ପ୍ୟାକିଂ

ଆରଡି,(ସବ୍ୟୁ): ୧୩କୋଟି ଟଙ୍କାରେ ନିର୍ମିତ ବୈତରଣୀ ନଦୀବନ୍ଧ ୧୩ମାସ ଗଲାନି। ଭଦ୍ରକ ଜିଲା ଆରଡି ନିକଟସ୍ଥ ଷାଠିବାଙ୍କୁଡା ଗାଁ ପାଖରେ ବୈତରଣୀ ନଦୀଗର୍ଭକୁ ଧସିଲା ଦେଢ଼ଶହ ଫୁଟର ପଥର ପ୍ୟାକିଂ ସୁରକ୍ଷା ବନ୍ଧ । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଧାମରା ନିକଟରେ ଅଶାନ୍ତ ହୋଇପଡିଛି ସମୁଦ୍ର। ଧାମାରା ମୁହାଣରୁ ବୈତରଣୀ ଓ ସାଳନ୍ଦୀ ନଦୀ ଦେଇ ଉଚ୍ଚ ଜୁଆର ଢେଉ ମାଡି ଆସିବାରୁ ଷାଠିବାଙ୍କୁଡା ଗାଁ ପାଖରେ ବୈତରଣୀ ନଦୀ ଗର୍ଭକୁ ଧସିଯାଇଛି ଦେଢ଼ଶହ ଫୁଟର ପଥର ପ୍ୟାକିଂ ସୁରକ୍ଷାବନ୍ଧ। ଫଳରେ ଆତଙ୍କିତ ହୋଇପଡିଛନ୍ତି ନଦୀକୂଳିଆ ଗାଁ ସହ ଆରଡି,ଓଳଗ,ସୁନ୍ଦରପୁର,ନାନ୍ଦପୁର ୪ଟି ପଞ୍ଚାୟତର ୨୪ଗାଁର ଲୋକମାନେ। ସେହିପରି ମଙ୍ଗଳବାର ରାତିରୁ ବର୍ଷା ଲାଗି ରହିଥିବାରୁ ବୈତରଣୀ ଓ ସାଳନ୍ଦୀ ନଦୀରେ ଜଳସ୍ତର ବଢିବା ସହ ଅନେକ ସ୍ଥାନରେ ନଦୀବନ୍ଧରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ତାହାସହ ଗତ କିଛିଦିନ ଧରି ବୈତରଣୀ ନଦୀର ସୁନ୍ଦରପୁର ଗାଁ ନିକଟରେ ନଦୀବନ୍ଧର ୩ଶହଫୁଟର ଫାଟ ସୃଷ୍ଟି ହେବା ସହିତ ୫ଫୁଟ ତଳକୁ ରହିଯାଇଥିଲା ମାଟିବନ୍ଧ। ଏପରି ଖବର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ପାଲ ଘୋଡ଼ା ଯାଇ ବାଲିବସ୍ତା ପକାଯାଇଛି।



ସରିଲା ଡ. ମହତାବ ମହାବିଦ୍ୟାଳୟର ଚୟନ ପ୍ରକ୍ରିୟା

ଖଇରା,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ବିବାଦ ଲାଗି ରହିଥିବା ବେଳେ ପୋଲିସ ସୁରକ୍ଷା ବଳୟ ଭିତରେ ଅତିରିକ୍ତ ତହସିଲଦାର ଗଦାଧର ସେଠୀଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ସରୋଜ କୁମାର ଲେଙ୍କାଙ୍କ ଦ୍ୱାରା ଚୟନ ହୋଇଥିବା ପ୍ରାର୍ଥୀ ଙ୍କ ନାମ ଘୋଷଣା କରାଯାଇଛି । ସଭାପତି ଭାବେ ସ୍ମୃତିରେଖା ମହାପାତ୍ର,ଉପସଭାପତି ଭାବେ ଶ୍ରଦ୍ଧା ସୁମନ ନାୟକ,ସାଧାରଣ ସମ୍ପାଦକ ଭାବେ ରାଜଶ୍ରୀ ପାତ୍ର,ସହ ସମ୍ପାଦକ ଭାବେ ଦେବବ୍ରତ ଲେଙ୍କା,ନାଟ୍ୟ ସଂସଦ ସମ୍ପାଦକ ଭାବେ ସତ୍ୟଜିତ ସାହୁ,କ୍ରୀଡା ସଂସଦ ସମ୍ପାଦକ ଭାବେ ପରେଶ ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ମନୋନୀତ ସମସ୍ତ ପ୍ରାର୍ଥୀ ଏବିଭିପିର ବୋଲି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି । ପରେ ବିଜୟୀ ପ୍ରାର୍ଥୀ ମାନେ ଯୁବନେତା ନିଳମାଧବ ପଣ୍ଡା,ପ୍ରିତିଶ ମହାପାତ୍ର,ସୁମନ୍ତ ଜେନା,ପତିତପାବନ କର,ଅଜୟ ବେହେରା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ସହ ଡିଜେ ବଜାଇ କୁପାରୀ ବଜାର ପରିକ୍ରମା କରିଛନ୍ତି । ସେପଟେ ଅଧକ୍ଷଙ୍କ ନିଷ୍ପତ୍ତି କୁ ଏକତରଫା ବୋଲି ଦର୍ଶାଇ ବିସିଜେଡି ସମର୍ଥୀତ ଛାତ୍ରୀଛାତ୍ରମାନେ ଧାରଣାରେ ବସିରହିଥିଲେ । ଖଇରା ଥାନା ଆଇଆଇସି ପ୍ରଶାନ୍ତ ଜେନାଙ୍କ ହସ୍ତକ୍ଷେପ ପରେ ଛାତ୍ରଛାତ୍ରୀ ମାନେ ଧାରଣାରୁ ଉଠିଥିଲେ । ଧାରଣାରତ ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ ଅଧକ୍ଷ ଲେଙ୍କା ନିର୍ବାଚନ ବନ୍ଦ କରି ପ୍ରଥମେ ଚୟନ କରିବାକୁ ନିଷ୍ପତ୍ତି ନେଇଥିଲେ । ୧୫ତାରିଖ ଦିନ ଏବିଭିପି ପ୍ରାର୍ଥୀଙ୍କର ନାମ ତାଲିକା ନେଇଥିବା ବେଳେ ବିସିଜେଡି ପ୍ରାର୍ଥୀଙ୍କୁ ସେମାନଙ୍କ ନାମ ତାଲିକା ଦେବାପାଇଁ ସୁଯୋଗ ଦିଆଯାଇନଥିଲା । ସରକାରଙ୍କ ଏସଓପିକୁ ଆଳକରି ଚୟନ ପ୍ରକ୍ରିୟାକୁ ଘୁଞ୍ଚାଇ ଚାଲିଥିଲେ । ଏହାକୁ କେନ୍ଦ୍ର କରି ୧୬ତାରିଖରେ ବିବାଦୀୟ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା । କଲେଜ ଖୋଲିଲେ ଗାଇଡଲାଇନ ଅନୁଯାୟୀ ସହମତିରେ କରାଯିବ ବୋଲି କୁହାଯାଇଥିଲେ ହେଁ ହଠାତ ମଙ୍ଗଳବାର କଲେଜ ଖୋଲିବା ମାତ୍ରେ ଏକତରଫା ଭାବେ ଏବିଭିପି ପିଲାଙ୍କ ନାମ ଘୋଷଣା କରାଯାଇଥିବା କହିଛନ୍ତି । ଅଧ୍ୟକ୍ଷଙ୍କୁ ଏ ସମ୍ପର୍କରେ ପଚାରିବାରେ ସେ ୧୫ତାରିଖ ଦିନ ୨ଗୋଷ୍ଠୀର ପିଲାଙ୍କ ନିକଟରୁ ଛାତ୍ର ସଂସଦ ପାଇଁ ତାଲିକା ମଗାଇଥିଲେ । ଗୋଟିଏ ଗୋଷ୍ଠୀ ଏହି ଦେଇଥିବା ବେଳେ ଅନ୍ୟଗୋଷ୍ଠୀ ଏହାକୁ ପ୍ରତ୍ୟାଖାନ କରିଥିଲେ । ସରକାରଙ୍କ ଗାଇଡଲାଇନ ଅନୁଯାୟୀ ଅଧିକାରୀମାନଙ୍କ ଉପସ୍ଥିତିରେ ଯୋଗ୍ୟତା ଭିତିରେ ପିଲାଙ୍କ ନାମ ଘୋଷଣା କରାଯାଇଛି ।

ରାଜ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷାଙ୍କ ବର୍ତ୍ତନା ଗସ୍ତ

ବାଲେଶ୍ୱର,(ସବ୍ୟୁ):ଜଳେଶ୍ୱର ଥାନା ବର୍ତ୍ତନା ଗ୍ରାମରେ ଗତ ୧୫ ।ରିଖରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣାର ସରଜମିନ ତଦନ୍ତ ଓ ସମୀକ୍ଷା କରି ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ବୁଧବାର ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀମତୀ ପାତ୍ର କହିଛନ୍ତି କି ବର୍ତ୍ତନା ଘଟଣାରେ ଆସାମୀ ଯେତେ ଶକ୍ତି ଶାଳୀ ଓ ପ୍ରଭାବଶାଳୀ ହେଲେ ମଧ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଶ୍ରୀମତୀ ପାତ୍ର ଓ ଆୟୋଗର ସଦସ୍ୟା ସୁଜାତା ନାୟକ ମୃତା ନା ବାଳିକାଙ୍କ ପରିବାର ସଦସ୍ୟ ମାନଙ୍କୁ ସାକ୍ଷାତ କରି ପୋଲିସର ଭୂମିକା ଉପରେ ପ୍ରଶ୍ନ କରିଥିଲେ । ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ସହ ଆୟୋଗର ଅଧକ୍ଷା ଓ ସଦସ୍ୟା ଏହି ପ୍ରସଙ୍ଗ ଉପରେ ଆଲୋଚନା କରି ପୀଡିତା ପରିବାର କିଭଳି ନ୍ୟାୟ ପାଇବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଏହି ଘଟଣାରେ ପୀଡିତାଙ୍କ ପରିବାରକୁ ସ୍ୱତନ୍ତ୍ର ମାମଲା ଭାବେ ଗ୍ରହଣ କରି ତୁରନ୍ତ ଅନୁକମ୍ପା ମୂଳକ ସହାୟତା ପ୍ରଦାନ ପାଇଁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

ବୈତରଣୀ ନଦୀଗର୍ଭକୁ ଭାସିଗଲା ଗଙ୍ଗାମାତା ମନ୍ଦିର

ଆରଡି,(ସବ୍ୟୁ) : ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଧାମରା ନିକଟରେ ଅଶାନ୍ତ ହୋଇପଡିଛି ସମୁଦ୍ର। ଏପରିକି ଧାମରା ମୁହାଣରୁ ବୈତରଣୀ ଓ ସାଳନ୍ଦୀ ନଦୀ ଦେଇ ମାଡି ଆସୁଛି ଉଚ୍ଚ ଜୁଆରଢେଉ। ଏହି ଜୁଆର ଢେଉ ମାଡ଼ରେ ଆରଡିପୀଠ ମୁଁଆଘାଟରେ ଜେଟି ସହ କୂଳକୁ ଲାଗି ଥିବା ମାଗଙ୍ଗାମାତାଙ୍କ ମନ୍ଦିର ବୈତରଣୀ ନଦୀ ଗର୍ଭକୁ ସମ୍ପୁର୍ଣ୍ଣ ଭାବେ ଭାସିଯାଇଛି। ତାହାସହ ଚଳିତଥର ଆସିଥିବା ବାରମ୍ବାର ବନ୍ୟାରେ ବୈତରଣୀ କୂଳ ଲଘିଂବାରୁ ମାଗଙ୍ଗାମାତାଙ୍କ ମନ୍ଦିରର ଅଧିକାଂଶ ଭାଗ ହୋଇ ଯାଇଥିବାବେଳେ କୂଳକୁ ଲାଗିକରି ଥିବା ବଡ଼ବଡ଼ ଗଛ ସହ ମଟର ଲଂଚ ଓ ଡଙ୍ଗା ଲଙ୍ଗର ପକାଇବା ପାଇଁ ଥିବା କଂକ୍ରିଟରେ ନିର୍ମିତ ଜେଟି ଧୋଇଯାଇଥିଲା। ହେଲେ ଗତ ମଙ୍ଗଳବାର ଠାରୁ ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଲାଗି ରହିଥିବାରୁ ନଦୀ ଉଚ୍ଛୁଳିବା ସହ କୂଳ ଖାଉଥିବା ସ୍ଥାନୀୟ ଲୋକ କହିଛନ୍ତି। ବିଶେଷକରି ଭଦ୍ରକ ଜିଲାର ସାଧାରଣ ଲୋକଙ୍କ ସହ ଆରଡି ପୀଠର ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସୁଥିବା ବହୁ ଶ୍ରଦ୍ଧାଳୁଭକ୍ତ ଏହି ବୈତରଣୀ ନଦୀର ମୁଁଆଘାଟ ପାରି ହୋଇ କେନ୍ଦ୍ରାପଡ଼ା ଜିଲ୍ଲାକୁ ଯାଇଥାନ୍ତି। ସେହିପରି କେନ୍ଦ୍ରାପଡ଼ା ସହ ଜଗତସିଂହପୁର,ଯାଜପୁର,କଟକ ଜିଲାର ଅଧିକାଂଶ ଅଂଚଳରୁ ପ୍ରତିଦିନ ଶହଶହ ଭକ୍ତ ଏହି ବୈତରଣୀ ନଦୀଘାଟରେ ପାର ହୋଇ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସିଥାନ୍ତି। ହେଲେ ଜେଟି ଭାସି ଯାଇଥିବାରୁ ଏବେ ମଟର ଚାଳିତ ବୋଟ ବିପଦପୂର୍ଣ୍ଣ ଭାବେ ଲଙ୍ଗର ପକାଇ ଲୋକଙ୍କୁ ପାରି କରୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ଜିଲ୍ଲା ଆଇନ ସେବା ପ୍ରାଧିକରଣର 'ସୁରକ୍ଷିତ ବଚପନ ଅଭିଯାନ'

ଭଦ୍ରକ,(ସବ୍ୟୁ) : ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ 'ସୁରକ୍ଷିତ ବଚପନ' ଅଭିଯାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଜିଲ୍ଲା ଦୌରାଜର୍ଜ ତଥା ଆଇନସେବା ପ୍ରାଧିକରଣର ଅଧକ୍ଷ ଲଲାଟେନ୍ଦୁ ଜେନା କାଯ୍ୟକ୍ରମକୁ ଉଦଘାଟନ କରି ଆଜିର ପୋକ୍ସ ଆଇନ କିପରି ଶିଶୁମାନଙ୍କ ସୁରକ୍ଷା ପାଇଁ କାର୍ଯଯ କରୁଛି ଆଇନିର ଦିଗ ଗୁଡିକ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମର ଆବାହକ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ,ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ମନୋଜ ଦାସ ମହାପାତ୍ର,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ,ସାମାଜିକ ଶିଶୁ ଆଇନ ଅଧିକାରୀ ସୁବ୍ରତ ଦାସ ଏବଂ ପୟାନେଲ ଅଧିବକ୍ତା ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ଓ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଶାନ୍ତ କୁମାର ଖିଲାର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା,୨ୟ କିରନ ପୁହାଣ ତୃତୀୟ ସ୍ଥାନରେ କୃତିତ୍ୱ ଅର୍ଜନ କରିଥିବା ସତ୍ୟଜିତ ଖିଲାରଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଉପସ୍ଥିତ ଅତିଥି ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶିକ୍ଷକ ଜିତେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରାଯାଇଥିଲା।

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜଳେଶ୍ୱର, (ସବ୍ୟୁ) :୫ ଦଫା ଦାବିରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଜଳେଶ୍ୱର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦିପିକା ଜେନା ଗଣ ଦୁଷ୍କର୍ମ, ହତ୍ୟାର ବିଚାର ବିଭାଗୀୟ ତଦନ୍ତ, ନାମ୍ପୋ ଫାଣ୍ଡି ଅଧିକାରୀ କରଣ ମାରାଣ୍ଡିଙ୍କୁ ଗିରଫ, ଫାଣ୍ଡିର ସମସ୍ତ କର୍ମଚାରୀଙ୍କୁ ବଦଳି, ପିଡିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ପ୍ରଦାନ, ଜଳେଶ୍ୱରରେ ଜଣେ ଦକ୍ଷ ଆଇପିଏସ ଅଧିକାରୀ ନିଯୁକ୍ତି ଦାବିରେ ଜଳେଶ୍ୱର ଥାନା ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ସମିତି କେନ୍ଦ୍ର ନେତ୍ରୀ ତାପସୀ ପ୍ରହରାଜ, ଜିଲ୍ଲା କମିଟି ସଂପାଦକ ସ୍ନେହଲତା ପଣ୍ଡା, ବରିଷ୍ଠ ନେତା ଦିଲ୍ଲିପ ଗିରିଙ୍କ ନେତୃତ୍ୱରେ ବହୁ ମହିଳା ନେତ୍ରୀ ତଥା କର୍ମୀ ଯୋଗ ଦେଇଥିଲେ।

କୁକୁର କାମୁଡାରେ ଛାତ୍ରୀ ଗୁରୁତର

ସୋର,(ସବ୍ୟୁ): ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ଗଞ୍ଜ ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀଙ୍କୁ ସ୍କୁଲ ପରିସରରେ କୁକୁର କାମୁଡିବାରୁ ଛାତ୍ରୀ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ଏହି ସ୍କୁଲରେ ପୁଥିବା ଷଷ୍ଠ ଶ୍ରେଣୀର ଛାତ୍ରୀ ଜଣଙ୍କ ପାଣି ପିଇବାକୁ ସ୍କୁଲ ପରିସରରେ ଥିବା ଟିଓ୍ୱେଲ ପାଖକୁ ଯାଇଥିବା ବେଳେ ସେଠାରେ ବୁଲୁଥିବା ଏକ ପାଗଳା କୁକୁର ତାଙ୍କୁ କାମୁଡି ରକ୍ତାକ୍ତ କରିଥିଲା। ତୁରନ୍ତ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଛାତ୍ରୀଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଛାତ୍ରୀ ଜଣଙ୍କ ଘରକୁ ଫେରିଥିବା ଜଣାପଡିଛି।

ଭାଲୁ ଆକ୍ରମଣରେ ୨ ଗୁରୁତର

ନୀଳଗିରି ,(ସବ୍ୟୁ) :ଭାଲୁ ଆକ୍ରମଣରେ ଦୁଇ ଜଣ ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୁଚନା ଅନୁସାରେ ମିରିଗିଣି ଜାଉରି ଗ୍ରାମର ଲମ୍ବୋଦର ସିଂ (୪୫) ସକାଳେ ଶୌଚ ପାଇଁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ଅତର୍କିତ ଆକ୍ରମଣ କରିବା ଫଳରେ ପିଠିରେ ଗଭୀର ଆଘାତ ଲାଗିଥିବାର ଦେଖିବାକୁ ମିଳିଛି। ପରିବାର ଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ସେହିପରି ଜଡ଼ିଦା ପଞ୍ଚାୟତର ଜଗନ୍ନାଥପୁର ଜକୋ ନଣ୍ଡା ଗ୍ରାମର ସୁଶାନ୍ତ ପୃଷ୍ଟି (୫୦) ଫୁଲ ତୋଳିବାକୁ ଆସିଥିବା ବେଳେ ହଠାତ୍ ଏକ ଭାଲୁକୁ ଦେଖି ଏକ ଗଛ ଉପରକୁ ଚଢ଼ି ଯାଇଥିଲା। ମାତ୍ର ଗଛର ଡ଼ାଳ ଭଙ୍ଗୀ ଯିବାରୁ ତଳେ ପଡ଼ି ଯିବାରୁ ତାର କମର ରେ ଗଭୀର ଆଘାତ ଲାଗିଥିବା ବେଳେ ପରିବାର ଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ଦୁଇ ଜଣ ଚିକିତ୍ସିତ ହେଉଥିବାର ଦେଖିବାକୁ ମିଳିଛି। ବନ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରିବା ପାଇଁ ପରିବାର ଲୋକେ ଦାବି କରିଛନ୍ତି।

ଲକ୍ଷ୍ମୀପୂଜା ମଣ୍ଡପ ବୁଲିଲେ ବିଧାୟକ ସଞ୍ଜୀବ ମଲ୍ଲିକ

ଆଗରପଡ଼ା,(ସବ୍ୟୁ) :ଆଗରପଡ଼ାରେ ପ୍ରତିବର୍ଷ ପରି ଚଳିତବର୍ଷ ମାଲକ୍ଷ୍ମୀଙ୍କ ପୂଜା ଉତ୍ସବ ମହାଆଡମ୍ବରରେ ପାଳିତ ହେଉଅଛି। କୁଆଁଶମଡ଼ିଆ ଛକ,ଗଡ଼ଗଡି ଛକ,ମହତାବ ଛକ ସମେତ ରାଉତରାପୁର,ପାଟକନା ଆଦି ଗ୍ରାମରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି। ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକମାଳା ପ୍ରତି ମଣ୍ଡପରେ ଶୋଭା ପାଉଛି। ଭଜନ,କୀର୍ତ୍ତନ ଧ୍ୱନୀରେ ଏହି ପୂଜା ମଣ୍ଡପ ମାନଙ୍କରେ ଅପୂର୍ବ ଧାର୍ମିକ ପରିବେଶ ସୃଷ୍ଟି ହୋଇଛି। ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ମାଲକ୍ଷ୍ମୀଙ୍କୁ ଦର୍ଶନ କରି ଆଶୀଷ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଯେନା,ଜିଲ୍ଲା ବିଜେଡ଼ି ଉପସଭାପତି ପ୍ରଶାନ୍ତ ଦାଶ,ସମ୍ପାଦକ ଅଶୋକ ପାଣିଗ୍ରାହୀ,ରାଜ୍ୟ ଛାତ୍ର ସମ୍ପାଦକ ଚିନ୍ମୟ ଦାସ,ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି,ଜିଲ୍ଲା ଯୁବ ଉପସଭାପତି ପ୍ରଦ୍ୟୁମ୍ନ ପୁହାଣ,ଯୁବନେତା ଜୟଦେବ ସିଂହ,ପୁରୁଷୋତ୍ତ ପଞ୍ଚାୟତ ବିଜେଡି ସଭାପତି ବିଷ୍ଣୁଚରଣ ସାହୁ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ।

ମଦ ଜବତ୍, ଜଣେ ଗିରଫ

ଆଗରପଡ଼ା,(ସବ୍ୟୁ): ବିପୁଳ ପରିମାଣରେ ବିନା ଲାଇସେନ୍ସ ପ୍ରାପ୍ତ ବାଣକୁ ମଙ୍ଗଳବାରଦିନ ଜବତ୍ କରିବା ପରେ ବୁଧବାର ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ ଚୋରା ବିଦେଶୀ ମଦ ଜବତ୍ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଏହି ସଂପର୍କରେ ସେ ଥାନା କେସ ନଂ୨୩୪/୨୬ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। କୌଣସି ସୂତ୍ରରୁ ଖବରପାଇ ଥାନାଧିକାରୀ ବିଟିପୁର ସ୍ଥିତ ଧୋବାସାହୀରେ ଅତର୍କିତ ଚଢ଼ାଉ କରିଥିଲେ। ୮.୭୩୦ ଲିଟର ବିଦେଶୀ ମଦ ଜବତ୍ ହେବା ସହ ଏଥିରେ ସଂପୃକ୍ତ ଦିପୁନ ସେଠୀଙ୍କୁ ଗିରଫ କରାଯାଇଥିବାର ଥାନାଧିକାରୀ ଶ୍ରୀସେଠୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି।

ରୋଗୀ ୱାର୍ଡରେ ପଶିଲା ବର୍ଷା ପାଣି

ଆଗରପଡ଼ା,(ସବ୍ୟୁ) : ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାଣ ବର୍ଷା ହେବାରୁ ଆଗରପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ ୱାର୍ଡରେ ପାଣି ପଶିଲା। ଏଥିପାଇଁ ଚିକିତ୍ସାଧୀନ ରୋଗୀମାନଙ୍କୁ ମେଡିକାଲ କର୍ତ୍ତୃପକ୍ଷ ଡିସଚାର୍ଯ ଓ ଅନ୍ୟ ମେଡିକାଲକୁ ରେଫର କରିଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ନିର୍ମିତ ୩ମହଲା ବିଶିଷ୍ଟ ଗୃହ ଉଦଘାଟନ ହୋଇ ନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ରୋଗୀ ୱାର୍ଡ ଉପର ତାଲା ଗୃହ ନିର୍ମାଣାଧୀନ ରହିଛି। ପାହାଚ ଦେଇ ରୋଗୀ ୱାର୍ଡକୁ ପାଣି ନିର୍ଗତ ହେବାରୁ ଏହି ୱାର୍ଡ ସଂପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ମୁଖ୍ୟ ଫାଟକ ପ୍ରବେଶ ରାସ୍ତାରେ ଜଳ ନିଷ୍କାସନ ପାଇଁ ସୁବ୍ୟବସ୍ଥା ନଥିବାରୁ ଏଠାରେ ଆଣ୍ଠୁଏ ଲେଖାଁଏ ପାଣି ଲହଡ଼ି ଭାଙ୍ଗୁଛି। ଯଦ୍ଦ୍ୱାରା ରୋଗୀ ଓ କର୍ମଚାରୀମାନେ ପାଣିରେ ପଶି ମେଡିକାଲକୁ ଯାଆ-ଆସ କରୁଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବୀ ହେଉଛି।

ଆରଡ଼ି ଛକ ରାସ୍ତା ମରାମତି ଦାବିରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରାଉ

ଭଦ୍ରକ,(ସବ୍ୟୁ):ଭଦ୍ରକ-ଆଖଣ୍ଡଳମଣୀ ରାସ୍ତାର ଆରଡ଼ିଛକ ନିକଟରେ ରାସ୍ତା ଦୀର୍ଘ ଦିନ ଧରି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏହାର ପ୍ରତିବାଦରେ ଶତାଧିକ ଲୋକେ ଏକତ୍ରିତ ହୋଇ ଭଦ୍ରକ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗେଟ୍ ବନ୍ଦ କରି ସେମାନେ ନାରାବାଜି କରିବା ସହ ଧାରଣାରେ ବସିଥିଲେ। ବିପର୍ଯ୍ୟସ୍ତ ରାସ୍ତା କାରଣରୁ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟିବା ସହ ଅତ୍ୟଧିକ ଧୂଳି ଉଡୁଥିବାରୁ ଲୋକମାନଙ୍କ ଯାତାୟତରେ ବହୁ ଅସୁବିଧା ହେଉଛି। ସେହିପରି ବର୍ଷାଦିନେ ପାଣି ନିଷ୍କାସନ ହୋଇନପାରି ରାସ୍ତା ଉପରେ ଜମି ରହୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ରାସ୍ତାର ମରାମତି କରିବା ସହ ପାଣି ନିଷ୍କାସନ କରିବାକୁ ପ୍ରାଚୀନଗର ବାସିନ୍ଦା ଅଶୋକ କୁମାର ପରିଜା,ବୀରେନ୍ଦ୍ର କୁମାର ପୁହାଣ ପ୍ରମୁଖ ଦାବି କରିଛନ୍ତି। ଘଟଣା ସ୍ଥଳରେ ଟାଉନ ପୋଲିସ ମୁତୟନ ରହିଥିବାବେଳେ ଅଧିକ୍ଷଣ ଯନ୍ତ୍ରୀ ଧାରଣାକାରୀଙ୍କ ସହ ଆଲୋଚନା କରି ଖୁବଶୀଘ୍ର ରାସ୍ତା ମରାମତି ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ବର୍ତ୍ତନାରେ ରାଜ୍ୟ ମହିଳା ଆୟୋଗ ଅଧକ୍ଷା

ବାଲେଶ୍ୱର,(ସବ୍ୟୁ): ।ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି ନିଜ ଟିମ ସହ ଜଳେଶ୍ୱରର ବର୍ତ୍ତନା ଗ୍ରାମକୁ ଯାଇ ଦୁଷ୍କର୍ମ ଓ ହତ୍ୟା ଘଟଣା ଉପରେ ସରଜମିନ ତଦନ୍ତ କରିବା ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଘଟଣା ଉପରେ ଆଲୋଚନା କରିଥିଲେ। ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣା ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି। ମହିଳା ଆୟୋଗର ଅଧକ୍ଷା ଶ୍ରୀମତୀ ମହାନ୍ତି ଏହି ପ୍ରସଙ୍ଗରେ କହିଥିଲେ କି, ପୀଡିତା ନାବାଳିକାର ପରିବାର ଲୋକ ମାନେ ଘଟଣା ପରେ ଭୟଭୀତ ଅବସ୍ଥାରେ ରହିଛନ୍ତି। ପୀଡିତାଙ୍କର ତିନି ଭଉଣୀ ଏବେ ଘରୁ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନ, ବର୍ତ୍ତନା ଗ୍ରାମରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବା, ତୁରନ୍ତ ପୋଷ୍ଟ ମର୍ଟମ ରିପୋର୍ଟ ପ୍ରଦାନ, ଅଭିଯୁକ୍ତ ସହ ଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା, ଅଭିଯୁକ୍ତମାନଙ୍କ ବିରୋଧରେ ଇଲେକ୍ଟ୍ରୋନିକସ ପ୍ରାମାଣିକ ତଥ୍ୟ ସଂଗ୍ରହ କରିବା ଏବଂ ପୀଡିତାଙ୍କ ପରିବାରକୁ ପ୍ରାକ ଅନୁକମ୍ପା ମୂଳକ ସହାୟତା ପ୍ରଦାନ ଉପରେ ଆରକ୍ଷୀ ଅଧିକ୍ଷକଙ୍କ ସହ ଆଲୋଚନା କରାଯାଇଥିଲା ବୋଲି ଆୟୋଗର ଅଧକ୍ଷା ଶ୍ରୀମତୀ ମହାନ୍ତି ଗଣମାଧ୍ୟମକୁ କହିଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟମହିଳା ଆୟୋଗର ସଦସ୍ୟା ପ୍ରତିଭା ଶତପଥୀ ଓ ଆୟୋଗ ର ଡି ଏସ ପି ବିଜୟିନୀ ସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ।



ପ୍ରଜାପିତା ବ୍ରହ୍ମାକୁମାରୀ ଗୀତା ପାଠଶାଳାରେ ବିଶ୍ୱ ନବନିର୍ମାଣ କାର୍ଯ୍ୟକ୍ରମ

ବେତନଟୀ ,(ସବ୍ୟୁ):ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ ବିଦ୍ୟାଳୟ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ଭ୍ରାତା ବ୍ରହ୍ମାକୁମାର ଭଗବାନ ଭାଇଙ୍କ ତୃତୀୟ ପୂଣ୍ୟ ସ୍ମୃତି ଦିବସ ବୈଶିଙ୍ଗା ଥାନା ଅଧୀନ ପତଡ଼ା ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଗୀତା ପାଠଶାଳାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦ୍ୱିଦିବସୀୟ କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଜାଗୃତି ଦ୍ୱାରା ବିଶ ନବନିର୍ମାଣ କାର୍ଯ୍ୟକ୍ରମ ଉଦଘାଟିତ ହେବା ସହ ଜାତୀୟ ସ୍ତରୀୟ ଏବଂ ବ୍ଲକ ସ୍ତରୀୟ ବିଭିନ୍ନ କୃତୀ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ବରିଷ୍ଠ ରାଜଯୋଗିନୀ ତଥା ଭୁବନେଶର ୟୁନିଟ-୮ ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମା କୁମାରୀ ଦୁର୍ଗେଶ ନନ୍ଦିନୀ ଭଉଣୀ ମୁଖ୍ୟ ଆକର୍ଷଣ ଭାବେ ଯୋଗ ଦେଇଥିଲେ । ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସେବାକେନ୍ଦ୍ରର ଶତାଧିକ ବ୍ରହ୍ମାବତ୍ସଳ ରବିବାର ସେବା ସ୍ଥଳରେ ପହଞ୍ଚି ବିଶ୍ୱ ଶାନ୍ତି ନିମନ୍ତେ ରାଜଯୋଗ କରିଥିଲେ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀଙ୍କ ୫୦ ବର୍ଷରୁ ଉର୍ଦ୍ଧ ସାଧନା ଏବଂ ସେବାର ସଫଳତା ପାଇଁ ସମସ୍ତ ବ୍ରହ୍ମାବତ୍ସଳଙ୍କ ଉପସ୍ଥିତରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ଭାବେ ବରିଷ୍ଠ ରାଜଯୋଗିନୀ ବ୍ରହ୍ମାକୁମାରୀ ଦୁର୍ଗେଶନନ୍ଦିନୀ ଭଉଣୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶାର ପୂର୍ବତନ ଲୋକାୟୁକ୍ତ ସଦସ୍ୟ ଡଃ ଦେବବ୍ରତ ସ୍ୱାଇଁ , ବୈଶିଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବିରେନ୍ଦ୍ର ବେହେରା, କେସିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡଃ. ମନ୍ଦାକିନୀ ସାହୁ , ଶିକ୍ଷାବିଭାଗର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ତଥା ବରିଷ୍ଠ ଭ୍ରାତା ଚନ୍ଦ୍ରମୋହନ ଭାଇ , ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ହରିହର ଦାସ , ପୁରୀ ସ୍ଥିତ କାକଟପୁର ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ କୁନ୍ତଳା ଭଉଣୀଙ୍କ ସହିତ ଅନ୍ୟ ବରିଷ୍ଠ ଭାଇ ଭଉଣୀମାନଙ୍କ ଉପସ୍ଥିତିରେ ଦୀପ ପ୍ରଜ୍ଜଳନ କରାଯାଇ ଶୁଭ ଉଦଘାଟନ କରାଯାଇଥିଲା । ଉପସ୍ଥିତ ସମସ୍ତ ଅତିଥିଙ୍କ ସହିତ ବରିଷ୍ଠ ଭାଇ ଏବଂ ଭଉଣୀମାନେ ଦିବଂଗତ ଭଗବାନ ଭାଇଙ୍କ ଉଦ୍ଦେଶ୍ୟରେ ପ୍ରେରଣା ସ୍ତମ୍ଭଠାରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ସ୍ତୁତିଚାରଣ ମଧ କରିଥିଲେ । ପରିଶେଷରେ ଜାତୀୟ ସ୍ତରୀୟ ତଥା ବ୍ଲକ ସ୍ତରୀୟ ବିଭିନ୍ନ ବର୍ଗର ୪୨ କୃତୀ ପ୍ରତିଭା ମାନଙ୍କୁ ପ୍ରେରଣା ସ୍ତମ୍ଭ ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦୁଝର ,(ଜିପ୍ର) :କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ ଠାରେ ଭାରତର ଜନଗଣନା ୨୦୨୭ ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀମାନଙ୍କର ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଚମ୍ପୁଆ ଉପଜିଲ୍ଲାପାଳ ସୁବୋଧଦର୍ଶୀ ଯୋଶୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜନଗଣନା ସମ୍ପର୍କିତ ବୃନ୍ଦ ଉପସ୍ଥିତ ଥିଲେ।ପ୍ରଶିକ୍ଷଣ ଶିବିରରେ ଭାରତ ସରକାରଙ୍କ ଜନଗଣନା ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ ସମ୍ପାଦନ, ତଥ୍ୟ ସଂଗ୍ରହ ପ୍ରକ୍ରିୟା, ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ଆଗାମୀ ଜନଗଣନା କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଗଣନା ମାତ୍ର ସଂଖ୍ୟା ନୁହେଁ, ଜନଗଣନାକୁ ଜନକଲ୍ୟାଣ ଲକ୍ଷ୍ୟ ନେଇ ସଠିକ ଓ ନିର୍ଭୁଲ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଆରୋପ କରାଯାଇଛି।ଜିଲ୍ଲାର ଜନଗଣନା କାର୍ଯ୍ୟକୁ ସଫଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।



ସମ୍ପାଦକୀୟ

କୋଟିଆ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ୋକ୍ତି

କୋଟିଆ, ଯାହା କୋରାପୁଟ ଜିଲ୍ଲାରେ ଅଛି ଏବଂ ଆନ୍ଧ୍ରପ୍ରଦେଶ ତାହାକୁ ଅକ୍ତିଆର କରିବାକୁ ଚାହୁଁଛି, ସେ ବିଷୟରେ ରାଜ୍ୟର ବିଗତ ଶାସନର ମୁଖ୍ୟମନ୍ତ୍ରୀ ଓ ଏବର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ଚିଠିର ଉତ୍ତର ଦେଇ ଏବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ତାର ସହିତ ଉତ୍ତର ଦେଇଛନ୍ତି, '୧୯୩୬ ମସିହାରୁ କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ରହିଆସିଛି ଓ ରହିବ । ରାଜ୍ୟ ସରକାର ଓଡ଼ିଶାର ସ୍ୱାର୍ଥ, ସାର୍ବଭୌମତ୍ୱ, ଭୌଗୋଳିକ ଅଖଣ୍ଡତା ଓ ନ୍ୟାୟ ସଙ୍ଗତ ସ୍ୱାର୍ଥ ରକ୍ଷା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି ।'

ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କର ଏ ସଂକ୍ରାନ୍ତରେ ଲିଖିତ ପତ୍ର ରାଜନୀତିକ ଦୃଷ୍ଟିକୋଣରୁ ଉପସ୍ଥାପନ କରାଯାଇଛି ବୋଲି ମଧ୍ୟ ଏବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଚିଠିର ଜବାବରେ ଉଲ୍ଲେଖ କରିଛନ୍ତି । ଏହା ଅନେକ ଦୃଷ୍ଟିରୁ ସତ ବୋଲି ମନେ ହୋଇଥାଏ । ଅତୀତରେ ଓଡ଼ିଶା ରାଜ୍ୟ ଗଠନ ସମୟରୁ ଦୀର୍ଘଦିନ ଧରି କଂଗ୍ରେସ ଦଳ ଶାସନ କ୍ଷମତାରେ ଥିଲେ ମଧ୍ୟ ଓଡ଼ିଶାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଷଢ଼େଇକଳା ଓ ଖରସୁଆଁକୁ ନିଜ ରାଜ୍ୟ ମଧ୍ୟରେ ସାମିଲ କରିପାରି ନଥିଲେ । ଏପରିକି ଜୟପ୍ରକାଶ ନାରାୟଣଙ୍କ ପରି ଭାରତର ଜଣେ ବରପୁତ୍ର ଓ 'ସମ୍ପୂର୍ଣ୍ଣ କ୍ରାନ୍ତି' ଆନ୍ଦୋଳନର ପ୍ରବର୍ତ୍ତକ ମଧ୍ୟ କହିଥିଲେ ଯେ ଷଢ଼େଇକଳା ଓ ଖରସୁଆଁ ପରି ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ ଓଡ଼ିଶାରେ ମିଶିବା ଉଚିତ । ଏ କଥା ସେ ଷଢ଼େଇକଳାର ଏକ ଜନସଭାରେ ପ୍ରକାଶ କରିଥିଲେ । ଅତୀତରେ ଓଡ଼ିଶା ବିଧାନସଭାରେ ଏ ନେଇ ଘମାଘୋଟ ଆଲୋଚନା ଚାଲିଥିଲା ବେଳେ ତତ୍କାଳୀନ ସୋସିଆଲିଷ୍ଟ ପାର୍ଟିର ବିଧାୟକ (ପୂର୍ବତନ ମନ୍ତ୍ରୀ) ବାଙ୍କ ବିହାରୀ ଦାସ ମଧ୍ୟ ବିଧାନସଭାରେ ଏ କଥା ପ୍ରକାଶ କରିଥିଲେ । ବାଙ୍କବାବୁ ଆଜି ଆମ ଗହଣରେ ନାହାନ୍ତି ।

> ଅତୀତରେ ଅନେକ ଉଦାହରଣରୁ ମନେହେବ ଯେ ତତ୍କାଳୀନ କଂଗ୍ରେସ ଓ ଅଣକଂଗ୍ରେସ ବିଜେଡି ସରକାର ମଧ୍ୟ ଓଡ଼ିଶାର ସ୍ୱାର୍ଥ ପ୍ରତି ଆଖି ବୁଜିଦେଇଥିଲେ । ପୂର୍ବେ ଜୟପୁର ରାଜ୍ୟ ଓଡ଼ିଶାରେ ମିଶିଯିବା ପରେ ମଧ୍ୟ ଜୟପୁର ରାଜ୍ୟର 'ବୋରାମୁଠା' ଅଞ୍ଚଳ ଯେଉଁଠି ତେରଟି ଗ୍ରାମ ଥିଲା, ଜମିଦାରୀ ଉଚ୍ଛେଦ ୧୯୫୨ରେ ହେବା ପର୍ଯ୍ୟନ୍ତ, ୨୫ ଟଙ୍କାର ଖଜଣା ଜୟପୁର ରାଜ୍ୟ ବୋରାମୁଠା ଅଞ୍ଚଳରୁ ଆଦୟ କରିଆସୁଥିଲେ । ଯେଉଁ ତେରଟି ଗ୍ରାମ ବୋରାମୁଠାରେ ଥିଲା, ସେଗୁଡ଼ିକ ହେଉଛି ବୋର, ଗେଟୁ ବାଲସା, ନିନିମାମିଡି, ପେଦୁର, ପୁପୁଗୁଡ଼ା, ଚିତ୍ରବେଢ଼ା, ଡେକାପୁରମ, କୁଣ୍ଡିଆ ସମିତି, ଏଗୁବାମିଡି ଭାଲାସା, କୋଇଟିଗୁଡ଼ା, ଲିଡାଙ୍ଗି, ଜିରୁଗେଡ଼ା ଓ ବୋଡିଲିବୋଡ଼ି ।

ଅତୀତରେ ଅନେକ ଉଦାହରଣରୁ ମନେହେବ ଯେ ତତ୍କାଳୀନ କଂଗ୍ରେସ ଓ ଅଣକଂଗ୍ରେସ ବିଜେଡି ସରକାର ମଧ୍ୟ ଓଡ଼ିଶାର ସ୍ୱାର୍ଥ ପ୍ରତି ଆଖି ବୁଜିଦେଇଥିଲେ । ପୂର୍ବେ ଜୟପୁର ରାଜ୍ୟ ଓଡ଼ିଶାରେ ମିଶିଯିବା ପରେ ମଧ୍ୟ ଜୟପୁର ରାଜ୍ୟର 'ବୋରାମୁଠା' ଅଞ୍ଚଳ ଯେଉଁଠି ତେରଟି ଗ୍ରାମ ଥିଲା, ଜମିଦାରୀ ଉଚ୍ଛେଦ ୧୯୫୨ରେ ହେବା ପର୍ଯ୍ୟନ୍ତ, ୨୫ ଟଙ୍କାର ଖଜଣା ଜୟପୁର ରାଜ୍ୟ ବୋରାମୁଠା ଅଞ୍ଚଳରୁ ଆଦୟ କରିଆସୁଥିଲେ । ଯେଉଁ ତେରଟି ଗ୍ରାମ ବୋରାମୁଠାରେ ଥିଲା, ସେଗୁଡ଼ିକ ହେଉଛି ବୋର, ଗେଟୁ ବାଲସା, ନିନିମାମିଡି, ପେଦୁର, ପୁପୁଗୁଡ଼ା, ଚିତ୍ରବେଢ଼ା, ଡେକାପୁରମ, କୁଣ୍ଡିଆ ସମିତି, ଏଗୁବାମିଡି ଭାଲାସା, କୋଇଟିଗୁଡ଼ା, ଲିଡାଙ୍ଗି, ଜିରୁଗେଡ଼ା ଓ ବୋଡିଲିବୋଡ଼ି ।

ଏ ସଂକ୍ରାନ୍ତରେ ଦକ୍ଷିଣ ଓଡ଼ିଶା ଅଞ୍ଚଳର ଜଣେ ସୁସଙ୍ଗଠକ ତଥା ସୁଲେଖକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ (ଏବେ ସ୍ୱର୍ଗରେ) ଉଲ୍ଲେଖ କରିଛନ୍ତି– 'ପରବର୍ତ୍ତୀ ସମୟରେ ଜାନୁଆରୀ (୧୯୫୩)ରେ ଓଡ଼ିଶା ସୀମାକୁ ଲାଗିଥିବା ଅଞ୍ଚଳକୁ ନେଇ ଆନ୍ଧ୍ର ଗଠନ ହେଲା ଏବଂ 'ବୋରାମୁଠା' ଆନ୍ଧ୍ରରେ ରହିଲା... ଶେଷରେ ଓଡ଼ିଶା ସରକାର ସବୁ ଦିଗରୁ ନିରାଶ ହୋଇ ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ଆନ୍ଧ୍ରପ୍ରଦେଶ ବିରୋଧରେ ଭାରତୀୟ ସମ୍ବିଧାନର ଧାରା ୧୩୧ ଅନୁଯାୟୀ ଏକ ମୋକଦ୍ଦମା ଦାୟର କଲେ (ସୁଟ ନଂ ୧୧.୧୯୬୮) । ସେଥିରେ ପ୍ରାର୍ଥନା କଲେ ଯେ ଏହି ବୋରାମୁଠା ଅଞ୍ଚଳ ଓଡ଼ିଶାର ଭୌଗୋଳିକ ସୀମା ଅନ୍ତର୍ଗତ ବୋଲି ଘୋଷଣା କରାଯାଉ । ଏ ସମସ୍ୟାର ବିଚାର ପାଇଁ ଏକ ସାମ୍ବିଧାନିକ ବେଞ୍ଚ ଗଠନ କରାଗଲା । ଏଥିରେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଜେ.ବି. ବାଳକ୍ରିଷ୍ଣନ, ବିଚାରପତି ଆର୍.ଭି. ରବିନ୍ଦ୍ରନ ଓ ବିଚାରପତି ଦଲବୀର ଭଣ୍ଡାରୀ ରହିଲେ । ଏହି ବେଞ୍ଚ ଉଭୟ ପକ୍ଷର ଯୁକ୍ତି ଶୁଣିଲା ପରେ ମେ ୫ (୨୦୧୦)ରେ ନିଷ୍ପତ୍ତି ଘୋଷଣା କରି ଓଡ଼ିଶାର ଦାବିକୁ ଖାରଜ କରିଥିଲେ... ଚତୁର୍ଥରେ ଏହି ଅଞ୍ଚଳ ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ଶୃଙ୍ଗଭେରପୁ ବିଧାନସଭା ନିର୍ବାଚନମଣ୍ଡଳୀ ଭାବରେ ବିଜ୍ଞାପିତ ହୋଇସାରିଛି । ଶେଷରେ ଏହି ଅଞ୍ଚଳବାସୀ ନିଜର ପ୍ରଥମ ଭାଷା ଭାବରେ ଓଡ଼ିଆକୁ ଗ୍ରହଣ କରିଛନ୍ତି ବୋଲି ଆବେଦନକାରୀ ପ୍ରତିପାଦନ କରିପାରି ନାହାନ୍ତି । (ପତ୍ରିକା 'ବିଦୁଲତା' ସମ୍ପାଦକ–ଗୁରୁକଲ୍ୟାଣ ମହାପାତ୍ର, ପୃଷ୍ଠା–୩୧)

ଉଲ୍ଲେଖନୀୟ ଯେ ସ୍ୱର୍ଗୀୟ ପାଣିଗ୍ରାହୀ ମଧ୍ୟ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କ ଅଧୀନରେ ଅତିରିକ୍ତ ଘରୋଇ ସଚିବ ଭାବେ କାର୍ଯ୍ୟ କରି ତାଙ୍କରି ଅମଳରେ ଅବସର ଗ୍ରହଣ କରିଥିଲେ ।

'ଇନୋଭେସନ୍ ସୁପରପାୱାର' ଦିଗରେ ଭାରତର ଯାତ୍ରା–୨

(A homegrown innovation ecosystem is taking root?)



ଡକ୍ଟର ଚିତ୍ତରଞ୍ଜନ ମିଶ୍ର

ଯେତେବେଳେ ସରକାରୀ ଅନୁଷ୍ଠାନଗୁଡ଼ିକରେ ଦୀର୍ଘ ସମୟ ଧରି ଚାଲିଥିବା ଗବେଷଣା ଓ ବିକାଶ କାର୍ଯ୍ୟକ୍ରମରୁ ସୁଫଳ ମିଳିବା ଆରମ୍ଭ ହେଉଛି, ସେତେବେଳେ ଶିକ୍ଷାନୁଷ୍ଠାନ ଏବଂ ଅନ୍ତର୍ଦ୍ଦେଶୀୟ ଶିଳ୍ପ–ନେତୃତ୍ୱାଧୀନ ଗବେଷଣା ଓ ବିକାଶ (R&D) କ୍ଷେତ୍ରରୁ ପ୍ରଚଣ୍ଡ ଆଶାବାଦୀ ମନୋଭାବ ବୃଦ୍ଧି ପାଉଛି । ଭାରତ ୬ଜି ଆଲାଏନ୍ସ (B6GA)୨୦୩୦ ମସିହା ସୁଦ୍ଧା ବିଶ୍ୱସ୍ତରୀୟ ୬ଜି ପେଟେଣ୍ଟ କ୍ଷେତ୍ରରେ ନିଜର ୧୦ପ୍ରତିଶତ ଅବଦାନ ଦେବାର ଘୋଷିତ ଲକ୍ଷ୍ୟ ଦିଗରେ ଦ୍ରୁତ ଅଗ୍ରଗତି କରୁଛି । କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସମୀକ୍ଷା ବୈଠକ ଅନୁଯାୟୀ, B6GA ସଦସ୍ୟମାନେ ୫ଜି ଏବଂ ୬ଜି ପ୍ରଯୁକ୍ତିବିଦ୍ୟାରେ ୭୭୦୦ରୁ ଅଧିକ ପେଟେଣ୍ଟ ଆବେଦନ କରିଛନ୍ତି, ଯେଉଁଥିରେ ୪୪୦୦ରୁ ଅଧିକ ବୈଦେଶିକ ଆବେଦନ ଅନ୍ତର୍ଭୁକ୍ତ ଅଛି । କିନ୍ତୁ ଏଗୁଡ଼ିକ କେବଳ ଆବେଦନ, ଏପର୍ଯ୍ୟନ୍ତ ଏହାକୁ ମଂଜୁରୀ ମିଳିନାହିଁ କିମ୍ବା ଏହାକୁ ମାନକ – ଜରୁରୀ ପେଟେଣ୍ଟ (Standard- Essential Patents) ବୋଲି ଘୋଷଣା କରାଯାଇନାହିଁ, ଏବଂ ଏହାର ପ୍ରକୃତ ପ୍ରଭାବ କ'ଣ ହେବ ତାହା ଭବିଷ୍ୟତରେ ହିଁ ଜଣାପଡ଼ିବ । ଯଦିଓ, ଗତବର୍ଷ 3GPP (3rd Generation Partnership Project)କୁ ଦିଆଯାଇଥିବା ପ୍ରାୟ ୩ ହଜାର ବୈଷୟିକ ଅବଦାନକୁ ଏକାଠି ଦେଖାଯାଏ, ଯାହାକି ୨୦୨୦ ତୁଳନାରେ ୧୫ ଗୁଣ ଅଧିକ, ଏହି ପରିସଂଖ୍ୟାନଗୁଡ଼ିକ ଠିକ ଦିଗଆଡ଼କୁ ଇଶାରା କରୁଛନ୍ତି (ଅର୍ଥାତ୍ ପ୍ରଗତି ହେଉଛି) । ବିଶ୍ୱ ବୌଦ୍ଧିକ ସଂପତ୍ତି ସଂଗଠନ (WIPO)ର ପେଟେଣ୍ଟ ସହଯୋଗ ଚୁକ୍ତି (PCT) ମାନ୍ୟତା ଅନୁଯାୟୀ, ଜିଓ ପ୍ଲାଟଫର୍ମ୍ସ ଲିମିଟେଡ ପ୍ରଥମ ଥର ପାଇଁ ଶୀର୍ଷ ୨୦ଟି ଅନ୍ତର୍ଜାତୀୟ ପେଟେଣ୍ଟ ଆବେଦନକାରୀଙ୍କ ମଧ୍ୟରେ ସ୍ଥାନ ପାଇଛି, ଯେଉଁଥିରେ ଏହା ୩୦୦ରୁ ଅଧିକ ସ୍ଥାନ ଉପରକୁ ଉଠି ସାମଗ୍ରିକ ଭାବେ ୧୯ତମ ସ୍ଥାନରେ ରହିଅଛି ।

ଯଦିଓ ପେଟେଣ୍ଟ ସଂଖ୍ୟା କାହାଣୀର ଏକ ଅଂଶ ବିଶେଷ ମାତ୍ର, ତଥାପି ମାନକ ସଂସ୍ଥା (Standards Bodies) ଗୁଡ଼ିକରେ ଭାଗିଦାରୀ ଏବଂ ବୌଦ୍ଧିକ ସଂପତ୍ତି ମାଲିକାନା (Intellectual Property Ownership) ଏବେ ଅଧିକରୁ ଅଧିକ ଭାବେ ନିର୍ଦ୍ଧାରଣ କରୁଛି କି ଭବିଷ୍ୟତର ଯୋଗାଯୋଗ ନେଟୱାର୍କରୁ କିଏ ଅଧିକ ଲାଭ ବା ମୂଲ୍ୟ ହାସଲ କରିବ । ଭାରତ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ଭିତ୍ତିଭୂମିର ମାଲିକାନା ସୁରକ୍ଷିତ କରୁଛି ଏବଂ ଏକ ସାଧାରଣ – କାର୍ଯ୍ୟକାରୀ (ଷ୍ଟାଣ୍ଡାର୍ଡ ଇମ୍ପ୍ଲିମେଣ୍ଟର) ହେବା ପରିବର୍ତ୍ତେ ଏକ ମାନକ–ନବସୃଜନକାରୀ (ଷ୍ଟାଣ୍ଡାର୍ଡ –ସେଟିଂ ଇନୋଭେଟର) ହେବା ଦିଗରେ ଆଗେଇ ଚାଲିଛି । ବାକ୍ୟଟିର ସରଳ ବ୍ୟାଖ୍ୟା ଏଭଳି ଭାବେ ପ୍ରକାଶ କରାଯାଇପାରେ, ଯଥା –ଭାରତ ନିଜର ମୁଖ୍ୟ ବା ଜରୁରୀକାଳୀନ ଡିଜିଟାଲ ବ୍ୟବସ୍ଥା (ଯେପରିକି UPI, 5G/ 6G ନେଟୱାର୍କ, ଡାଟା ସିଷ୍ଟମ) ଉପରେ ନିଜର ଅଧିକାର ବା ମାଲିକାନା ମଜବୁତ କରୁଛି । ପୂର୍ବରୁ ଭାରତ କେବଳ ଅନ୍ୟ ଦେଶମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଟେକ୍ନୋଲୋଜି ଓ ନିୟମକୁ ନିଜ ଦେଶରେ ଲାଗୁ କରୁଥିଲା । କିନ୍ତୁ ଏବେ ଭାରତ ନିଜେ ନୂଆ ନୂଆ ଟେକ୍ନୋଲୋଜି ତିଆରି କରୁଛି ଏବଂ ଦୁନିଆ ପାଇଁ ନୂଆ ମାନକ ବା ନିୟମ ଗଠନ କରୁଛି ।

> **ପୂର୍ବରୁ ଭାରତ କେବଳ ଅନ୍ୟ ଦେଶମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଟେକ୍ନୋଲୋଜି ଓ ନିୟମକୁ ନିଜ ଦେଶରେ ଲାଗୁ କରୁଥିଲା । କିନ୍ତୁ ଏବେ ଭାରତ ନିଜେ ନୂଆ ନୂଆ ଟେକ୍ନୋଲୋଜି ତିଆରି କରୁଛି ଏବଂ ଦୁନିଆ ପାଇଁ ନୂଆ ମାନକ ବା ନିୟମ ଗଠନ କରୁଛି ।**

ଭାରତର ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ (ନୂତନ ବ୍ୟବସାୟ ପରିବେଶ) ମଧ୍ୟରେ ଏକ ସ୍ପଷ୍ଟ ପରିବର୍ତ୍ତନ ଏବେ ପରିଦୃଶ୍ୟ ହେଉଅଛି । ଗବେଷଣା, ଉନ୍ନୟନ ଏବଂ ନବସୃଜନ ପ୍ରତି ସରକାରଙ୍କ ପ୍ରଚଣ୍ଡ ପ୍ରତିବଦ୍ଧତା ଏବଂ ଇଣ୍ଡିଆ ଡିପ–ଟେକ୍ ଆଲାଏନ୍ସର ସଦସ୍ୟମାନଙ୍କ ଦ୍ୱାରା ୨.୫ ବିଲିୟନ ଡଲାରରୁ ଅଧିକ ଗଭୀର–ପ୍ରଯୁକ୍ତିବିଦ୍ୟା ପ୍ରତିଶ୍ରୁତି ଭଳି ପଦକ୍ଷେପ ସହିତ ବେସରକାରୀ ପୁଞ୍ଜିର ସମନ୍ୱୟ ଯୋଗୁ ଉତ୍ସାହିତ ହୋଇ, ଭାରତୀୟ ଷ୍ଟାର୍ଟ–ଅପଗୁଡ଼ିକ ପୂର୍ବ ଅପେକ୍ଷା ଆହୁରି ଆଗକୁ ଏବଂ ଉଚ୍ଚ ଆକାଂକ୍ଷା ପୋଷଣ କରୁଛନ୍ତି । ବିର୍ଲା ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (BITS) ପିଲାନୀର ଦୁଇଜଣ ପୂର୍ବତନ ଛାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ 'ପିକ୍ସେଲ ସ୍ପେସ୍' ହାଇପରସ୍ପେକ୍ଟ୍ରାଲ୍ ଇମେଜିଂ ଟେକ୍ନୋଲୋଜି କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି, ଯାହାକି ବର୍ତ୍ତମାନ କକ୍ଷପଥରେ ୬ଟି ସ୍ୟାଟେଲାଇଟ (ଉପଗ୍ରହ) ସହ ଏବଂ ଆଗକୁ ୧୮ରୁ ୨୦ଟି ସ୍ୟାଟେଲାଇଟ୍ର ଏକ ସଂପୂର୍ଣ୍ଣ କନଷ୍ଟେଲେସନ୍ (ସ୍ୟାଟେଲାଇଟ ସମୂହ) ପାଇଁ ଯୋଜନା ରଖିଛି । ହାଇପରସ୍ପେକ୍ଟ୍ରାଲ ଇମେଜିଂ ଟେକ୍ନୋଲୋଜି ହେଉଛି ଏକ ଉନ୍ନତ ପ୍ରକାରର ଇମେଜିଂ ବା ଫଟୋଗ୍ରାଫି ଟେକ୍ନୋଲୋଜି, ଯାହା ମାଧ୍ୟମରେ ମହାକାଶରୁ ପୃଥିବୀର ଅତି ସୂକ୍ଷ୍ମ ତଥ୍ୟ ସଂଗ୍ରହ କରାଯାଇପାରେ । ସ୍କାଇରୁଟ ଏରୋସ୍ପେସ୍ ଦ୍ୱାରା ବିକ୍ରମ –୧ ନିମ୍ନ ପୃଥିବୀ କକ୍ଷପଥ ମହାକାଶ ଯାନ ପ୍ରେରଣ ଏବଂ ଆଇ.ଆଇ.ଟି ମାଡ୍ରାସ୍ ଦ୍ୱାରା ପ୍ରୋତ୍ସାହିତ ଅଗ୍ନିକୁଲ କସ୍ମୋସ୍ର ସଂପୂର୍ଣ୍ଣ ପୁନଃବ୍ୟବହାରକ୍ଷମ ରକେଟ୍ (Fully Reusable Launch Vehicles) ନିର୍ମାଣ ଦିଗରେ ସମାନ୍ତରାଳ ପ୍ରୟାସ, ମହାକାଶ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଏକ ସ୍ୱଳ୍ପଖର୍ଚ୍ଚି ବା ମିତବ୍ୟୟୀ ଅଗ୍ରଣୀ ଦେଶ ଭାବରେ ଭାରତର ଭୂମିକାକୁ ଅଧିକ ମଜବୁତ କରିବାକୁ ପ୍ରତିଶ୍ରୁତି ଦେଉଛି ।

ଆଇ.ଆଇ.ଟି ବମ୍ବେ ଦ୍ୱାରା ଟାଟା ମେମୋରିଆଲ ସେଣ୍ଟରର ସହଭାଗିତାରେ ଗଢ଼ିଉଠିଥିବା 'ଇମ୍ୟୁନୋ ଏସିଟି' ଭଳି ଷ୍ଟାର୍ଟଅପ୍ଗୁଡ଼ିକ, ଉନ୍ନତ ଏବଂ ଶସ୍ତା ସ୍ୱାସ୍ଥ୍ୟସେବାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଏହାର ସଂପ୍ରସାରଣ କରୁଛନ୍ତି । NEXCAR19 ହେଉଛି ଭାରତର ପ୍ରଥମ ସ୍ୱଦେଶୀ CAR-T ସେଲ୍ ଥେରାପି (ଗେନ୍ ଥେରାପି), ଯାହା ରକ୍ତ କର୍କଟ ରୋଗ (ଯେପରିକି ଲ୍ୟୁକୋମିଆ ଏବଂ ଲିମ୍ଫୋମା)ର ଚିକିତ୍ସା ପାଇଁ ବ୍ୟବହାର କରାଯାଏ । ବିଦେଶରେ (ଯେପରିକି ଆମେରିକାରେ) ଏହି ଚିକିତ୍ସା ପାଇଁ ପ୍ରାୟ ୩–୪ କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ । କିନ୍ତୁ ଭାରତର ଆଇ.ଆଇ.ଟି, ବମ୍ବେ, ଟାଟା ମେମୋରିଆଲ୍ ହସ୍ପିଟାଲ ଏବଂ Immuno ACT ଦ୍ୱାରା ପ୍ରସ୍ତୁତ ଏହି NexCAR 19 ଥେରାପି ଭାରତରେ ମାତ୍ର ୨୫ରୁ ୫୦ ଲକ୍ଷ ଟଙ୍କା ମଧ୍ୟରେ ଉପଲବ୍ଧ, ଯାହା ବିଦେଶୀ ଖର୍ଚ୍ଚର ପ୍ରାୟ ୧୦ଭାଗରୁ ଭାଗେ । ଏହି ଚିକିତ୍ସାରେ ରୋଗୀଙ୍କ ନିଜ ଶରୀରର ଟି–କୋଷ ବା ରୋଗ ପ୍ରତିରୋଧକ କୋଷକୁ ପରୀକ୍ଷାଗାରରେ ଜେନେଟିକ୍ ଭାବେ ପରିବର୍ତ୍ତନ କରାଯାଇ କର୍କଟ କୋଷକୁ ଧ୍ୱଂସ କରିବା ପାଇଁ ପ୍ରସ୍ତୁତ କରାଯାଏ ଏବଂ ପୁଣି ରୋଗୀଙ୍କ ଶରୀରକୁ ଇଞ୍ଜେକ୍ସନ ଦ୍ୱାରା ଦିଆଯାଏ । ଯେଉଁ ରୋଗୀମାନଙ୍କର ସାଧାରଣ କେମୋ– ଥେରାପି କାମ କରେ ନାହିଁ, ସେମାନଙ୍କ ପାଇଁ ଏହା ବହୁତ ପ୍ରଭାବଶାଳୀ ଏବଂ ଏଥିରେ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ କମ୍ ଦେଖାଯାଉଛି । ବାୟୋଟେକ୍ନୋଲୋଜି ଇଣ୍ଡଷ୍ଟ୍ରି ରିସର୍ଚ୍ଚ ଆସିଷ୍ଟାନ୍ସ କାଉନସିଲ (BIRAC)ର ପ୍ରାରମ୍ଭିକ ପର୍ଯ୍ୟାୟ ସହାୟତାର ସଦୁପଯୋଗ କରି ବାଙ୍ଗାଲୋରର 'ରେମିଡିଓ ଇନୋଭେଟିଭ୍ ସଲ୍ୟୁସନ୍ସ' ସ୍ମାର୍ଟଫୋନ ଚାଳିତ ରେଟିନାଲ୍ ଇମେଜିଂ ସିଷ୍ଟମ ଏବଂ କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ମଧୁମେହଜନିତ ଅନ୍ଧତ୍ୱ (ଡାଇବେଟିକ୍ ରେଟିନୋପାଥି) ଏବଂ ଗ୍ଲୁକୋମା ଭଳି ନିବାରଣ ଯୋଗ୍ୟ ଅନ୍ଧତ୍ୱ ବିରୋଧରେ ଲଢେଇରେ ଆଗଧାଡ଼ିରେ ରହିଛି ।

ଦିଗ ଅତ୍ୟନ୍ତ ସ୍ପଷ୍ଟ ଓ ପରିଷ୍କାର:–

ଏହି ଉଦାହରଣଗୁଡ଼ିକ ନିଜେ ଭାରତକୁ ଏକ ନବସୃଜନ ମହାଶକ୍ତି ଭାବରେ ଗଢ଼ି ତୋଳୁନାହିଁ, କିନ୍ତୁ ଏହା ଦର୍ଶାଉଛି ଯେ ଏକ ସ୍ଥାୟୀ ନବସୃଜନ ବାତାବରଣ ତିଆରି କରିବା ପାଇଁ ଏହି ତିନୋଟି ମୁଖ୍ୟ ଦିଗ ଏକାଠି ଯୋଡ଼ି ହେଉଛନ୍ତି । ଗ୍ୟାଲିୟମ ନାଇଟ୍ରାଇଡ୍ର କାହାଣୀ ମାଧ୍ୟମରେ ଉଦୀୟମାନ ଉଦ୍ଭାବନ ପାଇପଲାଇନ (Emerging Innovation Pipeline)ର ଅର୍ଥକୁ ସହଜରେ ବୁଝାଯାଇପାରିବ । ଏକ ନୂତନ ବୈଷୟିକ ଜ୍ଞାନକୌଶଳ ଗବେଷଣାଗାରରୁ ବାହାରି କିପରି ଧୀରେ ଧୀରେ ବାସ୍ତବ ଦୁନିଆର ବଜାର ଓ ବ୍ୟବହାର ଉପଯୋଗୀ ପ୍ରୋଡକ୍ଟରେ ପରିଣତ ହୁଏ, ତା'ର ସଂପୂର୍ଣ୍ଣ ପ୍ରକ୍ରିୟା । ଏହା ଏପରି ଏକ ପ୍ରକ୍ରିୟା ଯେଉଁଠି ଗୋଟିଏ ନୂଆ ଆଇଡ଼ିଆ ବା ଟେକ୍ନୋଲୋଜିକୁ ନେଇ ପ୍ରଥମେ ରିସର୍ଚ୍ଚ ହୁଏ, ତା'ପରେ ତା'ର ଟେଷ୍ଟିଂ ହୁଏ, ଏବଂ ଶେଷରେ ତାହା ଗ୍ରାହକମାନଙ୍କ ପାଇଁ ବଜାରକୁ ଆସେ । ପାଇପଲାଇନ୍ ଭଳି ଏଥିରେ ବିଭିନ୍ନ ପର୍ଯ୍ୟାୟ ଥାଏ । ପୂର୍ବରୁ ସବୁ ଇଲେକ୍ଟ୍ରୋନିକ୍ସ ଜିନିଷରେ 'ସିଲିକନ୍' ବ୍ୟବହାର କରାଯାଉଥିଲା । କିନ୍ତୁ ବୈଜ୍ଞାନିକମାନେ ଗ୍ୟାଲିୟମ ନାଇଟ୍ରାଇଡ ଭଳି ନୂଆ ମ୍ୟାଟେରିଆଲ୍ ଉପରେ ଗବେଷଣା କଲେ । ବିଜ୍ଞାନାଗାରରେ ଜଣାପଡ଼ିଲା ଯେ ଗ୍ୟାଲିୟମ ନାଇଟ୍ରାଇଡ (GaN) ସିଲିକନ ତୁଳନାରେ ଅଧିକ ଶୀଘ୍ର ଏବଂ କମ୍ ଗରମ ହୋଇ ବିଦ୍ୟୁତ ପ୍ରବାହିତ କରିପାରିବ । ପରେ କମ୍ପାନୀମାନେ ଏହାକୁ ବ୍ୟବହାର କରି ଛୋଟ ଏବଂ ସୁପର–ଫାଷ୍ଟ ଚାର୍ଜର ତିଆରି କରିବା ଆରମ୍ଭ କଲେ । ଆଜି ଆପଣ ବଜାରରେ ଯେଉଁ ଫାଷ୍ଟ ମୋବାଇଲ୍ ଚାର୍ଜର କିମ୍ବା ଇଲେକ୍ଟ୍ରିକ ଗାଡ଼ି (EV) ଦେଖୁଛନ୍ତି, ସେଥିରେ ଗ୍ୟାଲିୟମ ନାଇଟ୍ରାଇଡ (GaN) ବ୍ୟବହାର ହେଉଛି । ଗ୍ୟାଲିୟମ ନାଇଟ୍ରାଇଡର ସଫଳତା ଦର୍ଶାଏ ଯେ କିପରି ଏକ ନୂତନ ବୈଜ୍ଞାନିକ ଆବିଷ୍କାର ଧୀରେ ଧୀରେ ବିକଶିତ ହୋଇ ଆମର ଦୈନନ୍ଦିନ ଜୀବନର ବଜାରରେ ପହଞ୍ଚିପାରିଛି ।

ସରକାରୀ ପ୍ରୟୋଗଶାଳାଗୁଡ଼ିକ ମୌଳିକ କ୍ଷମତାର ବିକାଶ କଲେ, ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରତିଭା ଏବଂ ଗବେଷଣା ପରିବେଶକୁ ପରିପୁଷ୍ଟ କଲେ ଏବଂ Advanced Gallium Nitride Semiconducters (AGNIT) ଭଳି ଷ୍ଟାର୍ଟ–ଅପଗୁଡ଼ିକ ଏବେ ଏହି ପ୍ରଯୁକ୍ତିବିଦ୍ୟାକୁ ବାଣିଜ୍ୟିକ ବଜାରକୁ ନେଇଯାଉଛନ୍ତି । ଯଦିଓ ଏହି ୩ଟି ଦିଗକୁ ବଜାୟ ରଖିବା ପାଇଁ ଅଧିକ କାମ କରିବାକୁ ପଡ଼ିବ ଯେପରିକି ସରକାରୀ ଅନୁଦାନ ପ୍ରାପ୍ତ ବୌଦ୍ଧିକ ସଂପତ୍ତି (IP- Intellectual Property) ପାଇଁ ପ୍ରଯୁକ୍ତିବିଦ୍ୟାର ହସ୍ତାନ୍ତର (Technology Transfer) ନିୟମାବଳୀର ମାନକୀକରଣ କରିବା, ପେଟେଣ୍ଟ ଅଫିସରେ ପରୀକ୍ଷକମାନଙ୍କର କ୍ଷମତା ବୃଦ୍ଧି କରିବା, ଏବଂ ଏକ ମଞ୍ଜୁରୀପ୍ରାପ୍ତ ପେଟେଣ୍ଟ ଓ ପ୍ରଥମ ଗ୍ରାହକ ପାଇବା ମଧ୍ୟରେ ଥିବା ବ୍ୟବହାରିକ ବ୍ୟବଧାନ (Translational Gap)କୁ ପୂରଣ କରିବା ପାଇଁ ପାଣ୍ଠି ଯୋଗାଇବା । ତଥାପି, ଯେତେବେଳେ ଆମେ ନୂତନତ୍ୱ ବା ଉଦ୍ଭାବନର ଲେନ୍ସ ମାଧ୍ୟମରେ ଦେଖୁ, ଦିଗଟି ସ୍ପଷ୍ଟ ବାରି ହୋଇପଡେ । ଭାରତ କ୍ରମଶ କେବଳ ଏକ ବ୍ୟାକ୍ ଅଫିସ (ଅର୍ଥାତ୍ ଅନ୍ୟ ଦେଶର କମ୍ପାନୀଗୁଡ଼ିକ ପାଇଁ ସାଧାରଣ ସେବା ବା କଲ୍ ସେଣ୍ଟର ଯୋଗାଉଥିବା) ସେବା ପ୍ରଦାନକାରୀ ପରିଚୟରୁ ବାହାରି ଆସୁଛି ଏବଂ ନିଜସ୍ୱ ପ୍ରଯୁକ୍ତିବିଦ୍ୟା (Homegrown Technology), ବୌଦ୍ଧିକ ସଂପତ୍ତି (Intellectual Property) ଏବଂ ଶିଳ୍ପକ୍ଷେତ୍ରର କ୍ଷମତା ନିଜେ ତିଆରି କରିବା ପାଇଁ ଆବଶ୍ୟକୀୟ ଅନୁଷ୍ଠାନ ଓ ବ୍ୟବସ୍ଥାଗୁଡ଼ିକୁ ମଜବୁତ କରୁଛି । ଯାତ୍ରା ଏବେ ମଧ୍ୟ ଅଧୁରା ଅଛି, କିନ୍ତୁ ଦେଶରେ ଏକ ନୂତନତ୍ୱଭିତ୍ତିକ ଅର୍ଥନୀତିର ରୂପରେଖ ଗଠନ ହେବାକୁ ଯେ ଆରମ୍ଭ କଲାଣି ତାହା ଏକ ସର୍ବଜନ ସ୍ୱୀକୃତ ସତ୍ୟ ବଚନ ।

ବି–୩, ଏଚ.ଆଇ.ଜି କଲୋନୀ, ବରମୁଣ୍ଡା
ହାଉସିଂ ବୋର୍ଡ, ଭୁବନେଶ୍ୱର
ମୋ: ୯୩୩୮୨୦୪୯୯୩

ସଂଯୋଗରୁ ସଶକ୍ତୀକରଣ



ନାରାୟଣ ପଧାନ

ମାନବ ସଭ୍ୟତାର ବିକାଶରେ ସଂଯୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା କେବଳ ଦୂରତ୍ୱ ହ୍ରାସ କରେ ନାହିଁ, ବରଂ ଜ୍ଞାନର ପ୍ରସାର, ସାମାଜିକ ପରିବର୍ତ୍ତନ, ଆର୍ଥିକ ସ୍ୱାବଲମ୍ବନ ଓ ବୌଦ୍ଧିକ ବିକାଶର ପଥକୁ ଉନ୍ମୁକ୍ତ କରେ । ଆଧୁନିକ ଯୁଗରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ପ୍ରଗତି ଫଳରେ ଇଣ୍ଟରନେଟ୍ ସମଗ୍ର ବିଶ୍ୱକୁ ଏକ ସୂତ୍ରରେ ବାନ୍ଧିଛି । ଏହି ବିଶ୍ୱସ୍ତରୀୟ ସଂଯୋଗୀକରଣ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ, ବିଶେଷ କରି ସୁଦୂର ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ବର୍ତ୍ତମାନ ଇଣ୍ଟରନେଟ୍ ଆଧୁନିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପଡ଼ିଛି । ଏହା ସୂଚନା ଆଦାନପ୍ରଦାନ ସହ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜୀବିକା କ୍ଷେତ୍ରରେ ନୂତନ ଦିଗ ଉନ୍ମୋଚନ କରୁଛି । ଏହି ପରିବର୍ତ୍ତନ ଗ୍ରାମୀଣ ଭାରତର ବିକାଶ ଓ ଜନସାଧାରଣଙ୍କ ସଶକ୍ତୀକରଣକୁ ଏକ ନୂତନ ଆୟାମ ପ୍ରଦାନ କରିଛି ।

୧୯୬୯ ମସିହା ଅକ୍ଟୋବର ୨୯ରେ ଇଣ୍ଟରନେଟର ପୂର୍ବସୂରୀ ARPANET ମାଧ୍ୟମରେ 'LOGIN' ପଠାଇବାର ପ୍ରଥମ ପ୍ରୟାସ 'LO'ରେ ଅଟକିଯାଇଥିଲା । ସେହି ଆଂଶିକ ବିଫଳତା ଯୋଗୁ ଆଜିର ବିଶ୍ୱବ୍ୟାପୀ ଡିଜିଟାଲ୍ ବିପ୍ଳବର ଆରମ୍ଭ ହେଲା । ଏହି ଐତିହାସିକ ଘଟଣା ସୂଚନା ପ୍ରଯୁକ୍ତିର ନୂତନ ଯୁଗ ପାଇଁ ମାର୍ଗ ଉନ୍ମୁକ୍ତ କରିଥିଲା । କାଳକ୍ରମେ ଇଣ୍ଟରନେଟ୍ ଯୋଗାଯୋଗର ସୀମା ଅତିକ୍ରମ କରି ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ଓ ଜନଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ ହୋଇଛି । ଆଜି ଏହାର ସୁବିନିଯୋଗ ଗ୍ରାମାଞ୍ଚଳର ଲୋକଙ୍କୁ ସୂଚନା, ସୁଯୋଗ ଓ ସେବା ସହ ଯୋଡ଼ି ସଶକ୍ତୀକରଣର ନୂତନ ଦିଗ ଉନ୍ମୋଚନ କରୁଛି । ଉପକୂଳର ମତ୍ସ୍ୟଜୀବୀ ମୋବାଇଲ୍ରେ ପାଣିପାଗ ଓ ବାତ୍ୟା ସତର୍କ ସୂଚନା ପାଇ ସୁରକ୍ଷିତ ନିଷ୍ପତ୍ତି ନେଇପାରୁଛନ୍ତି । ବରଗଡ଼ର ଧାନଚାଷୀ ଓ କେନ୍ଦୁଝରର ପରିବା ଚାଷୀ ଆଧୁନିକ କୃଷିପଦ୍ଧତି, ଫସଲର ରୋଗ ଏବଂ ବଜାରଦର ସମ୍ପର୍କରେ ସୂଚନା ପାଇ ଲାଭବାନ ହୋଇପାରୁଛନ୍ତି । କୋରାପୁଟର ମହିଳା ଚାଷୀ ଓ ସ୍ୱୟଂସହାୟକ ଗୋଷ୍ଠୀ ନିଜର କୃଷିଜାତ ଦ୍ରବ୍ୟ ଓ ହସ୍ତଶିଳ୍ପକୁ ଅନଲାଇନରେ ବିକ୍ରି କରି ଆୟ ବଢ଼ାଇପାରୁଛନ୍ତି । ସମ୍ବଲପୁରର ବୁଣାକାର, ପିପିଲିର ଚାନ୍ଦୁଆ ଶିଳ୍ପୀ ଓ ରଘୁରାଜପୁରର ପଟ୍ଟଚିତ୍ରକାର ନିଜ ପାରମ୍ପରିକ କଳାକୁ ଅନଲାଇନରେ ପ୍ରଦର୍ଶନ କରି ବ୍ୟାପକ ବଜାରରେ ପହଞ୍ଚିବାର ସୁଯୋଗ ପାଉଛନ୍ତି ।



ସେହିପରି, ଦୁର୍ଗମ ଅଞ୍ଚଳର ଜଣେ ଛାତ୍ର ମୋବାଇଲରେ DIKSHA ଓ SWAYAM ଭଳି ମଞ୍ଚରୁ ପାଠ ପଢ଼ିପାରୁଛି, ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରସ୍ତୁତି ନେଉଛି ଏବଂ ଅନଲାଇନରେ ନୂତନ ଦକ୍ଷତା ଶିଖୁଛି । ଦୂର ଅଞ୍ଚଳର ଶିକ୍ଷାର୍ଥୀଙ୍କ ପାଇଁ ଏହା ଶିକ୍ଷାର ନୂତନ ଦ୍ୱାର ଉନ୍ମୁକ୍ତ କରୁଛି ।

ସ୍ୱାସ୍ଥ୍ୟ ଓ ଜନସେବା କ୍ଷେତ୍ରରେ ମଧ୍ୟ ଇଣ୍ଟରନେଟର ଗୁରୁତ୍ୱ ବଢ଼ୁଛି । ଟେଲିମେଡିସିନ୍ ମାଧ୍ୟମରେ ଦୁର୍ଗମ ଗାଁର ରୋଗୀ ଦୂରରୁ ଡାକ୍ତରୀ ପରାମର୍ଶ ପାଇପାରୁଛନ୍ତି । ଡିଜିଟାଲ୍ ଦଲିଲ ମାଧ୍ୟମରେ ଆବଶ୍ୟକ ପ୍ରମାଣପତ୍ର ସଂରକ୍ଷଣ ଓ ଉପସ୍ଥାପନ ସହଜ ହେଉଛି । ଅନଲାଇନରେ ପେନସନ୍, ଛାତ୍ରବୃତ୍ତି, ରାଶନ୍ କାର୍ଡ, ଜମି ରେକର୍ଡ ଓ ଅନ୍ୟାନ୍ୟ ସରକାରୀ ସେବା ସମ୍ପର୍କିତ ସୂଚନା ପାଇବାର ସୁଯୋଗ ନାଗରିକଙ୍କ ସମୟ ଓ ଯାତାୟାତ ଖର୍ଚ୍ଚ କମାଇ ପାରୁଛି । ଯୁବକଯୁବତୀମାନେ ଅନଲାଇନରେ ନିଯୁକ୍ତି ସୂଚନା, ବୃତ୍ତିମୂଳକ ପ୍ରଶିକ୍ଷଣ ଓ ସ୍ୱରୋଜଗାରର ଉପାୟ ଖୋଜିପାରୁଛନ୍ତି ।

ଏପରି ସଂଯୋଗ କେବଳ ଦ୍ରବ୍ୟ ବିକ୍ରିର ସୁଯୋଗ ବଢ଼ାଏ ନାହିଁ ପିଢ଼ି ପରେ ପିଢ଼ି ସଞ୍ଚିତ କଳାକୌଶଳକୁ ନୂତନ ଜୀବନ ଦେବାର ମାର୍ଗ ମଧ୍ୟ ଖୋଲିଥାଏ । ସଡ଼କ ସଂଯୋଗ ଗ୍ରାମୀଣ କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଗତିଶୀଳ କରୁଥିବାବେଳେ, ଇଣ୍ଟରନେଟ୍ ସୂଚନାକୁ ସାଧାରଣ ଜନତାଙ୍କ ହାତପାହାନ୍ତାରେ ପହଞ୍ଚାଇଛି । ଡିଜିଟାଲ୍ ବ୍ୟାଙ୍କିଙ୍ଗ୍, ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ ଓ ଅନଲାଇନ୍ ସରକାରୀ ସେବା ଆର୍ଥିକ ସମାବେଶ ଓ ପ୍ରଶାସନିକ ସ୍ୱଚ୍ଛତାକୁ ସୁଦୃଢ଼ କରୁଛି । ଏହିପରି ସଂଯୋଗ ଗ୍ରାମୀଣ ଜନଜୀବନରେ ଜ୍ଞାନ, ଜୀବିକା ଓ ଆତ୍ମନିର୍ଭରତାର ନୂତନ ଦ୍ୱାର ଉନ୍ମୁକ୍ତ କରୁଛି ।

ତଥାପି, ଏହି ସମ୍ଭାବନା ସମସ୍ତଙ୍କ ପାଖରେ ସମାନ ଭାବେ ପହଞ୍ଚିନାହିଁ । ଦୁର୍ବଳ ନେଟ୍ୱର୍କ, ମହଙ୍ଗା ଉପକରଣ, ଡିଜିଟାଲ୍ ଅଶିକ୍ଷା, ଭାଷାଗତ ପ୍ରତିବନ୍ଧକ ଓ ଅନଲାଇନ୍ ଠକେଇ ଗ୍ରାମୀଣ ଲୋକଙ୍କ ପାଇଁ ଏବେ ଗମ୍ଭୀର ଆହ୍ୱାନ ବୋଲି ମନେହେଉଛି । ତେଣୁ କେବଳ ଇଣ୍ଟରନେଟ୍ ସଂଯୋଗ ବିସ୍ତାର ନୁହେଁ, ଡିଜିଟାଲ୍ ସାକ୍ଷରତା, ସ୍ଥାନୀୟ ଭାଷାରେ ସୂଚନା, ତଥ୍ୟ ସୁରକ୍ଷା ଓ ସୁଲଭ ଉପକରଣ ଉପଲବ୍ଧ କରାଇବା ମଧ୍ୟ ଅପରିହାର୍ଯ୍ୟ ।

> **ସ୍ୱାସ୍ଥ୍ୟ ଓ ଜନସେବା କ୍ଷେତ୍ରରେ ମଧ୍ୟ ଇଣ୍ଟରନେଟର ଗୁରୁତ୍ୱ ବଢ଼ୁଛି । ଟେଲିମେଡିସିନ୍ ମାଧ୍ୟମରେ ଦୁର୍ଗମ ଗାଁର ରୋଗୀ ଦୂରରୁ ଡାକ୍ତରୀ ପରାମର୍ଶ ପାଇପାରୁଛନ୍ତି । ଡିଜିଟାଲ୍ ଦଲିଲ ମାଧ୍ୟମରେ ଆବଶ୍ୟକ ପ୍ରମାଣପତ୍ର ସଂରକ୍ଷଣ ଓ ଉପସ୍ଥାପନ ସହଜ ହେଉଛି ।**

ସଂଯୋଗର ସାର୍ଥକତା ତାହାର ବେଗ, ବ୍ୟାପ୍ତି କିମ୍ବା ବୈଷୟିକ ଚମତ୍କାରରେ ନୁହେଁ ବରଂ ଏହା ମାନବଜୀବନରେ ସୃଷ୍ଟି କରୁଥିବା ସକାରାତ୍ମକ ପରିବର୍ତ୍ତନରେ ନିହିତ । ଯେଉଁଠାରେ ଇଣ୍ଟରନେଟ୍ ଜ୍ଞାନର ଦ୍ୱାର ଖୋଲେ, ଭୌତିକ ସଂଯୋଗ ଜୀବିକାର ପଥ ପ୍ରଶସ୍ତ କରେ ଏବଂ ସାଂସ୍କୃତିକ ସଂଯୋଗ ମାନବୀୟ ସହାବସ୍ଥାନକୁ ସୁଦୃଢ଼ କରେ, ସେଠାରେ ବିକାଶ ଅର୍ଥପୂର୍ଣ୍ଣ ହୁଏ । ଏହି ଲକ୍ଷ୍ୟ ପୂରଣ ପାଇଁ ଡିଜିଟାଲ୍ ସାକ୍ଷରତା, ସମାନ ପ୍ରବେଶାଧିକାର, ନୈତିକ ବିବେକ ଓ ସାମାଜିକ ଉତ୍ତରଦାୟିତ୍ୱ ଅପରିହାର୍ଯ୍ୟ । ସଂଯୋଗ ଯେତେବେଳେ ସୁଯୋଗରେ, ସୁଯୋଗ ଯେତେବେଳେ ସାମର୍ଥ୍ୟରେ ଏବଂ ସାମର୍ଥ୍ୟ ଯେତେବେଳେ ସ୍ୱାବଲମ୍ବନରେ ପରିଣତ ହୁଏ, ସେତେବେଳେ ହିଁ 'ସଂଯୋଗରୁ ସଶକ୍ତୀକରଣ'ର ମହାମନ୍ତ୍ର ପ୍ରକୃତ ସାର୍ଥକତା ଲାଭ କରେ । ଏହାର ପରବର୍ତ୍ତୀ ବିକାଶ ହେଉଛି ଏ.ଆଇ. ବା କୃତ୍ରିମ ବୁଦ୍ଧିମତା ।

ଛୁରିଆପାଳି, ସୋହେଲା, ବରଗଡ଼
ମୋ: ୯୯୩୭୮୫୪୪୧୪

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

'ଅର୍ଣ୍ଣବ'...

ହୋଇପାରେ । ଏହା ଉତ୍ତର ପଶ୍ଚିମ ଉପକୂଳ ଆଡ଼କୁ ମୁହାଁଇପାରେ । ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟର ଉତ୍ପତି ସ୍ଥଳରେ ବହୁ ବାତ୍ୟା ସୃଷ୍ଟି ହୋଇଛି । ବର୍ତ୍ତମାନ ଆତଙ୍କିତ ନହୋଇ ସ୍ପଷ୍ଟଚିତ୍ରକୁ ଅପେକ୍ଷା କରିବାକୁ ଶ୍ରୀ ପଶୁପାଳକ କହିଛନ୍ତି । ଜିଏଫ୍ଏସ୍ ମଡେଲର ଆକଳନ ଅନୁସାରେ, ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଘନୀଭୂତ ହୋଇ ଲଘୁଚାପ ପରେ ଅବପାତ ରୂପ ନେଇପାରେ । ପରେ ଏହା ବାତ୍ୟାରେ ପରିଣତ ହେବା ସମ୍ଭାବନା ରହିଛି । ନଭେମ୍ବର ପ୍ରଥମ ସପ୍ତାହ ଅର୍ଥାତ ୩ରୁ ୪ ତାରିଖ ମଧ୍ୟରେ ଏହା ଓଡ଼ିଶା ଉପକୂଳ ଆଡ଼କୁ ଆସିବାର ବହୁ ସମ୍ଭାବନା ଅଛି । ତେବେ ଏହା କେତେ ତୀବ୍ର ହେବ ଓ ଗତିର ଦିଗ କେଉଁଆଡ଼କୁ ରହିବ ତାହା ସ୍ପଷ୍ଟ କରାଯାଇ ନାହିଁ ।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) କହିବା ଅନୁସାରେ, ଆଣ୍ଡାମାନ ସାଗର ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ବାୟୁମଣ୍ଡଳର ୫.୮ କିମି ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି । ଏହା ଅଧିକ ଘନୀଭୂତ ହୋଇ ଲଘୁଚାପ ରୂପ ନେବ । ତେବେ ଏହା ଅବପାତ ନେବ କି ନାହିଁ, ତାହା ଆକଳନ କରାଯାଇପାରି ନାହିଁ । ଏହି ଘୂର୍ଣ୍ଣିବଳୟ ଉପରେ ବିଭାଗ ପକ୍ଷରୁ ନଜର ରଖାଯାଇଛି । ଆଗାମୀ ଦିନରେ ସ୍ଥିତି ସ୍ପଷ୍ଟ ହେବ ବୋଲି ଆଇଏମ୍ଡି ପକ୍ଷରୁ କୁହାଯାଇଛି ।

୬ ଘଣ୍ଟା...

ଜାରି ରହିଥିଲା । ଗଜପତି ଜିଲ୍ଲାର ମହେନ୍ଦ୍ରଗଡ଼ଠାରେ ଅତି ପ୍ରବଳ ବର୍ଷା ରେକର୍ଡ଼ କରାଯାଇଛି । ଏଠାରେ ୨୪୮ ମିମି ବର୍ଷା ହୋଇଥିବା ଜଣାପଡ଼ିଛି । ସେହିଭଳି କୋରାପୁଟର ପଟ୍ଟାଙ୍ଗିରେ ୧୮୮ ମିମି ବର୍ଷା ହୋଇଥିବାବେଳେ ଗଜପତିର ମୋହନାରେ ୧୬୮ ମିମି, ଗୁମ୍ମାରେ ୧୨୮ ମିମି, କାଶୀନଗରରେ ୧୦୭ ମିମି, ଗଞ୍ଜାମରେ ୧୬୧ ମିମି, ସିମିଳିଗୁଡ଼ାରେ ୧୪୩ ମିମି, ଦିଗପହଣ୍ଡିରେ ୧୩୯ ମିମି ବର୍ଷା ରେକର୍ଡ଼ କରାଯାଇଛି । ୨୮ ତାରିଖ ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ୫.୩୦ ସୁଦ୍ଧା ଦିଗପହଣ୍ଡିରେ ୧୩୬ ମିମି, ଭଦ୍ରକରେ ୧୦୮ ମିମି, ବୌଦ୍ଧରେ ୫୮ ମିମି, ଅନୁଗୋଳରେ ୫୫ ମିମି, ଗୋପାଳପୁରରେ ୪୮ ମିମି, ଫୁଲବାଣୀରେ ୪୬ ମିମି, ବଲାଙ୍ଗୀରରେ ୪୫ ମିମି ଓ ବାଲେଶ୍ୱରରେ ୪୨ ମିମି ବର୍ଷା ହୋଇଥିବା ଜଣାପଡ଼ିଛି । ବାକି ଜିଲ୍ଲାଗୁଡ଼ିକରେ ଛିଟିଛାଟିଆ ବର୍ଷା ଜାରି ରହିଥିବା ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ଜ୍ଞାନେଶ ଇସ୍ତଫା ନଦେବା ଯାଏ କଂଗ୍ରେସ ଆନ୍ଦୋଳନ ଜାରି ରଖିବ

କେନ୍ଦୁଝର (ସବ୍ୟୁ): କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ତରଫରୁ କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଯାଇଛ । ନିର୍ବାଚନରେ ଏଭିଏମ ମେସିନ ଦ୍ୱାରା ଭୋଟ ଚୋରି ନେଇ ଦେଶର କୋଣ ଅନୁକୋଣ ରେ ପ୍ରତିବାଦ ଆରମ୍ଭ ହୋଇଯାଇଛି, ଯେ ପର୍ଯ୍ୟନ୍ତ ଭୋଟ ଚୋର ନୀତିକୁ ବିଜେପି ସରକାର ପ୍ରତ୍ୟାହାର ନ କରିବ ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ, ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାର ଇସ୍ତଫା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା ଓ କେନ୍ଦ୍ର କ୍ୟାବିନେଟ ସଚିବ ଅଜିତ ଡୋଭାଲଙ୍କ ଇସ୍ତଫା ନ ଦେବା ପର୍ଯ୍ୟନ୍ତ କଂଗ୍ରେସ ଦଳ ଆନ୍ଦୋଳନ ଜାରି ରଖିବେ ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ରୋହତୋଷ ବୈଶ୍ୟ୍ୟା କହିଛନ୍ତି । ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ନଭେମ୍ବର ୧ ତାରିଖରେ ନୂଆଦିଲ୍ଲୀ ଠାରେ ଭୋଟ ବଞ୍ଚାଓ ଦେଶ ବଞ୍ଚାଓ ପାଇଁ ବିକ୍ଷୋଭ ଓ ପ୍ରତିବାଦ କରାଯିବ ବୋଲି ଶ୍ରୀ ଜେନା କହିଛନ୍ତି । ପିସିସି ସମ୍ପାଦକ ସଂଗ୍ରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ଜିଲ୍ଲା କଂଗ୍ରେସ ପଛୁଆବର୍ଗ ସଭାପତି ଯଦୁମଣି ବାରିକ, ପିସିସି ସମ୍ପାଦକ ଦେବାଶିଷ ମହାପାତ୍ର, ସଦର ବ୍ଲକ ସଭାପତି ଉତ୍ତମ କୁମାର ସାହୁ, ଜିଲ୍ଲା ଉପସଭାପତି ଲଳିତ ମୋହନ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ସୁଜଳ କୁମାର ସେଠି, କଂଗ୍ରେସ ନେତା ରୂପ ରଞ୍ଜନ ପଣ୍ଡା, ରତ୍ନାକର ଜେନା, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଜିରୋ...

ଏସଆରସି ରାଜେଶ ପ୍ରଭାକର ପାଟିଲ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ବାତ୍ୟା ପରିଚାଳନା ଓ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ ଏବଂ ବିଭିନ୍ନ ଜିଲ୍ଲାରେ ତଦାରଖ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ମାନଙ୍କ ସହିତ ସେଠାକାର ପରିସ୍ଥିତି ଓ ପରିଚାଳନା ବିଷୟରେ ପଚାରି ବୁଝିଥିଲେ । କୋରାପୁଟ ତଦାରଖ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଗଜପତିରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମାଲକାନଗିରିରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ ବର୍ଷା ସ୍ଥିତି, କ୍ଷୟକ୍ଷତି, ନଦୀ ଜଳସ୍ତର, ଆଶ୍ରୟସ୍ଥଳୀର ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ସମୀକ୍ଷା ପରେ ଗଣମାଧ୍ୟମ ଆଗରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ୧୭ଟି ବ୍ଲକ୍‌ରେ ୧୦୫ ମିଲିମିଟରରୁ ଅଧିକ ବର୍ଷା ହୋଇଛି । କୋରାପୁଟର ପଟାଙ୍ଗୀରେ ସର୍ବାଧିକ ୧୮୮ ମିଲିମିଟର ଓ ଗଜପତିର ମୋହନାରେ ୧୮୨.୪ ମିଲିମିଟର ବର୍ଷା ହୋଇଛି । ତେବେ ଜିଲ୍ଲା ମାନଙ୍କ ମଧ୍ୟରେ ଗଜପତି ଜିଲ୍ଲା ବର୍ଷା ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନାରେ ଆମର ଯଥେଷ୍ଟ ଦକ୍ଷତା ରହିଛି ଏବଂ ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଥିଲା । ତେଣୁ ପରିସ୍ଥିତିର ମୁକାବିଲାରେ ଆମେ ସଫଳ ହୋଇଥିଲୁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, ବାତ୍ୟାର ମୁକାବିଲା ପାଇଁ ୨ ଜଣ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ୬ ଜଣ ମନ୍ତ୍ରୀ ଏବଂ ୭ ଜଣ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲାର ତଦାରଖ ଦାୟିତ୍ୱ ଦିଆଯାଇଥିଲା । ବାତ୍ୟା ମୁକାବିଲା ପାଇଁ ସମୁଦାୟ ୩୧୩ଟି ରେସ୍‌ପନ୍ସ ଟିମ୍ ନିୟୋଜିତ ରହିଛି ଏଥିରେ ୬୦ଟି ଓଡ୍ରାଫ୍, ୯ଟି ଏନ୍.ଡି.ଆର୍.ଏଫ୍ ଏବଂ ୨୪୪ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ ଅଛନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରଭାବିତ ୮ଟି ଜିଲ୍ଲାର ୬୩୪ଟି ଆଶ୍ରୟ ସ୍ଥଳୀରେ ୪୩, ୮୨୭ ଲୋକଙ୍କୁ ସୁରକ୍ଷିତ ରଖାଯାଇଛି । ଏହି ଜିଲ୍ଲା ଗୁଡିକ ହେଲା- ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ଗଞ୍ଜାମ, ଗଜପତି ଓ ନୂଆପଡା । ରିଲିଫ କ୍ୟାମ୍ପ ଗୁଡ଼ିକରେ ଲୋକମାନଙ୍କୁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି । ପାନୀୟ ଜଳ, ଔଷଧ ଓ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ ମହଜୁଦ ରଖାଯାଇଛି । ଏହି ସମୟରେ ୨,୨୪୫ ଜଣ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଛି ଏବଂ ୯୩୧ ଜଣ ଶିଶୁ ସୁରକ୍ଷିତ ଭାବେ ଜନ୍ମ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ଭିତରୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଇଥିଲା ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/2246/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା: ୨୨୯ **ବିଜ୍ଞାପନ** ତା : ୯.୧୦.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା	ଗୃହର ବିବରଣୀ	ଉତ୍ତରାଧିକାରୀଙ୍କ ନାମ
ସ୍ୱର୍ଗତ ଭୀମସେନ ନାଏକ ପିତା – ସ୍ୱର୍ଗତ ବୁଟୁ ନାଏକ ସା–ନାକେଇପଶି ପୋ–ଦାନରା ଥାନା– କୋଲ୍ଲିଏରୀ ଜିଲ୍ଲା–ଅନୁଗୁଳ	ବି.ଏମ୍–୨୫ (M.I.G-25) ବିକ୍ରମପୁର ହାଉସିଂ ସ୍କିମ୍ ତାଳଚେର	୧. ନିଶାମଣୀ ନାଏକ (ସ୍ତ୍ରୀ) ୨. କ୍ଷିତିଶ କୁମାର ନାଏକ (ପୁତ୍ର) ୩. ଝତିଶ କୁମାର ନାଏକ (ପୁତ୍ର) ୪. ଅତିଶ କୁମାର ନାଏକ (ପୁତ୍ର)

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0311

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-300-W

କାର୍ଯ୍ୟର ନାମ: 'ଭାରୀ ମରାମତି କାରଖାନା (ହେଭି ରିପେୟାର୍ ସପ୍)ର ବିକାଶ ଏବଂ ସମ୍ବଲପୁର କୋଚିଂ ଡିପୋର କ୍ଷମତା ବୃଦ୍ଧି ' ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 20,66,941.20, **EMD :** ₹ 41,300/-, **କାର୍ଯ୍ୟ ଶେଷ ହେବା ଅବଧି :** ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 06 (ଛଅ) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.13.11.2026 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-512/R/26-27

ସତର୍କତା ଜାଗରଣ ସପ୍ତାହ
26 ଅକ୍ଟୋବର ଠାରୁ 1 ନଭେମ୍ବର 2026

"ସତ୍ୟନିଷ୍ଠା ରୁ ସମୃଦ୍ଧି"

➤ ଉପଭୋକ୍ତାମାନଙ୍କୁ ନିବେଦନ ➤

- ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ ।
- ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ/ଟିକଟ ମାଗି ନିଅନ୍ତୁ ।
- ରେଳୱେର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂଯୁକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ ।
- ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ । ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ ।
- ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍-ଏ, ଜିପିଓ କମ୍ପ୍ଲେକ୍ସ, ଆଇଏନ୍ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ । ଲଫାଫା ଉପରେ "ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧିନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ ।
- ଯଦି ଆପଣଙ୍କ ନିକଟରେ ରେଳୱେରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ.: 8455885031କୁ ଫୋନ କରି ସୂଚନା ଦେଇପାରିବେ ।

ସତର୍କତା ହେଲ୍ପଲାଇନ୍ ନଂ. 8455885031
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-508/R/26-27

25001/1377/2627 E-Mail ID - rwd-padampur@yahoo.co.in
Ph.No. 9437255440

Government of Odisha
"e" Procurement Notice
Bid Identification No: Online- 07-OF 2026-27

1.	Name of the work	: **Building works (As per Annexure-'A')**
2.	Amount put to Bid Excluding GST	: As per Annexure-'A'
3.	Class of contractor	: "D" ,"C" & B Class
5.	Date & Time of availability of bid document in the portal	: From Dt. 31.10.2026 at 10.00 A.M.
6.	Last date & Time for receipt of bids in the portal	: Dt. 09.11.2026 upto 05:00 P.M.
7.	Last date of seeking clarification	: Dt. 07.11.2026 up to 05.00 P.M
8.	Date & Time of technical bid opening	: Dt. 10.11.2026 at 11.00 A.M .
10.	Name and address of the Officer Inviting Bid	: Superintending Engineer, R.W.Division, Padampur, At/Po- Padampur, Dist-Baragada, Pin- 768036

i. Other details can be seen from DTCN available in website **www.tendersodisha.gov.in**
ii. Corrigendum, if any shall only be published in the above website.

Sd/- Superintending Engineer,
Rural Works Division, Padampur

OIPR : 25001/25069/1/26-27/0011

ROURKELA DEVELOPMENT AUTHORITY
UDITNAGAR : ROURKELA-769012
No. 2373 / RDA., Dated. 07.10.26

13001/2274/2627 **PROCLAMATION**

It is hereby informed to the General public **that, Debabrata Mohapatra, S/o- Late Jadumani Mohapatra, @ Barik**, has applied for mutation of House No. L/57, under Durgapur Foot Hill Housing Project, Stage-I, Basanti, Colony in his favour consequent upon death of his father Late Jadumani Mohapatra @ Barik if anybody has got objection to the proposed mutation, He/She may file objection petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd/- Secretary
Rourkela Development Authority

OIPR : 13001/13250/1/26-27/0039

OFFICE OF THE PANCHAYAT SAMITI, KATAKA SADAR, KATAKA
IDENTIFICATION No: - BLKKATAKA SADAR -03/2026-27

19001/309/2627 **Short Notice**

Tender Call is invited from the intended class D & C for 4 nos of Civil Construction projects as mentioned in Bid identification no as above under Panchayat Samiti ,Kataka Sadar ,Kataka ,PIN-753004 . For detailed information refer website **https://kataka.odisha.gov.in** and **www.tendersodisha.gov.in**.

Sd/-
Block Development Officer
Kataka Sadar

OIPR : 19001/19304/1/26-27/0003

25001/1392/2627
OFFICE OF THE SUPERINTENDING ENGINEER
RURAL WORKS DIVISION, PADAMPUR
1st Corrigendum to Tender call notice No. Online 06 of 2026-27

A. Due to some unavoidable circumstances the critical dates have been changed as given below.

Sl. No.	Schedule of dates	As per Tender call notice	As per 1st corrigendum
1	2	3	4
1.	Date & Time of availability of bid document in the portal	17.10.2026 at 10.00A.M	17.10.2026 at 10.00A.M
2.	Last date & Time for receipt of bids in the portal	29.10.2026 upto 05.00P.M	02.11.2026 upto 05.00P.M
3.	Last date of seeking clarification	28.10.2026 upto 05.00P.M	31.10.2026 upto 05.00P.M
4.	Date & Time of bid opening	30.10.2026 at 11.00A.M	03.11.2026 at 11.00 A.M

B. The Technical Evaluation Committee shall reject bids found to be abnormally low-bids. If the same bidder submits abonormally low bids for the second time, the bidder shall be debarred from participating in the next tender, subject to the applicable tender conditions and rules.
C. The bidders shall fulfill the following criteria for all the SDBC works as per Annexure-A of the tender call notice.
i) In order to qualify for the works which are SDBC nature as per annexure-A the following machineries are mandatorily required. Proof of ownership of Tools & Plants and machineries are to be furnished in shape of copy of invoices / required sale deed in case of 2nd purchase / required lease deed with owner ship documents of the lessor. Multiple leasing of tools and machineries is not allowed. The bid will be rejected if Multiple leasing is found for more than one bidder.

Sl. No.	Name of the machineries	Total Numbers Required	Remarks
1	2	3	4
1.	Hot Mix Plant (60 to 90 TPH and above)	01 No.	In order to qualify, the bidder must possess all the three machineries. (Mandatory)
2.	Paver Finisher with sensor Control / Mechanical Paver Finisher	01 No.	
3.	Vibratory Roller/ Tandem Roller	01 No.	

All other terms and conditions remains unchanged.

Sd/- Superintending Engineer,
Rural Works Division, Padampur

OIPR : 25001/25069/1/26-27/0012

GOVERNMENT OF ODISHA : OFFICE OF THE SUPERINTENDING ENGINEER
RURAL WORKS DIVISION, JAYAPUR
25001/1397/2627
email - eerwdjeypore@gmail.com

Letter No. 5306 Date : 23.10.2026

NATIONAL COMPETITIVE BIDDING THROUGH GePNICe Procurement Notice

1. Name of the Works : Construction of **Buildings** Works - **05 Nos.**
2. Class of Contractor : "D", "C", "B" Class & "A" Class of (Odisha PWD) or relevant class of other licensing authority.
3. Estimated Cost : Various from Rs. 8.47 Lakhs to Rs. 1.27 Lakhs (Approximately)
4. Details of Projects : As per Annexure attached.

Procurement Officer	Bid Identification No	Availability of tender Online for bidding		Last Date of seeking tender Clarification	Date & Time of Opening of tender
		From	To		
1	2	3	4	5	6
Superintending Engineer, Rural Works Division, Jayapur	EERWDJYP-Online-13/2026-27	30.10.2026 at 10.00 A.M.	09.11.2026 up to 5.00 P.M.	07.11.2026 up to 2.00 P.M.	10.11.2026 at 10.00 A.M.

5. The details of works can be seen from the website **https://www.tendersodisha.gov.in**
6. Any Corrigendum / Addendum will be displayed in the above e-tender web site.

Sd/- Executive Engineer
Rural Works Division, Jayapur

OIPR : 25001/25160/1/26-27/0012

GOVERNMENT OF ODISHA : OFFICE OF THE SUPERINTENDING
RURAL WORKS DIVISION, JAYAPUR
email - eerwdjeypore@gmail.com

Letter No. 5301 Date : 23.10.2026
25001/1398/2627 NATIONAL COMPETITIVE BIDDING THROUGH GePNICe Procurement Notice

Tender Identification No: 02/RWSS/RGD/2026-27 Dated : 31.08.2026

1. Name of the Works : Construction of **Roads** Works - **28 Nos**.
2. Class of Contractor : "D", "C", "B" Class & "A" Class of (Odisha PWD) or relevant class of other licensing authority.
3. Estimated Cost : Various from Rs. 44.49 Lakhs to Rs. 5.08 Lakhs (Approximately)
4. Details of Projects : As per Annexure attached.

Procurement Officer	Bid Identification No	Availability of tender Online for bidding		Last Date & Time of seeking tender Clarification	Date & Time of Opening of tender
		From	To		
1	2	3	4	5	6
Superintending Engineer, Rural Works Division, Jayapur	EERWDJYP-Online-12/2026-27	30.10.2026 at 11.00 A.M.	09.11.2026 up to 5.00 P.M.	07.11.2026 up to 2.00 P.M.	10.11.2026 at 10.00 A.M.

5. The details of works can be seen from the website **https://www.tendersodisha.gov.in**
6. Any Corrigendum / Addendum will be displayed in the above e-tender web site.

Sd/- Executive Engineer
Rural Works Division, Jayapur

OIPR : 25001/25160/1/26-27/0013

OFFICE OF THE EXECUTIVE ENGINEER
GROUND WATER DEVELOPMENT DIVISION-1HP BUILDING.UNIT-8. DELTA SQUARE, BHUBANESWAR-751012
[Phone No. 2561040 (O), email:executiveengineerhpbbsr@gmail.com]
32001/1147/2627 "e" Procurement Notice No. 1306 of 2026-27 Dt. 15.10.26
Bid Identification No. GWD DIV-I BBSR-15/26-27

Executive Engineer, GWD Dlvblon-I, Delta square, Unit- 8, Bhubanneswar on behalf of Hon'ble Governor of Odisha invites on-line Percentage-rate tender through "e" Procurement in Single cover system for execution of the following work.

1	Nature of the Work	:	Civil Work
2	Name of the Work:	:	Construction of 6nos of Rooftop rainwater Harvesting Structures at P N College of Khordha district PH-I for the FY -2026-27.
3	Approximate amount put to tender	:	Rs.21.86 Lakh
4	Period of Completion	:	1 (One) Calendar Month
5	Class of Contractor	:	"B" & "C" Class Contractor
6	Date & time of Availability of Bid document in the portal	:	Dt. 26.10.2026 at 11.00 AM to 05.11.2026 up to 11.00 AM
7	Last date & time of receipt of Bids in the Portal	:	Dt. 05.11.2026 up to 11.00 AM
8	Date, time & place of opening of Technical/ Financial Bid/s	:	Dt. 05.11.2026 at 11.30 AM in O/o the EE GWD Divn-1
9	Name & address of the officer inviting Bid	:	OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-I HP ADMINISTRATIVE BUILDING,UNIT-8.DELTA SQUARE.BHUBANES WAR-751012

Further details can be seen from the Govt, website www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.

OIPR : 32001/32372/2/26-27/0009 Sd/- Executive Engineer GWD division 1

Office of the Executive Engineer, Support Services Division,
2nd Floor, Dam Safety Building, Secha Sadan, Bhubaneswar-751001.
E-mail:eessdivision@gmail.com.

32001/1162/2627 **QUOTATION CALL NOTICE NO. 08/2026-27**

Sealed quotations are invited from eligible Firms, Suppliers and Dealers etc to supply the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before.05.11.2026, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 30.10.2026 to 03.00 PM of 05.11.2026 on payment of Rs. 100/- (Rupees One Hundred) only.

Sl. No.	Name of Work	Item	Paper Cost (Non-Refundable)	Quotation Call Notice No
1	Supply of Two nos. of Air Conditioner for the Room no. 126 & 126A O/o The Chief Engineer, Designs, BBSR.	1 No	Rs.100.00	08(1)/2026-27
2	Supply of One Nos of Air Conditioner to the Passage in front of Office Chamber of the Engineer-in-Chief O/o The Engineer-in-Chief Water Resources Bhubaneswar.	1 No	Rs.100.00	08(2)/2026-27
3	procurement of one number Desktop computer for official use of Estimating Branch, O/o Executive Engineer support services Division Odisha Bhubaneswar	3 Nos	Rs.100.00	08(3)/2026-27
4	procurement of All-in-One Computer, monitor Printer for the official use of different branches O/o Additional chief engineer, central irrigation circle Bhubaneswar.	4 Nos	Rs.100.00	08(4)/2026-27
5	Annual Procurement of Plotter Cartridge for the official use in the O/o Chief Engineer, Designs, (WR) Odisha, Bhubaneswar for the year 2026-27.	13 Nos	Rs.100.00	08(5)/2026-27
6	Procurement of two nos. of Desktop Computer, three nos. of Printer and MS office software for the official use in the Estimating Branch under the Chief Engineer, Mechanical, in the O/o EIC, WR, BBSR.	3 Nos	Rs.100.00	08(6)/2026-27
7	Procurement of One no. of Multifunction Plotter Printer with integrated scanner and copier for the official use in Drawing Branch, in the O/o Chief Engineer, Designs, BBSR.	1 no	Rs.100.00	08(7)/2026-27
8	Procurement of 03 nos. of Aquaguard (water purification system) for Second floor in Secha Sadan, Bhubaneswar.	1 No	Rs.100.00	08(8)/2026-27
9	Procurement of 05 nos. of Printer for the official use, in the O/o the Chief Engineer, Designs, BBSR.	1 No	Rs.100.00	08(9)/2026-27
10	procurement of All-in-One Desktop Computer, for Asst. To Addl. CE, central irrigation circle Bhubaneswar	1 No	Rs.100.00	08(10)/2026-27
11	Procurement of a colour printer for chamber of EIC-CUM Special secretary-II, ISI & LM in Rajiv Bhawan Bhubaneswar.	1 No	Rs.100.00	08(11)/2026-27
12	Procurement of 02 nos. of Desktop Computer, UPS, 01 no. of Colour Printer, 01 no. of Keyboard and MS office Software fo rSocial Media activities in EIC-cum-Special Secretary to Govt. Cell of the Scheme & Monitoring, Department of Water Resources, Gov.t of odisha (Rajiv Bhawan)	5 Nos.	Rs. 100.00	08(12)/2026-27

Sd/- Executive Engineer,
Support Services Division

OIPR : 32001/32447/1/26-27/0010

13001/2270/2627

MUNICIPAL OFFICE, JAJPUR
(Ph: 06728-222073 / E-mail: jajpur.m.1869@gmail.com)
No. 3846/ Date. 27.10.2026

QUOTATION CALL NOTICE

The Executive Officer, Jajpur Municipality on behalf of Jajpur Municipal Council . Jajpur invites sealed quotation from the reputed Regd. Firms /Suppliers intending to supply Sanitation Materials of Jajpur Municipality for the Sanitation work as per specification mentioned in the quotation Schedule (Annexure-A).

The intending bidders satisfying the eligible criteria as provided in the quotation paper can take part in the bidding process .The quotation paper containng general bid of information, term & conditions will be issued from the office of the undersigned w.e.f 27.10.2026 to 03.11.2026 in the working days & hours respectively on payment of cash /DD of RS.1000/- (One thousand Only).Such quotation paper duly filled in properly shall be submitted to the undersigned by tender box kept in the office of the Executive Officer Jajpur Municipality on or before 12.00 pm on **Dt. 03.11.2026** which shall be opened on 03.11.2026 at 4.00 pm in presence of the bidders or their authorized representatives in the Municipal Office ,Jajpur .The date of opening shall not be deferred in the absence of either bidder or their authorized representatives.

The bidder should attaches the copy of GST /PAN card.

Sd/- Executive Officer
Jajpur Municipality

OIPR : 13001/13171/1/26-27/0014

e-mail: gmwatcosbp@gmail.com
GOVERNMENT OF ODISHA
WATER CORPORATION OF ODISHA
OFFICE OF THE GENERAL MANAGER,
WATCO DIVISION, SAMBALPUR
13001/2273/2627

NOTICE INVITING TENDERS

NATIONAL COMPETITIVE BIDDING THROUGH e-Procurement
Bid Identification No. GMWATCOSBP-04/2026-27 Dt. 27.10.2026

1.	Name of the Work	: 1 no. work
2.	Type of Bid	: Two Bid System
3.	Estimated Cost	: Rs. 62.70 lakh
4.	Period of Completion	: 3 (Three) Calendar Months
5.	Date & Time of availability of bid document in the portal	: From 11.00 AM of dt. 02.11.2026 to 5.00 PM of 16.11.2026
6.	Last date / time of receipt of bids in the portal	: 5.00 PM of 16.11.2026
7.	Date & Time of opening of technical bids	: At 11.30 AM of 17.11.2026
8.	Name and Address of the Officer Inviting Bid	: General Manager, WATCO Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768001.

Further details can be seen from the web site http://tenders.ori.nic.in or www.tendersorissa.gov.in

Sd/- General Manager,
WATCO Division, Sambalpur

OIPR : 13001/13236/1/26-27/0003

13001/2260/2627
KATAKA MUNICIPAL CORPORATION
"e" PROCUREMENT NOTICE
Bid Reference No. MC(KMC) CTC - EL_No.5/2026-27
Tender ID : 2026_ORULB_144257
Tender Call Notice No. 10093 (PW) Date. 26.10.2026

Name of Works	: Electrical Works
No of Works	: 01
Bid Value	: Rs. 33.87 Lakh
Period of Completion	: One Calendar Month
Date and Time schedule	:

Start	End	Opening
12.00 PM on dt. 28.10.2026	5.00 PM on dt. 06.11.2026	11:00 A.M. on dt.10.11.2026

Tender Details : can be seen from the procurement portal: **www.tendersorissa.gov.in**

Sd/- Executive Engineer
(Electrical)

OIPR : 13001/13031/1/26-27/0073

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର- ୯୪୩୯୯୨୮୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।



ଆଳି ବ୍ଲକ ଠାକୁର ସାହିରେ ସାରସ୍ୱତ ପତ୍ରିକା 'ଗୌରବ'ର ପୂଜାସଂଖ୍ୟା ଉନ୍ମୋଚନ ସହିତ ସମ୍ବର୍ଦ୍ଧନା ଉତ୍ସବ

ପ୍ରଭାବିତ ୧୪ ଜିଲ୍ଲାର ଉଦ୍ଧାର କାର୍ଯ୍ୟରେ ୨୦ ଓଡ୍ରାଫ୍‌ୟୁନିଟ୍ ନିୟୋଜିତ

ଭୁବନେଶ୍ୱର, (ସବ୍ୟୁ) : ବାତ୍ୟା ଅର୍ଣ୍ଣବ ଯୋଗୁ ପ୍ରଭାବିତ ହୋଇଥିବା ୧୪ ଜିଲ୍ଲାରେ ୨୦ ଓଡ୍ରାଫ୍‌ୟୁନିଟ୍ (୬୦ ସବ୍‌ୟୁନିଟ୍) ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ରାଜ୍ୟ ପୋଲିସ ମୁଖ୍ୟାଳୟ ସୂତ୍ରରୁ ଖବର ମିଳିଛି । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ପ୍ରବଳ ପବନ ଓ ଲଗାଣ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ଅଞ୍ଚଳ ବିଶେଷ କରି ଦକ୍ଷିଣ ଓଡ଼ିଶାର ଜନଜୀବନ ପ୍ରଭାବିତ ହୋଇଛି । ବାତ୍ୟା ଓ ବର୍ଷା ଯୋଗୁ ଜାତୀୟ ରାଜପଥ ସମେତ ବିଭିନ୍ନ ରାସ୍ତା ଉପରେ ବଡବଡ ଗଛ ଉପୁଡି ପଡିବାରୁ ଯାତାୟାତ ଓ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି । ଏହି ପରିସ୍ଥିତିର ମୁକାବିଲା ପାଇଁ ଓଡ୍ରାଫ୍ ପଏରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, ନୂଆପଡା, ପୁରୀ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କଟକ ଓ ଖୋର୍ଦ୍ଧା ସମେତ ବିଭିନ୍ନ ଅଞ୍ଚଳରେ ୨୦ୟୁନିଟ୍ ଓଡ୍ରାଫ୍ (୬୦ ସବ୍‌ୟୁନିଟ୍) ମୁତୟନ ରହି ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଉଦ୍ଧାର ଓ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟ କରୁଛନ୍ତି । ବ୍ରହ୍ମପୁର, ଭଞ୍ଜନଗର, ପାତ୍ରପୁର, ନୂଆପଡା, ମୋହନା, ମାଥିଲି, ଚିତ୍ରକୋଣ୍ଡା, ବିଷମକଟକ, ରାଜଖଡିଆଳ, ବ୍ରହ୍ମଗିରି, କଣାସ, କାକଟପୁର, ଉଦଳା, ବଡସାହି ଓ ବାଲୁଗାଁ ଭଳି ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଓଡ୍ରାଫ୍ ନିୟୋଜିତ ରହିଛନ୍ତି । ବାତ୍ୟା ପରବର୍ତ୍ତୀ ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷା ଓ ଜରୁରୀ ସହାୟତା ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଓଡ୍ରାଫ୍ ଟିମ୍ ସଜାଗ ରହି କାର୍ଯ୍ୟ କରୁଛନ୍ତି । ବାତ୍ୟା ପ୍ରଭାବିତ ଉପକୂଳ ଓ ଦକ୍ଷିଣ ଓଡିଶା ସମେତ ବିଭିନ୍ନ ବ୍ଲକର ତଳିଆ ଅଞ୍ଚଳରେ ପାଣି ଘେରରେ ଫସି ରହିଥିବା ଲୋକଙ୍କୁ ଓଡ୍ରାଫ୍ ଟିମ୍ ଉଦ୍ଧାର କରି ସୁରକ୍ଷିତ ସ୍ଥାନ ଓ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରୁଛନ୍ତି । ବିଶେଷ କରି ବୃଦ୍ଧବୃଦ୍ଧା, ମହିଳା, ଶିଶୁ ଓ ଗୃହପାଳିତ ପଶୁଙ୍କ ସୁରକ୍ଷିତ ଉଦ୍ଧାର ଓ ଥଇଥାନ ଉପରେ ଗୁରୁତ୍ୱ ଦିଆଯାଉଛି ।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୃକ୍ତ ରେଞ୍ଜ ଆଇଜି, ଡିଆଇଜି ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓଡ୍ରାଫ୍ ଟିମ୍‌ଗୁଡିକୁ ନିରୀକ୍ଷଣ କରୁଛନ୍ତି । ଓଡ୍ରାଫ୍ ଟିମ୍ ପ୍ରଭାବିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନିୟୋଜିତ ରହି ଗଛଗୁଡିକୁ କାଟି ହଟାଇବା ସହ ଅବରୋଧକୁ ଦୂର କରି ଯାତାୟାତ ଓ ଯୋଗାଯୋଗ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ସହ ବିପନ୍ନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଓଡ୍ରାଫ୍‌ର ୨୪ଘଣ୍ଟିଆ ଜରୁରିକାଳୀନ ନିୟନ୍ତ୍ରଣ କକ୍ଷ ମାଧ୍ୟମରେ ସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଛି । ବିଭିନ୍ନ ଅଞ୍ଚଳ ପରିସ୍ଥିତିକୁ ଆକଳନ କରି ଆବଶ୍ୟକ ଅନୁଯାୟୀ ଉଦ୍ଧାରକାରୀ ଦଳଗୁଡିକୁ ସକ୍ରିୟ ରଖାଯାଇଛି । ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଓଡ୍ରାଫ୍ କର୍ମଚାରୀଙ୍କ ନିଷ୍ଠାପର ଓ ସାହସିକ ଉଦ୍ଧାର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି । ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ଆଗାମୀ କିଛିଦିନ ପର୍ଯ୍ୟନ୍ତ ଓଡ୍ରାଫ୍ ସଜାଗ ରହି ଯେକୌଣସି ଜରୁରୀ ପରିସ୍ଥିତିର ଦ୍ରୁତ ମୁକାବିଲା କରିବାକୁ ଡିଜିପି ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି ।

ଗଣତନ୍ତ୍ରକୁ ବିପଦରେ ପକାଇଛନ୍ତି ଜ୍ଞାନେଶ : ନିଳାଂଶୁ ଚତୁର୍ବେଦୀ

ଖୋର୍ଦ୍ଧା, (ସବ୍ୟୁ): ଭାରତର ଗଣତନ୍ତ୍ରକୁ ବିପଦରେ ପକାଇଥିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସାରାରେ କାର୍ଯ୍ୟ କରୁଥିବା ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ନିଳାଂଶୁ ଚତୁର୍ବେଦୀ କହିଛନ୍ତି। ସେ ଆହୁରି ମଧ କହିଥିଲେଯେ, ଅବୈଧ ଏସଆଇଆର ବାତିଲ,କାଟିଥିବା ସମସ୍ତ ଭୋଟରଙ୍କ ନାମ ତୁରନ୍ତ ଯୋଡ଼ିବା ,ପୂର୍ବଭଳି ନିୟମିତ ବ୍ୟବଧାନରେ ଭୋଟର ତାଲିକା ସଂଶୋଧନ,ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ସମ୍ପର୍କିତ ଆଇନ ବାତିଲ, ନିର୍ବାଚନ ଆୟୋଗଙ୍କ ସ୍ୱାଧୀନତା ଓ ସ୍ୱାୟତତା ସୁନିଶ୍ଚିତ କରିବା ଉଚିତ୍। ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ପ୍ରଚଳନ, ନିର୍ବାଚନରେ ଅର୍ଥ ଓ ବାହୁବଳର ପ୍ରଭାବ ବନ୍ଦ୍ ପ୍ରାଥମିକତା ଦେବାକୁ ଶ୍ରୀ ଚତୁର୍ବେଦୀ ଦାବି କରିଥିଲେ। ବିଶେଷକରି ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ବିବାଦୀୟ କାର୍ଯ୍ୟ ପିନାକୀ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାରତ ରେ ଏହି ପରମ୍ପରା ବିପଦରେ। କେହି ନିଜକୁ



ସୁରକ୍ଷିତ ମନେ କରୁ ନାହାନ୍ତି। କେହି ବି ଜାଣି ନାହାନ୍ତି ତାଙ୍କ ନାମ ଭୋଟର ତାଲିକାରେ ଅଛି କି ନାହିଁ। ତେଣୁ ଭୋଟର ତାଲିକା ସଂଶୋଧନ ଓ ଏସଆଇଆରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଜରୁରୀ ବୋଲି ସେ ଉପସ୍ଥିତ ଗଣମାଧ୍ୟମ କୁ କହିଥିଲେ।

ଏହି ଅବସରରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପିସିସି ସାଧାରଣ ସମ୍ପାଦକ ଜିଲ୍ଲା ପ୍ରଭାରୀ ପ୍ରିୟବ୍ରତ ସାମନ୍ତରାୟ, ବେଗୁନିଆ ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁ, ଜଟଣୀ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା, ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ,ସ୍ୱାଗତିକା ପଟ୍ଟନାୟକ,ସତ୍ୟଜିତ୍ ପଟ୍ଟନାୟକ, ସଦାଶିବ ମହାପାତ୍ର,ଶିଶିର ପରିଡ଼ା,ଅଶୋକ ମଙ୍ଗରାଜ,ଜୟଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

ଅର୍ଣ୍ଣବର ପ୍ରଭାବ, ଝଡବର୍ଷାରେ ଭାଙ୍ଗିଗଲା ଗଛ

ଜଟଣୀ, (ସବ୍ୟୁ) : ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଜଟଣୀ ସହରର ୟୁନିଅନ ବ୍ୟାଙ୍କ ପଛ ପଟେ ଥିବା ସିଦ୍ଧ ମହାବୀର ମନ୍ଦିର ସମ୍ମୁଖରେ ରାସ୍ତା କଡରେ ଥିବା ଏକ ପୁରୁଣା ଆମ୍ବ ଗଛର ବିଶାଳ ଡାଳ ଭାଙ୍ଗି ଯିବା ସହିତ ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ଉପୁଡି ପଡିଥିଲା । ଯାହାଫଳରେ ବିଦ୍ୟୁତ ସରାବରହ ବନ୍ଦ ହେବା ସହିତ ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା । ତେବେ ସ୍ୱଭାଗ୍ୟର ବିଷୟ ଏହି ଘଟଣାରେ ନିକଟରେ ଥିବା ଦୋକାନ ଗୁଡିକ ସମ୍ମୁଖରେ କେହି ଜନସାଧାରଣ ନଥିବାରୁ କୌଣସି କ୍ଷୟକ୍ଷତି ହୋଇନଥିଲା । ସୂଚନା ପାଇବା ପରେ ବିଦ୍ୟୁତ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଭାଙ୍ଗି ପଡ଼ିଥିବା ବିଶାଳ ଗଛ ଡାଳ କାଟି ଗମନାଗମନ ସୁଗମ କରାଇଥିଲେ ।

ଜିଓର ଧମାକାଦାର ଏଣ୍ଟ୍ରି, ରିଲାଏନ୍ସ ହେଲା ଦେଶର ଏକ ନମ୍ବର ବ୍ୟବସାୟିକ ସମୂହ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଜିଓ ପ୍ଲାଟଫର୍ମସ୍ ର ମିଳିତ ବଜାର ମୂଲ୍ୟ ୨୮ .୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲା

ଭୁବନେଶ୍ୱର (ସବ୍ୟୁ): ସେୟାର ବଜାରରେ ଜିଓ ପ୍ଲାଟଫର୍ମସ୍ ର ଧମାକାଦାର ପ୍ରବେଶ ଦେଶର ସର୍ବାଧିକ ମୂଲ୍ୟବାନ ବ୍ୟବସାୟିକ ସମୂହ ଗୁଡ଼ିକର ରାଙ୍କିଙ୍ଗ ସାରଣୀ ବଦଳାଇ ଦେଇଛି। ବୁଧବାର ଜିଓର ଶେୟାର ୧,୩୫୮ ଟଙ୍କା ମୂଲ୍ୟରେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବା ମାତ୍ରେ ରିଲାଏନ୍ସ ସମୂହ ଟାଟା ସମୂହକୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିଛି। ଜିଓର ଲିଷ୍ଟିଂ ପରେ ରିଲାଏନ୍ସ ସମୂହର ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମିଳିତ ମାର୍କେଟ୍ କ୍ୟାପ୍ ୨୮.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୫.୬ ଲକ୍ଷ କୋଟି ଟଙ୍କାର ମାର୍କେଟ୍ କ୍ୟାପ୍ ସହ ଟାଟା ସମୂହ ଦ୍ୱିତୀୟ ଏବଂ ୧୬.୬ ଲକ୍ଷ କୋଟି ଟଙ୍କା ସହ ଆଦାନୀ ସମୂହ ତୃତୀୟ ସ୍ଥାନରେ ରହିଛି। ଜିଓର ଏହି ଧମାକାଦାର ଏଣ୍ଟ୍ରି ରିଲାଏନ୍ସ ସମୂହର ବଜାର ମୂଲ୍ୟରେ ବଡ଼ ବୃଦ୍ଧି ଆଣିଛି। ୧,୧୧୯ ଟଙ୍କା ଇସ୍ୟୁ ମୂଲ୍ୟ ତୁଳନାରେ ଜିଓର ସେୟାର ୧,୩୫୮ ଟଙ୍କାରେ ଲିଷ୍ଟିଂ ହୋଇଛି, ଅର୍ଥାତ୍ ୨୧.୪ ପ୍ରତିଶତ ପ୍ରିମିୟମରେ କାରବାର ଆରମ୍ଭ କରିଛି। ଏହି ମୂଲ୍ୟ ଅନୁସାରେ ଜିଓର ମାର୍କେଟ୍ କ୍ୟାପ୍ ବା ବଜାର ପୁଞ୍ଜି ୧୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଜିଓ ପ୍ଲାଟଫର୍ମସ୍‌ର



ମିଳିତ ବଜାର ମୂଲ୍ୟ ୨୮.୭ ଲକ୍ଷ କୋଟି ଟଙ୍କା ହୋଇଛି। ଜିଓ ପ୍ଲାଟଫର୍ମସର ସେୟାରହୋଲ୍ଡରଙ୍କ ସଂଖ୍ୟା ମଧ ଦେଶରେ ସର୍ବାଧିକ। କମ୍ପାନିର ମୋଟ ସେୟାରହୋଲ୍ଡରଙ୍କ ସଂଖ୍ୟା ୭୯.୮ ଲକ୍ଷ ରହିଛି।

ମୁମ୍ବାଇସ୍ଥିତ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ (ଏନଏସଇ) ରେ ଜିଓର ଲିଷ୍ଟିଂ ଅବସରରେ ପାରମ୍ପରିକ ବେଲ୍-ରିଙ୍ଗିଂ ସମାରୋହ ଆୟୋଜନ କରାଯାଇଥିଲା। ଏହି ସମାରୋହରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ, ନୀତା ଅମ୍ବାନୀ, ଆକାଶ ଅମ୍ବାନୀ, ଈଶା ଅମ୍ବାନୀ ଏବଂ ଅନନ୍ତ ଅମ୍ବାନୀ ଯୋଗ ଦେଇଥିଲେ। ଲିଷ୍ଟିଂ ପୂର୍ବରୁ ଆକାଶ, ଈଶା ଏବଂ ଅନନ୍ତ ଅମ୍ବାନୀ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ଜିଓ ପ୍ଲାଟଫର୍ମସ୍‌ର ପରିଚାଳନା ନିର୍ଦ୍ଦେଶକ ଆକାଶ ଅମ୍ବାନୀ କହିଥିଲେ, "ଆଜିର ଲିଷ୍ଟିଂ ଆମର ଲକ୍ଷ୍ୟସ୍ଥଳ ନୁହେଁ, ବରଂ ଏକ ନୂଆ ଆରମ୍ଭ। ଆମେ ମୁକ୍ତ ଭାବେ ଆଲୋଚନା କରିବୁ, ନିଜ ପ୍ରତିଶ୍ରୁତି ପାଳନ କରିବୁ ଏବଂ ନିଜ କାର୍ଯ୍ୟ ମାଧ୍ୟମରେ ଆପଣଙ୍କ ବିଶ୍ୱାସ ଜିତିବୁ। ଏହି ଲିଷ୍ଟିଂର ଅନ୍ୟ ଏକ ବିଶେଷ ଦିଗ ହେଉଛି, ମାର୍କେଟ୍ କ୍ୟାପ୍ ଦୃଷ୍ଟିରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଜିଓ ପ୍ଲାଟଫର୍ମସ୍ ଦେଶର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସର୍ବାଧିକ ମୂଲ୍ୟବାନ ତାଲିକାଭୁକ୍ତ କମ୍ପାନି ହୋଇପାରିଛନ୍ତି। ଏହି ଦୁଇଟି କମ୍ପାନିର ମିଳିତ ବଜାର ମୂଲ୍ୟ ଟାଟା ସମୂହର ସମସ୍ତ ତାଲିକାଭୁକ୍ତ କମ୍ପାନିର ମୋଟ ମାର୍କେଟ୍ କ୍ୟାପ୍ ଠାରୁ ମଧ ୩.୧ ଲକ୍ଷ କୋଟି ଟଙ୍କା ଅଧିକ ରହିଛି। ଏହିପରି ଭାବେ ଜିଓର ପ୍ରବେଶ କେବଳ ଦେଶର ସର୍ବାଧିକ ମୂଲ୍ୟବାନ କମ୍ପାନିଗୁଡ଼ିକର ରାଙ୍କିଂ ନୁହେଁ, ବରଂ ବଡ଼ ବ୍ୟବସାୟିକ ସମୂହଗୁଡ଼ିକର ରାଙ୍କିଙ୍ଗକୁ ମଧ ବଦଳାଇ ଦେଇଛି।

ମୋରପେନ୍ ଦ୍ୱିତୀୟ ତ୍ରୈମାସିକରେ ରେକର୍ଡ ରାଜସ୍ୱ ୭୫୫ କୋଟି ଟଙ୍କା

ଭୁବନେଶ୍ୱର, (ସବ୍ୟୁ) : ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ ଆଜି ସେପ୍ଟେମ୍ବର ୩୦, ୨୦୨୬ ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ଅର୍ଦ୍ଧ ବର୍ଷ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି, ଯାହା କ୍ରମାଗତ ଦ୍ୱିତୀୟ ତ୍ରୟମାସରେ ରେକର୍ଡ ରାଜସ୍ୱ ଏବଂ ଆୟ ରିପୋର୍ଟ କରିଛି। ସେପ୍ଟେମ୍ବର ୩୦, ୨୦୨୬ ରେ ଶେଷ ହୋଇଥିବା ଦ୍ୱିତୀୟ ତ୍ରୟମାସରେ କମ୍ପାନୀର ବିକ୍ରୟ ରାଜସ୍ୱ ୮୧ ପ୍ରତିଶତ ବୃଦ୍ଧି ପାଇ ୭୫୫ କୋଟି ଟଙ୍କା, ଇବିଆଇଟିଡିଏ ୨୭୩ ପ୍ରତିଶତ ବୃଦ୍ଧି ପାଇ ୧୩୨ କୋଟି ଟଙ୍କା ଏବଂ ଟିକସ ପରେ ଲାଭ (ପିଏଟି) ୧୧୭ ପ୍ରତିଶତ ବୃଦ୍ଧି ପାଇ ୮୯ କୋଟି ଟଙ୍କାରେ ପହଂଚିଛି । ତ୍ରୟମାସରେ ଇବିଆଇଟିଡିଏ ମାର୍ଜିନ ୧୭.୪୫ ପ୍ରତିଶତକୁ ବୃଦ୍ଧି ପାଇଛି । ଏହି ପ୍ରଦର୍ଶନ ଉପରେ ମନ୍ତବ୍ୟ ଦେଇ ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଶୀଲ ସୁରୀ କହିଛନ୍ତି: "କ୍ୟୁ୨ ମୋରପେନର ପରିବର୍ତ୍ତନରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରେ । ସିଡିଏମ୍‌ଓ ଅର୍ଥପୂର୍ଣ୍ଣ ବାଣିଜ୍ୟିକ ସ୍କେଲକୁ ଗତି କରିଛି, ଆମର ଏପିଆଇ ପୋର୍ଟଫୋଲିଓ ଅଧିକ ବିଶ୍ୱସ୍ତରୀୟ ଏବଂ ଉଚ୍ଚ-ମୂଲ୍ୟର ହେବାରେ ଲାଗିଛି ଏବଂ ଚିକିତ୍ସା ଉପକରଣ ଦୃଢ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଏଚ୍୧ ଏଫ୍‌ୱାଇ୨୭ ଇବିଆଇଟିଡିଏ ୨୦୦ କୋଟି ଟଙ୍କା ଅତିକ୍ରମ କରିବା ଆମକୁ କ୍ଷମତା, ସାମର୍ଥ୍ୟ ଏବଂ ଭବିଷ୍ୟତ ଅଭିବୃଦ୍ଧିରେ ବିନିଯୋଗ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତିଶାଳୀ ଆଧାର ପ୍ରଦାନ କରେ ।'

ଅର୍ଣ୍ଣବ ପ୍ରଭାବରେ କେଉଁ ଜିଲ୍ଲାରେ ଭାଙ୍ଗିଛି କେତେ ଗଛ

ଭୁବନେଶ୍ୱର, (ସବ୍ୟୁ) : ଅର୍ଣ୍ଣବ ପ୍ରଭାବରେ ୨୭ ତାରିଖ ସନ୍ଧ୍ୟା ୬ଟାରୁ ୨୮ ତାରିଖ ମଧ୍ୟାହ୍ନ ଗୋଟାଏ ମଧ୍ୟରେ ୮ଟି ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ବହିବା ଫଳରେ ବହୁ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିବା ଫଳରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା । ବୁଧବାର ଅପରାହ୍ନ ୩ଟା ମଧ୍ୟରେ ରାଜ୍ୟ ଅଗ୍ନିଶମ ବାହିନୀ ଓ ଜରୁରୀ ସେବା କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ଗଛଗୁଡ଼ିକୁ କାଟି ରାସ୍ତାରୁ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ପ୍ରଭାବିତ ଜିଲ୍ଲାଗୁଡିକ ହେଲା ଗଜପତି, ବ୍ରହ୍ମପୁର, ଫୁଲବାଣୀ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା ଓ ଗଞ୍ଜାମ । ଗଜପତିରେ ୬୧ ଗଛ ଭାଙ୍ଗିଥିବା ବେଳେ ବ୍ରହ୍ମପୁରରେ ୨୦୮, ଫୁଲବାଣୀରେ ୮, ମାଲକାନଗିରି ୬, କୋରାପୁଟ ୮, ନବରଙ୍ଗପୁରରେ ୧,



ରାୟଗଡାରେ ୬, ଓ ଗଞ୍ଜାମ ଛତ୍ରପୁରରେ ୨୭ ଗଛ ଭାଙ୍ଗି ରାସ୍ତା ଅବରୋଧ କରିବା ଫଳରେ ଗାଡି ଚଳାଚଳ ପ୍ରଭାବିତ ହୋଇଥିଲା ବୋଲି ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି । ଯୁଦ୍ଧକାଳୀନ ଭିତ୍ତିରେ ବିଭିନ୍ନ ସାମଗ୍ରୀ ବ୍ୟବହାର କରି ଗଛଗୁଡ଼ିକୁ କାଟି ରାସ୍ତାରୁ ହଟାଇଥିଲେ ଅଗ୍ନିଶମ ବାହିନୀ କମାଣ୍ଡୋମାନେ । କାରଣ ବାତ୍ୟା ଅର୍ଣ୍ଣବ ପାଇଁ ସେମାନେ ଦୁଇଦିନ ପୂର୍ବରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସଜାଗ ଥିବାରୁ କ୍ଷତି ହୋଇଥିବା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବାରେ ସଫଳ ହୋଇଛନ୍ତି ।

ଏମଜି ୱିଣ୍ଡସର୍ ଇଣ୍ଟଲଜ ଏଡିସନ୍ ୧୭,୯୯,୮୦୦ ଲକ୍ଷ ଟଙ୍କାରେ ବଜାରରେ ଉପଲବ୍ଧ

ଭୁବନେଶ୍ୱର, (ସବ୍ୟୁ): ଜେଏସଡବ୍ଲ୍ୟୁ ଏମଜି ମୋଟର ଇଣ୍ଡିଆ ପକ୍ଷରୁ ଏମଜି ୱିଣ୍ଡସର୍ ଇଣ୍ଟଲଜ ଏଡିସନର ବଜାର ପ୍ରବେଶ ଘୋଷଣା କରାଯାଇଛି। ଭାରତର ଏକ ନମ୍ବର ବିଦ୍ୟୁତ୍ ଚାଳିତ ଯାନ ଭାବେ ପରିଚିତ ଏମଜି ୱିଣ୍ଡସରର ଏହି ନୂତନ ସଂସ୍କରଣ ଆହୁରି ବିଳାସପୂର୍ଣ୍ଣ ଆରାମ ଓ ସ୍ୱତନ୍ତ୍ର ଶୈଳୀର ଅନୁଭବ ପ୍ରଦାନ କରିବ। ଏହାର ପ୍ରାରମ୍ଭିକ ମୂଲ୍ୟ ୧୭,୯୯,୮୦୦ ଟଙ୍କା (ଏକ୍ସ ସୋରୁମ୍ ମୂଲ୍ୟ) ରଖାଯାଇଛି। ୩୮ କିଲୋୱାଟ୍ କ୍ଷମତାସମ୍ପନ୍ନ ବ୍ୟାଟେରିରେ ଚାଲୁଥିବା ଏହି ଯାନ ୧୦୦ କିଲୋୱାଟ୍ ବା ୧୩୬ ପିଏସ୍ ଶକ୍ତି ଏବଂ ୨୦୦ ନ୍ୟୁଟନ୍ ମିଟର ଟର୍କ ପ୍ରଦାନ କରିଥାଏ। ଏହାର ପ୍ରମାଣିତ ଯାତ୍ରା କ୍ଷମତା ୩୩୨ କିଲୋମିଟର ରହିଛି। ଏମଜି ୱିଣ୍ଡସରର ଭବିଷ୍ୟତମୁଖୀ ଡିଜାଇନ୍, ପ୍ରଶସ୍ତ ଭିତର ଅଂଶ ଏବଂ ବିଜନେସ୍ କ୍ଲାସ୍ ଆରାମଦାୟକ ବ୍ୟବସ୍ଥାକୁ ଆଧାର କରି ଏହି ନୂତନ ସଂସ୍କରଣରେ ଅଧିକ ସ୍ୱତନ୍ତ୍ରତା ଯୋଡ଼ାଯାଇଛି। ଏଥିରେ ସ୍ୟାଡୋ ଗୋଲ୍ଡ ରଙ୍ଗର ଗାଡ଼ି ସହ ବିପରୀତ କଳା ରଙ୍ଗର ଛାତ ରହିଛି। କଳା ରଙ୍ଗର ଓଆର୍‌ଭିଏମ୍, ୧୮ ଇଂଚର କଳା ମିଶ୍ରଧାତୁ ଚକ ଏବଂ ଗାଡ଼ିର ସି-ପିଲାର୍‌ରେ ଥିବା ସ୍ୱତନ୍ତ୍ର 'ଇଣ୍ଟଲଜ' ଚିହ୍ନ ଏହାର ଆକର୍ଷଣକୁ ଆହୁରି ବଢ଼ାଇଛି। ଏହା ଗାଡ଼ିକୁ ଏକ ସ୍ୱତନ୍ତ୍ର ଓ ଆକର୍ଷଣୀୟ ପରିଚୟ ଦେଇଛି। ଗାଡ଼ିର ଭିତର ଅଂଶରେ ନୂଆ ଅର୍ବାନ୍ ଟ୍ୟାନ୍ ଓ କଳା ରଙ୍ଗର ଆସନ ସଜ୍ଜା ରହିଛି। ଏହା ଗାଡ଼ିର ଆଭ୍ୟନ୍ତରୀଣ ପରିବେଶକୁ ଅଧିକ ଆରାମଦାୟକ ଓ ଅଭିଜାତ କରିଛି। ସାମ୍ନା ଆସନର ମୁଣ୍ଡ ରଖିବା ସ୍ଥାନରେ ସ୍ୱତନ୍ତ୍ର ଭାବେ 'ଇଣ୍ଟଲଜ' ଲେଖା ରହିଛି, ଯାହା ଏହି ସଂସ୍କରଣର ନିଜସ୍ୱ ପରିଚୟକୁ ତ୍ୱରାନ୍ୱିତ କରୁଛି। ପଛ ସିଟରେ ବସୁଥିବା ଯାତ୍ରୀଙ୍କ ଆରାମ ଓ ମନୋରଞ୍ଜନକୁ ଗୁରୁତ୍ୱ ଦେଇ ଏଥିରେ ମାନକ ସୁବିଧା ଭାବେ 'ପ୍ରିଭେ ସ୍କ୍ରିନ୍' ଯୋଗାଇ ଦିଆଯାଇଛି। ଏହା ସହିତ 'ଇଣ୍ଟଲଜ' ଚିହ୍ନ ଥିବା ଆରାମଦାୟକ ତକିଆ ଓ ବେକ ପାଇଁ କୁଶନ୍ ମଧ ରହିଛି। ଏହି ବ୍ୟବସ୍ଥା ପଛ ଆସନରେ ଯାତ୍ରାକୁ ଅଧିକ ଆରାମଦାୟକ କରିବ।

ଟାଙ୍ଗୀରେ ସର୍ବାଧିକ ୫୮ ମିମି ବର୍ଷା

ଜିଲ୍ଲାରେ ମୋଟ ବର୍ଷା ପରିମାଣ ୫୬୯ ମିମି, ହାରାହାରି ୪୦.୬୪ ମିମି ରେକର୍ଡ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଂଚଳରେ ବୁଧବାର ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାର ୧୪ଟି ବର୍ଷା ମାପ କେନ୍ଦ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଟାଙ୍ଗୀରେ ସର୍ବାଧିକ ୫୮ମିଲିମିଟର ବର୍ଷା ହୋଇଥିବାବେଳେ ଜଟଣୀରେ ସର୍ବନିମ୍ନ ୩୦ମିଲିମିଟର ବର୍ଷା ରେକର୍ଡ ହୋଇଛି। ଜିଲ୍ଲାରେ ହାରାହାରି ବର୍ଷା ପରିମାଣ ୪୦.୬୪ ମିଲିମିଟର ରହିଥିବା ଜଣାପଡ଼ିଛି। ବିଭିନ୍ନ ଅଂଚଳରେ ବର୍ଷାର ପରିମାଣ ଭିନ୍ନ ଭିନ୍ନ ରହିଥିବାବେଳେ ଟାଙ୍ଗୀ, ଚିଲିକା ଓ ଭୁବନେଶ୍ୱର ମହାନଗର ନିଗମର ଉତର ଜୋନ୍ ରେ ତୁଳନାତ୍ମକ ଭାବେ ଅଧିକ ବର୍ଷା ହୋଇଛି।

ପ୍ରାପ୍ତ ତଥ୍ୟ ଅନୁସାରେ, ଟାଙ୍ଗୀରେ ୫୮ ମିଲିମିଟର ବର୍ଷା ରେକର୍ଡ ହୋଇ ଜିଲ୍ଲାର ସମସ୍ତ ରିପୋର୍ଟିଂ କେନ୍ଦ୍ର ମଧ୍ୟରେ ଏହା ସର୍ବାଧିକ ରହିଛି। ଟାଙ୍ଗୀ ପରେ ଚିଲିକାରେ ୫୩ ମିଲିମିଟର ଏବଂ ଭୁବନେଶ୍ୱର ମହାନଗର ନିଗମର ଉତର ଜୋନ୍ ରେ ୫୧ ମିଲିମିଟର ବର୍ଷା ହୋଇଛି। ଏହି ତିନୋଟି ଅଂଚଳରେ ୫୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ ହେବା ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷାର ତୀବ୍ରତାରେ ରହିଥିବା ପାର୍ଥକ୍ୟକୁ ସୂଚାଉଛି। ସେହିପରି ବାଣପୁରରେ ୪୯ ମିଲିମିଟର ବର୍ଷା ହୋଇଥିବାବେଳେ ବାଲିଅନ୍ତା ଓ ବୋଲଗଡ଼ରେ ୪୨ ମିଲିମିଟର ଲେଖାଏଁ ବର୍ଷା ରେକର୍ଡ ହୋଇଛି। ବାଲିପାଟଣାରେ ୪୦ ମିଲିମିଟର ବର୍ଷା ହୋଇଥିବା ତଥ୍ୟରୁ ଜଣାପଡ଼ିଛି। ଏହି ଅଂଚଳଗୁଡ଼ିକରେ ୪୦ ମିଲିମିଟର କିମ୍ବା ତା'ଠାରୁ ଅଧିକ ବର୍ଷା ହୋଇଥିବାରୁ ଜିଲ୍ଲାର ଅନେକ ଭାଗରେ ଉଲ୍ଲେଖନୀୟ ପରିମାଣର ବୃଷ୍ଟିପାତ ରେକର୍ଡ ହୋଇଛି।

ଅନ୍ୟପକ୍ଷରେ, ଖୋର୍ଦ୍ଧାରେ ୩୬ ମିଲିମିଟର ଓ ବେଗୁନିଆରେ ୩୫ ମିଲିମିଟର ବର୍ଷା ହୋଇଛି। ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ-ପଶ୍ଚିମ ଜୋନ୍ ରେ ମଧ ୩୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।ବିଏମ୍‌ସି ମୁଖ୍ୟାଳୟ ଅଂଚଳରେ ୩୪ ମିଲିମିଟର ବର୍ଷା ହୋଇଥିବାବେଳେ ଭୁବନେଶ୍ୱର ସହର ଓ ମହାନଗର ନିଗମର ଦକ୍ଷିଣ-ପୂର୍ବ ଜୋନ୍ ରେ ୩୨ ମିଲିମିଟର ଲେଖାଏଁ ବର୍ଷା ରେକର୍ଡ ହୋଇଛି। ଜଟଣୀରେ ୩୦ ମିଲିମିଟର ବର୍ଷା ହୋଇ ଏହା ସର୍ବନିମ୍ନ ସ୍ଥାନରେ ରହିଛି।

ଜିଲ୍ଲାର ବର୍ଷା ତଥ୍ୟକୁ ଅନୁଧ୍ୟାନ କଲେ ଗ୍ରାମାଂଚଳ ଓ ସହରାଂଚଳ ଉଭୟରେ ବୃଷ୍ଟିପାତ ହୋଇଥିବା ସ୍ପଷ୍ଟ ହେଉଛି। ତେବେ ସମସ୍ତ ଅଂଚଳରେ ସମାନ ପରିମାଣର ବର୍ଷା ହୋଇନାହିଁ। ଟାଙ୍ଗୀ, ଚିଲିକା ଓ ଭୁବନେଶ୍ୱରର ଉତର ଜୋନ୍ ରେ ଅଧିକ ବର୍ଷା ରେକର୍ଡ ହୋଇଥିବାବେଳେ ଜଟଣୀ, ଭୁବନେଶ୍ୱର ସହର ଓ ଦକ୍ଷିଣ-ପୂର୍ବ ଜୋନ୍ ରେ ତୁଳନାତ୍ମକ ଭାବେ କମ୍ ବର୍ଷା ହୋଇଛି। ବୁଧବାର ର ବର୍ଷା ଯୋଗୁଁ ଜିଲ୍ଲାର କୌଣସି ସ୍ଥାନରେ ବନ୍ୟା, ଜଳବନ୍ଦୀ, ଫସଲ କ୍ଷୟକ୍ଷତି କିମ୍ବା ସାଧାରଣ ଜନଜୀବନ ବାଧାପ୍ରାପ୍ତ ହେବା ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ମିଳିନାହିଁ। ପ୍ରାପ୍ତ ତଥ୍ୟ ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲାର ୧୪ଟି ରିପୋର୍ଟିଂ କେନ୍ଦ୍ରରେ ରେକର୍ଡ ହୋଇଥିବା ବର୍ଷାର ହାରାହାରି ପରିମାଣ ୪୦.୬୪ ମିଲିମିଟର ରହିଛି। ଟାଙ୍ଗୀରେ ସର୍ବାଧିକ ୫୮ ମିଲିମିଟର ଓ ଜଟଣୀରେ ସର୍ବନିମ୍ନ ୩୦ ମିଲିମିଟର ବର୍ଷା ରେକର୍ଡ ହେବା ସହ ଜିଲ୍ଲାର ବିଭିନ୍ନ ଅଂଚଳ ରେ ବୃଷ୍ଟିପାତର ପରିମାଣରେ ପାର୍ଥକ୍ୟ ଦେଖାଦେଇଛି।

ବେଦାନ୍ତ ଆଲୁମିନିୟମର ଦ୍ୱିତୀୟ ତ୍ରୈମାସିକ ଫଳାଫଳ ଉତ୍ସାହଜନକ

ଲାଭ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇ ୬,୧୮୭ କୋଟି ଟଙ୍କା, ଇବିଆଇଟିଡିଏରେ ୮୩% ବୃଦ୍ଧି ହୋଇଛି


ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ୍ (ବିଏସ୍‌ଇ: ୫୪୪୭୮୦ ଏବଂ ଏନ୍‌ଏସ୍‌ଇ: ଭିଏଏମ୍‌ଏଲ୍) ୩୦ ସେପ୍ଟେମ୍ବର ୨୦୨୬ରେ ଶେଷ ହୋଇଥିବା ଦ୍ୱିତୀୟ ତ୍ରୈମାସିକ ଓ ପ୍ରଥମ ଅର୍ଦ୍ଧବାର୍ଷିକର ଅନଅଡିଟ୍ ଆର୍ଥିକ ଫଳାଫଳ ଘୋଷଣା କରିଛି। ଏହି ଅବଧିରେ କମ୍ପାନୀ ଦୃଢ଼ ଆର୍ଥିକ ପ୍ରଦର୍ଶନ ସହ ଉତ୍ପାଦନ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ସର୍ବାଧିକ ଉତ୍ପାଦନ, ଉନ୍ନତ ଉତ୍ପାଦନ ଖର୍ଚ୍ଚ ପ୍ରତିଯୋଗିତା ଏବଂ ରଣନୈତିକ ସମନ୍ୱୟ କ୍ଷେତ୍ରରେ ନିରନ୍ତର ଅଗ୍ରଗତି ଏହି ସଫଳତାର ମୁଖ୍ୟ ଆଧାର ହୋଇଛି। କମ୍ପାନୀର ରାଜସ୍ୱ ବାର୍ଷିକ ଭିତିରେ ୪୧% ବୃଦ୍ଧି ପାଇ ୨୨,୦୬୬ କୋଟି ଟଙ୍କାରେ ପହଂଚିଛି। ଅଧିକ ବିକ୍ରୟ ପରିମାଣ ଏବଂ ଉନ୍ନତ ବଜାରଜାତକରଣ ମିଶ୍ରଣ ଏହି ଅଭିବୃଦ୍ଧିରେ ସହାୟକ ହୋଇଛି। ଏହି ସମୟରେ ଇବିଆଇଟିଡିଏ ୮୩% ବୃଦ୍ଧି ପାଇ ୧୦,୧୯୨ କୋଟି ଟଙ୍କାରେ ପହଂଚିଥିବା ବେଳେ ଇବିଆଇଟିଡିଏ ମାର୍ଜିନ୍ ପ୍ରାୟ ୪୬% ରହିଛି। ସେହିପରି ଟିକସ ପରବର୍ତ୍ତୀ ଲାଭ (ପିଏଟି) ୧୦୫% ବୃଦ୍ଧି ସହ ଦୁଇଗୁଣରୁ ଅଧିକ ହୋଇ ୬,୧୮୭ କୋଟି ଟଙ୍କାରେ ପହଂଚିଛି।

ତ୍ରୈମାସିକ ମଧ୍ୟରେ ବେଦାନ୍ତ ଆଲୁମିନିୟମ ନିଜର ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ପୂର୍ବ ତ୍ରୈମାସିକ ତୁଳନାରେ କମ୍ପାନୀର ନିଟ୍ ଋଣ ୩,୦୯୦ କୋଟି ଟଙ୍କା ହ୍ରାସ ପାଇଛି। ଫଳରେ ନିଟ୍ ଋଣ ଓ ଇବିଆଇଟିଡିଏ ଅନୁପାତ ପ୍ରଥମ ତ୍ରୈମାସିକର ୦.୯ ଗୁଣରୁ ହ୍ରାସ ପାଇ ୦.୭ ଗୁଣରେ ପହଂଚିଛି। ଏଥିସହ ଇଣ୍ଡିଆ ରେଟିଂସ୍ କମ୍ପାନୀର କ୍ରେଡିଟ୍ ରେଟିଂକୁ 'ଏଏ+ (ସ୍ଥିର)'କୁ ଉନ୍ନୀତ କରିଛି। ଆଇସିଆଏର୍ ଓ କ୍ରିସିଲ୍ ମଧ କମ୍ପାନୀର ରେଟିଂକୁ ପୁନଃନିଶ୍ଚିତ କରିଛନ୍ତି। ଉତ୍ପାଦନ କ୍ଷେତ୍ରରେ କମ୍ପାନୀ ନୂତନ ରେକର୍ଡ ସ୍ଥାପନ କରିଛି। ତ୍ରୈମାସିକ ଆଲୁମିନିୟମ ଉତ୍ପାଦନ ୬୪୯ କିଲୋଟନ୍‌ରେ ପହଂଚିଛି, ଯାହା ପୂର୍ବବର୍ଷର ସମାନ ଅବଧି ତୁଳନାରେ ୫% ଏବଂ ପୂର୍ବ ତ୍ରୈମାସିକ ତୁଳନାରେ ୩% ଅଧିକ। ମୂଲ୍ୟବର୍ଦ୍ଧିତ ଆଲୁମିନିୟମ ଉତ୍ପାଦନ ମଧ ୩୧% ବୃଦ୍ଧି ପାଇ ରେକର୍ଡ ୪୩୨ କିଲୋଟନ୍‌ରେ ପହଂଚିଛି। ସେହିପରି ଆଲୁମିନା ଉତ୍ପାଦନ ୩୭% ବୃଦ୍ଧି ସହ ୮୯୫ କିଲୋଟନ୍‌ର ନୂତନ ତ୍ରୈମାସିକ ସର୍ବୋଚ୍ଚ ସ୍ତର ହାସଲ କରିଛି।

ନିଜର ସମନ୍ୱିତ ବ୍ୟବସାୟିକ ରଣନୀତିକୁ ଆଗକୁ ବଢ଼ାଇ ବେଦାନ୍ତ ଆଲୁମିନିୟମ ବିଶ୍ୱର ଅନ୍ୟତମ ପ୍ରତିଯୋଗିତାମୂଳକ ଓ ସମ୍ପୂର୍ଣ୍ଣ ସମନ୍ୱିତ ଆଲୁମିନିୟମ ଉଦ୍ୟୋଗ ଗଠନ ଦିଗରେ କାର୍ଯ୍ୟ ଜାରି ରଖିଛି। ଏହାଦ୍ୱାରା କଂଚାମାଲ ସମ୍ବଳର ସୁରକ୍ଷା ସୁଦୃଢ଼ ହେବା ସହ ଉତ୍ପାଦନ ଶୃଙ୍ଖଳର ବିଭିନ୍ନ ପର୍ଯ୍ୟାୟରେ କ୍ଷମତା ସମ୍ପ୍ରସାରଣକୁ ଗତି ମିଳୁଛି। ଏହି ତ୍ରୈମାସିକରେ ବାଲ୍କୋର ୪୩୫ କିଲୋଟନ୍ ପ୍ରତିବର୍ଷ କ୍ଷମତା ସମ୍ପ୍ରସାରଣ ପ୍ରକଳ୍ପର ଦ୍ୱିତୀୟ ଜୋନକୁ କାର୍ଯ୍ୟକ୍ଷମ କରାଯାଇଛି। ଏଥିସହ ସିଜିମାଳି ବକ୍ସାଇଟ୍ ଖଣି ବ୍ଲକ୍ ପାଇଁ ପରିଚାଳନା ସମ୍ମତିପତ୍ର (ସିଟିଓ) ମିଳିଛି। ଏହି ପଦକ୍ଷେପଗୁଡ଼ିକ କମ୍ପାନୀର ଉତ୍ପାଦନ କ୍ଷମତା ବୃଦ୍ଧି ଓ କଂଚାମାଲ ସୁରକ୍ଷା ରଣନୀତିରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ସୂଚାଉଛି। କମ୍ପାନୀର ଦ୍ୱିତୀୟ ତ୍ରୈମାସିକ ପ୍ରଦର୍ଶନ ଉପରେ ମତ ରଖି ବେଦାନ୍ତ ଆଲୁମିନିୟମର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି, "ଚଳିତ ତ୍ରୈମାସିକର ପ୍ରଦର୍ଶନ ବେଦାନ୍ତ ଆଲୁମିନିୟମକୁ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ଓ ସମନ୍ୱିତ ଆଲୁମିନିୟମ ବ୍ୟବସାୟ ଭାବେ ଗଢ଼ିତୋଳିବାରେ ଆମର ନିରନ୍ତର ଅଗ୍ରଗତିକୁ ପ୍ରତିଫଳିତ କରୁଛି। ଆମେ ଆଲୁମିନିୟମ ଓ ଆଲୁମିନା ଉତ୍ପାଦନରେ ସର୍ବକାଳୀନ ରେକର୍ଡ ହାସଲ କରିବା ସହ ଅଭିବୃଦ୍ଧି ଓ ବ୍ୟବସାୟିକ ସମନ୍ୱୟ ସମ୍ପର୍କିତ ପଦକ୍ଷେପଗୁଡ଼ିକରେ ଉଲ୍ଲେଖନୀୟ ଅଗ୍ରଗତି କରିଛୁ। ବାଲ୍କୋ ସମ୍ପ୍ରସାରଣ ପ୍ରକଳ୍ପର ଦ୍ୱିତୀୟ ଜୋନକୁ କାର୍ଯ୍ୟକ୍ଷମ କରିବା ଏବଂ ବକ୍ସାଇଟ୍ ସମ୍ବଳ ସୁରକ୍ଷା ଦିଗରେ ହୋଇଥିବା ଅଗ୍ରଗତି ଆମର ସମନ୍ୱିତ ଉତ୍ପାଦନ ଶୃଙ୍ଖଳର ମୂଳଦୁଆକୁ ଆହୁରି ସୁଦୃଢ଼ କରିଛି। ଉତ୍ପାଦନ କାର୍ଯ୍ୟକଳାପର ସମ୍ପ୍ରସାରଣ ସହ ଆମେ ଶୃଙ୍ଖଳିତ କାର୍ଯ୍ୟାନ୍ୱୟନ, ଖର୍ଚ୍ଚ ପ୍ରତିଯୋଗିତା ଏବଂ ମୂଲ୍ୟବର୍ଦ୍ଧିତ ଉତ୍ପାଦର ବିସ୍ତାରିତ ପୋର୍ଟଫୋଲିଓ ଉପରେ ଗୁରୁତ୍ୱ ଦେଉଛୁ। ଏହା ଆମ ଅଂଶୀଦାରମାନଙ୍କ ପାଇଁ ଦୀର୍ଘସ୍ଥାୟୀ ମୂଲ୍ୟ ସୃଷ୍ଟି କରିବା ସହ ଆଲୁମିନିୟମର ବର୍ଦ୍ଧିତ ଚାହିଦା ପୂରଣ କରିବାରେ ସହାୟକ ହେବ।

ଭିଏସ୍‌ଏସ୍ ନଗର ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଭି.ଏସ୍.ଏସ୍. ନଗର କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ଭଉଣୀ ବି.କେ.ସୁଚେତା କାର୍ଯ୍ୟକ୍ରମକୁ ପରିଚାଳନା କରି ଥିବାବେଳେ ବାର୍ଷିକ ଉତ୍ସବ ଅବସରରେ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହା ପୂର୍ବରୁ ତିନିଦିନ ବ୍ୟାପି ଏକ ଚୈତନ୍ୟ ନବ ଦୁର୍ଗା ଝାଙ୍କିର ଆୟୋଜନ କରାଯିବା ସହିତ ଆଧ୍ୟାତ୍ମିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି,



ବରିଷ୍ଠ ନାଗରିକ ମଞ୍ଚର ସଭାପତି କୃପାସିନ୍ଧୁ ସାହୁ, ଭି.ଏସ୍.ଏସ୍. ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ଓ ବ୍ରିଗେଡ଼ିଅର ହରିହର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚୈତନ୍ୟରେ ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, ମହିସାସୁର, ଗଣେଷ ଓ କାର୍ତ୍ତୀକ ଆଦି ଦେବ ଦେବୀଙ୍କ ବେଶରେ ସଜେଇ ହୋଇ ବ୍ରହ୍ମକୁମାରୀ ମାନେ ଦର୍ଶନ ଦେଇଥିଲେ।





ପ୍ରଳୟଙ୍କରୀ ସାମୁଦ୍ରିକ ଝଡ 'ଅର୍ଣ୍ଣବ' ପ୍ରଭାବରେ ଛାରଖାର ଆନ୍ଧ୍ର ପ୍ରଦେଶର କାକିନାଡା ଅଞ୍ଚଳ

ଆନ୍ଧ୍ରରେ ଘାଣ୍ଟିଲା ଅର୍ଣ୍ଣବ, ନେଲା ୫ ଜୀବନ

କେନ୍ଦ୍ରର ସହାୟତା ଲୋଡିଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ : ଭୀଷଣ ବାତ୍ୟା ଅର୍ଣ୍ଣବ ଆନ୍ଧ୍ରର ୟାନମ ଉପକୂଳର ୨୦ କିଲୋମିଟର ନିକଟରେ ସ୍ଥଳ ଭାଗ ଛୁଇଁଲା ପରେ ଅତି ଭୀଷଣ ବାତ୍ୟାର ରୂପ ନେଇଥିଲା । ଫଳରେ ଆନ୍ଧ୍ରରେ ତାଣ୍ଡବ ରଚିଥିଲା । ଅର୍ଣ୍ଣବ ଯୋଗୁଁ ଆନ୍ଧ୍ରର ୫ ଜଣଙ୍କର ମୃତ୍ୟୁ ହୋଇଛି । ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ନିକଟତମ ଆତ୍ମୀୟଙ୍କ ଲାଗି ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ସହାୟତା ରାଶି ଘୋଷଣା କରିଛନ୍ତି । ବିଶାଖାପଟନମ ଅଞ୍ଚଳରୁ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଇଲେକ୍ଟ୍ରି ଖୁଣ୍ଟି ଉପରେ ଗଛ ପଡିବାରୁ ଜଣଙ୍କର ମୃତ୍ୟୁ ହୋଇଛି । ଭୀମଭରାମଠାରେ ତାଳଗଛ ପଡିବାରୁ ଜଣଙ୍କର ମୃତ୍ୟୁ ଘଟିଛି । ଅଙ୍କାପଲ୍ଲୀ ଜିଲ୍ଲାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ସକ୍ରିତପାଲି ଠାରେ ଜଣେ ମହିଳା ଗାଡିରେ ଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି । ଯେଉଁମାନଙ୍କ ପରିବାର ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି, ସେମାନଙ୍କର ପରିବାରକୁ ୨୫ କେଜି ଲେଖାଏଁ ଚାଉଳ ଘୋଷଣା କରାଯାଉଛି । ମତ୍ସ୍ୟଜୀବୀ ଓ ବୁଣାକାର ହସ୍ତତନ୍ତ୍ର ବୁଣାକାର ୫୦ କେଜି ସହ ଡାଲି, ପିଆଜ, ଚିନି, ଆଳୁ, ତେଲ ଦିଆଯିବ । ଯେଉଁମାନେ ରିଲିଫ କ୍ୟାମ୍ପରେ ଅଛନ୍ତି ସେମାନଙ୍କୁ ମୁଣ୍ଡପିଛା ହଜାରେ ଓ ପରିବାର ପିଛା ୩ ହଜାର ଟଙ୍କା ଦିଆଯିବ । ଯେଉଁମାନଙ୍କ ଘର ଆଂଶିକ ଭାଙ୍ଗିଛି ୧୦,୦୦୦ ଦିଆଯିବ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ହେକ୍ଟର ପିଛା ୨୫ ହଜାର ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ଅର୍ଣ୍ଣବର ତାଣ୍ଡବ ସଂପୂର୍ଣ୍ଣ ଭାବେ ଶେଷ ହୋଇ ନଥିଲେ ହେଁ ଏବେ ଠାରୁ କେନ୍ଦ୍ର ସରକାରଙ୍କ ସହାୟତା ଲୋଡ଼ିଛନ୍ତି ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ । ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖିଛନ୍ତି । ତତ୍କାଳ କେନ୍ଦ୍ରୀୟ ସହାୟତା ଓ ବାତ୍ୟା ଅର୍ଣ୍ଣବ କରିଥିବା କ୍ଷତିର ଆକଳନ ପାଇଁ କେନ୍ଦ୍ରୀୟ ଟିମ ପଠାଇବାକୁ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ ନାଇଡୁ ବାତ୍ୟା ଅର୍ଣ୍ଣବ କରିଥିବା କ୍ଷତିର ପ୍ରାଥମିକ ତଥ୍ୟ ମଧ୍ୟ ଚିଠିରେ ଉଲ୍ଲେଖ କରିଛନ୍ତି । ବାତ୍ୟା ଯୋଗୁ କୃଷି କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ୭୦,୯୦୦ ହେକ୍ଟର ଚାଷ ଜମି ବାତ୍ୟାରେ ପ୍ରଭାବିତ ହୋଇଥିବା ବେଳେ ୧୦,୪୫୦ ହେକ୍ଟର ଉଦ୍ୟାନ ଉତ୍ପାଦ ନଷ୍ଟ ହୋଇଯାଇଛି । କୃଷି ଓ ଉଦ୍ୟାନକୁ ମିଶାଇଲେ ମୋଟ ୮୧,୩୫୦ ହେକ୍ଟର ଜମିକୁ ବାତ୍ୟା ଅର୍ଣ୍ଣବ ଛାରଖାର କରିଦେଇଛି । ବାତ୍ୟାକୁ ଦେଖି ଆନ୍ଧ୍ର ପ୍ରଦେଶର ବିଭିନ୍ନ ସ୍ଥାନରୁ ୨୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା । ରାଜ୍ୟ ସରକାର ସ୍ଥିତର ମୁକାବିଲା ପାଇଁ ୧୪ଟି ଜିଲ୍ଲାରେ ୧୬ଟି ଏନଡିଆରଏଫ ଟିମ ଓ ୧୧ଟି ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଟିମକୁ ମୁତୟନ କରିଛନ୍ତି । ଚିଠିରେ ମୁଖ୍ୟମନ୍ତ୍ରୀ ନାଇଡୁ ଦାବି କରିଛନ୍ତି ଯେ ବାତ୍ୟାରେ କେହି ବି ମୃତାହତ ହୋଇ ନାହାନ୍ତି । କିନ୍ତୁ ଏନଡିଆରଏଫ ଆଇଜି ବାତ୍ୟା ଜନିତ ଅଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ଜାତୀୟ ଗଣମାଧ୍ୟମଗୁଡ଼ିକୁ ସୂଚନା ଦେଇଛନ୍ତି । ହେଲେ ଚିଠିରେ ମୁଖ୍ୟମନ୍ତ୍ରୀ ଏକଥା ଲେଖି ନାହାନ୍ତି । ମୁଖ୍ୟମନ୍ତ୍ରୀଙ୍କ କହିବା କଥା ଯେ ପ୍ରବଳ ବର୍ଷା ଓ ପବନ ଯୋଗୁ ୧୮୦ଟି ଘର କ୍ଷତିଗ୍ରସ୍ତ ହୋଇଛି । କୋନାସୀମା ଜିଲ୍ଲାରେ ସବୁଠାରୁ ଅଧିକ ଘର ଭାଙ୍ଗିଛି । ରାଜ୍ୟ ରାଜପଥରେ ୨୨୦ରୁ ଅଧିକ ଗଛ ଭାଙ୍ଗିଛି । ଏଥିଯୋଗୁ ଯାତାୟାତ ବନ୍ଦ ହୋଇଛି । ବର୍ତ୍ତମାନ ସୁଦ୍ଧା ୧୭୦ଟି ଗଛକୁ ରାସ୍ତାରୁ ହଟାଇ ଦିଆଯାଇଛି । ଉପକୂଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ରାସ୍ତାଘାଟ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ସାଂଘାତିକ ଭାବେ ପ୍ରଭାବିତ ହୋଇଛି । ବିଜୁଳି ଯୋଗାଣ ପାଇଁ ଏକାଧିକ ଟିମ ଲାଗି ପଡ଼ିଛନ୍ତି । ବାତ୍ୟା ଅର୍ଣ୍ଣବ ଗୋଦାବରୀ ଡେଲଟା ଉପକୂଳରେ ସାଂଘାତିକ ତାଣ୍ଡବ ରଚିଛି । ବିଶେଷ କରି କୋନାସୀମା, କାକିନାଡା, ପୂର୍ବ ଗୋଦାବରୀ ଓ ପଶ୍ଚିମ ଗୋଦାବରୀ ଜିଲ୍ଲାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । କ୍ରିଷ୍ଣା ଓ ଆନାକାପାଲି ଜିଲ୍ଲାରେ ମଧ୍ୟ ବାତ୍ୟାର ପ୍ରଭାବ ଦେଖାଯାଇଛି । ବାତ୍ୟା ଅର୍ଣ୍ଣବ ଆନ୍ଧ୍ର ପ୍ରଦେଶ ଓ ୟାନାମ ଉପକୂଳ ନିକଟ ନର୍ସାପୁରରେ ଲ୍ୟାଣ୍ଡଫଲ କରିଥିଲା । ଏହି ସମୟରେ ପବନର ସର୍ବାଧିକ ବେଗ ଘଣ୍ଟା ପ୍ରତି ୧୪୦ କିମି ରହିଥିଲା । ସେହିରି ସମୁଦ୍ର ଜଳସ୍ତର ୧ରୁ ୧.୫ ମିଟର ଉପରକୁ ଉଠି ତଳିଆ ଅଞ୍ଚଳରେ ପଶିଥିବା ନାଇଡୁ କହିଛନ୍ତି । ନିଜ ଚିଠିରେ ମୁଖ୍ୟମନ୍ତ୍ରୀ ନାଇଡୁ ନିର୍ଦ୍ଦିଷ୍ଟ ଭାବେ କେନ୍ଦ୍ରକୁ ଦୁଇଟି ଅନୁରୋଧ କରିଛନ୍ତି । ଆଗାମୀ ଦିନରେ ଏନଡିଆରଏଫ ଓ ଅନ୍ୟ କେନ୍ଦ୍ରୀୟ ଏଜେନ୍ସିର ସହାୟତା ଜାରି ରଖାଯାଉ । ରାଜ୍ୟ ସରକାର କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଦାଖଲ କରିବା ମାତ୍ରେ ତତ୍କାଳ ପ୍ରଭାବରେ ଗୋଟିଏ କେନ୍ଦ୍ରୀୟ ଟିମକୁ ଏହାର ଯାଞ୍ଚ ପାଇଁ ମୁତୟନ କରାଯାଉ ବୋଲି ନାଇଡୁ ଚିଠିରେ ଦାବି କରିଛନ୍ତି ।



ସ୍ପେନରେ ଭୟଙ୍କର ଟ୍ରେନ ଦୁର୍ଘଟଣା : ୬୮ ମୃତ



ନୂଆଦିଲ୍ଲୀ : ସ୍ପେନରେ ଦୁଇଟି ଉଚ୍ଚଗତିର ଟ୍ରେନ ପରସ୍ପର ସହ ଧକ୍କା ହେବାରୁ ୬୮ ଲୋକଙ୍କ ଜୀବନହାନୀ ହୋଇଥିବା ବେଳେ ୧୭୯ ଜଣ ଆହତ ହୋଇଛନ୍ତି । ମାଦ୍ରିଦ ଆଣ୍ଡାଲୁସିଆରେ ଏହି ଦୁର୍ଘଟଣା ଘଟିଥିବା ରେଳଚାଳକ ଆଦିପ ସୂଚନା ଦେଇଛନ୍ତି ।

ସ୍ଥାନୀୟ ସମୟ ସକାଳ ୯ଟା ବେଳେ ଏହି ଦୁଘର୍ଟଣା ଘଟିଥିଲା । ରେନେଫ ଟ୍ରେନ ଏବଂ ଏକ ଇରିଓ ପରସ୍ପର ସହ ମୁହାଁମୁହିଁ ଧକ୍କା ହେବାରୁ ଇରିଓ ଟ୍ରେନର କିଛି ବଗୀ ତଳକୁ ଖସି ପଡିଥିଲା । ରେନେଫ ଟ୍ରେନରେ ୩୯୭ ଯାତ୍ରୀ ଥିବା ବେଳେ ଇରିଓ ଟ୍ରେନରେ ୧୪୭ ଯାତ୍ରୀ ରହିଥିଲେ । ଘଟଣା ପରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ରେଳବାଇ କର୍ମଚାରୀମାନେ ବିକଳ୍ପ ବ୍ୟବସ୍ଥା କରି ଟ୍ରେନ ଚଳାଚଳ ସ୍ୱାଭାବିକ କରିଥିଲେ । ଏଥି ଯୋଗୁଁ ଏହି ଅଞ୍ଚଳରେ ୮ଟି ଟ୍ରେନ ଚଳାଚଳରେ ବାଧାପ୍ରାପ୍ତ ହୋଇଥିଲା । ଘଟଣାପରେ ମାଦ୍ରିଦ-ଆଣ୍ଡାଲୁସିଆ ହାଇସ୍ପିଡ ଟ୍ରେନ ଚଳାଚଳ ବନ୍ଦ କରିଦିଆଯାଇଛି । ଦୁର୍ଘଟଣା ପରେ ୧୦୦ରୁ ଅଧିକ ଟ୍ରେନ ଚଳାଚଳ ବାହାତ ହୋଇଥିଲା । ସୋସିଆଲ ମିଡ଼ିଆରେ ବଗୀ ଗୁଡିକର ହୋଇଥିବା କ୍ଷୟକ୍ଷତିର ଫଟୋ ଭାଇରାଲ ହେଉଛି । ରେନଫେ ଓ ଇରିଓ ପକ୍ଷରୁ କୁହାଯାଉଛି ଯେ, ସେମାନେ ଜରୁରୀକାଳୀନ ବ୍ୟବସ୍ଥାକୁ ସକ୍ରିୟ କରାଯାଇଥିଲା ଓ ସହାୟତା ପାଇ କୁହାଯାଇଥିଲା । ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଙ୍କ ପରିବାରକୁ ସହାୟତା କରିବାରେ ପ୍ରାଥମିକତା ଦିଆଯାଉଛି । ଘଟଣାପରେ ଆହତ ମାନଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇବା ପାଇଁ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ଆଲାର୍ଟ କରାଯାଇଥିଲା । ବିଭିନ୍ନ ଫୁଟେଜରେ ଦେଖିବାକୁ ମିଳୁଛି ଯେ ଟ୍ରେନର ଗୋଟିଏ ବଗୀ ଟ୍ରାକରୁ ଛିଟିକି ଏକ ଉଚ୍ଚସ୍ଥାନରେ ପଡିରହିଥିବା ଦେଖିବାକୁ ମିଳୁଛି ।

ଏସସିଓ ସମ୍ମିଳନୀ : ପାକିସ୍ତାନକୁ ନିମନ୍ତ୍ରଣ କଲା ଭାରତ

ନୂଆଦିଲ୍ଲୀ: ଅପରେସନ ସିନ୍ଦୂରର ୧୮ ମାସ ପରେ ପରେ ଭାରତ ପ୍ରଥମ ଥର ପାଇଁ ପାକିସ୍ତାନକୁ ନିମନ୍ତ୍ରଣ କରିଛି । ନଭେମ୍ବର ୨୦ ରୁ ୨୨ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ସଭ୍ୟତା ସଂଳାପ ଫୋରମ୍ (ଏସସିଓ) ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପାକିସ୍ତାନକୁ ଡକାଇଛି । ଭାରତ ପକ୍ଷରୁ ପାକିସ୍ତାନ ସମେତ ସମସ୍ତ ୧୦ ସଦସ୍ୟ ରାଷ୍ଟ୍ରଙ୍କୁ ବୈଠକରେ ଯୋଗଦେବାକୁ ନିମନ୍ତ୍ରଣ କରିଛି ।ସଦସ୍ୟମାନଙ୍କ ମଧ୍ୟରେ ଚୀନ୍, ରୁଷିଆ, ଭାରତ, ପାକିସ୍ତାନ, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ, ଇରାନ ଏବଂ ବେଲାରୁସ ଅନ୍ତର୍ଭୁକ୍ତ ଅଛନ୍ତି । ଏହା ୟୁରୋପ ଏବଂ ଏସିଆର ଦେଶମାନଙ୍କର ଏକ ସଂଗଠନ । ଏସସିଓର ଆଲୋଚନା ମୁଖ୍ୟତଃ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତା ଉପରେ କେନ୍ଦ୍ରିତ । ଏକ ରାଜନୈତିକ ଏବଂ ଆର୍ଥିକ ସଂଗଠନ ଭାବରେ ଏସସିଓ ପରିଚିତି ହାସଲ କରିଛି । ଏହି ସଂଗଠନ ପ୍ରଥମେ ସାଂଘାଇ-୫ ନାମରେ ପରିଚିତି ହାସଲ କରିଥିଲା । ପରେ ଏହାକୁ ଏସସିଓ ଭାବେ ନାମକରଣ କରାଯାଇଥିଲା । ୧୦ ଦେଶ ଯୋଡିହେବା ସହିତ ଏହି ସଂଗଠନ ବିଶ୍ୱ ଜନସଂଖ୍ୟାର ୪୨ ପ୍ରତିଶତ ପ୍ରତିନିଧିତ୍ୱ କରୁଛି । ଏହା ସହିତ ସଦସ୍ୟ ଦେଶଗୁଡ଼ିକର ଜିଡିପି ବିଶ୍ୱର ଜିଡିପିର ପ୍ରାୟ ଏକ-ଚତୁର୍ଥାଂଶକୁ ପ୍ରତିନିଧିତ୍ୱ କରେ । ବିଶ୍ୱ ବାଣିଜ୍ୟରେ ସଦସ୍ୟ ଦେଶମାନଙ୍କର ଅଂଶ ପ୍ରାୟ ୧୫ ପ୍ରତିଶତ ରହିଛି ।ଏହା ଦ୍ୱାରା ତିକ୍ତ ହୋଇଥିବା ସମ୍ପର୍କରେ ପୁଣି ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି । ଦୀର୍ଘ ଦିନ ଧରି ଅଟକି ରହିଥିବା ଆଲୋଚନା ପୁଣି ଥରେ ଆରମ୍ଭ ହୋଇ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ସୁଧାର ଆସିବାର ପଥ ପରିଷ୍କାର ହୋଇପାରେ ।

ଆୱାମୀ ଲିଗ୍ ଉପରେ କଟକଣା : ଜାତିସଂଘରେ ଅଭିଯୋଗ

ନୂଆଦିଲ୍ଲୀ : ଆୱାମୀ ଲିଗ ଉପରେ ନିରନ୍ତର ପ୍ରତିବନ୍ଧକ ଓ ଦେଶର ନିର୍ବାଚନ ପ୍ରକ୍ରିୟାରୁ ଏହାକୁ ବାଦ୍ ଦେବା ଉପରେ ଚିନ୍ତା ପ୍ରକାଶ କରି ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀଶେଖ ହସିନାଜାତିସଂଘରେ ଅଭିଯୋଗ କରିଛନ୍ତି । ଏକ ଯୋଗାଯୋଗରେ, ହସିନା ତୁରନ୍ତ ଅନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ କରିଛନ୍ତି, ଯୁକ୍ତି ଦେଇଛନ୍ତି ଯେ, ଏହି ପ୍ରତିବନ୍ଧକ ବାଂଲାଦେଶର ଜନସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶର ଗଣତାନ୍ତ୍ରିକ ଅଂଶଗ୍ରହଣ ଓ ରାଜନୈତିକ ଅଧିକାରକୁ କ୍ଷୁଣ୍ଣ କରେ । ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ପ୍ରଶାସନ ଦ୍ୱାରା ପ୍ରାରମ୍ଭିକ ଭାବରେ ଲାଗୁ କରାଯାଇଥିବା ଏହି ନିଷେଧକୁ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍ପି) ନେତା ତାରିକ ରହମାନଙ୍କ ନେତୃତ୍ୱାଧୀନ ନୂତନ ସରକାର ଦ୍ୱାରା କିପରି ବଜାୟ ରଖାଯାଇଛି ଓ ଆନୁଷ୍ଠାନିକ କରାଯାଇଛି, ସେ ବିଷୟରେ ସୂଚନା ଏହି ଯୋଗାଯୋଗରେ ଦିଆଯାଇଛି । ବିଏନ୍ପି ଫେବ୍ରୁଆରି ୨୦୨୬ ନିର୍ବାଚନରେ ଜିତି କ୍ଷମତାକୁ ଆସିଥିଲାବେଳେ ନିର୍ବାଚନରେ ଆୱାମୀ ଲିଗ୍କୁ ଅଂଶଗ୍ରହଣ କରିବାକୁ ସୁଯୋଗ ଦେଇନଥିଲେ । ବାଂଲାଦେଶରେ ନିର୍ବାଚନ ମୁକ୍ତ, ନିରପେକ୍ଷ କିମ୍ବା ଅନ୍ତର୍ଭୁକ୍ତ ନଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ନିର୍ବାଚନ ପ୍ରକ୍ରିୟାରୁ ଏକ ପ୍ରମୁଖ ରାଜନୈତିକ ଦଳକୁ ବାଦ୍ ଦେବା ହେତୁ ନିର୍ବାଚନ ଫଳାଫଳର ବୈଧତା ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି ।



କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ବଢ଼ିଲା

ନୂଆଦିଲ୍ଲୀ, : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ଏବଂ ପେନସନଭୋଗୀଙ୍କ ପାଇଁ ମହଙ୍ଗା ସହାୟତା (ଡିଆର)ର ଏକ ଅତିରିକ୍ତ କିସ୍ତିକୁ ମଞ୍ଜୁର କରାଯାଇଛି । ଦରଦାମ ବୃଦ୍ଧିର ଭରଣା କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନର ମୂଳ ଦରମା/ ପେନସନର ୬୦% ହାର ଉପରେ ଅତିରିକ୍ତ ୩% ବୃଦ୍ଧି ହୋଇଛି । ବର୍ଦ୍ଧିତ ଡିଏ ଏବଂ ଡିଆର ଜୁଲାଇ ପହିଲା ୨୦୨୬ ଠାରୁ ଲାଗୁ ହେବ । ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତାରେ ଏହି ବୃଦ୍ଧି ଫଳରେ ସରକାରୀ ରାଜକୋଷ ଉପରେ ମିଳିତ ଭାବେ ବାର୍ଷିକ ୧୦,୦୧୬.୧୦ କୋଟି ଟଙ୍କାର ବୋଝ ପଡ଼ିବ । ଏହାଦ୍ୱାରା ୪୮.୫୪ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮.୭୧ ଲକ୍ଷ ପେନସନଭୋଗୀ ଉପକୃତ ହେବେ । ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗର ସୁପାରିସ ଆଧାରରେ ଗୃହୀତ ସୂତ୍ର ଅନୁଯାୟୀ ଏହି ବୃଦ୍ଧି କରାଯାଇଛି ।

ମହଙ୍ଗା ହେବ ଏଆଇ+ ସ୍ମାର୍ଟଫୋନ

ନୂଆଦିଲ୍ଲୀ : ଏଆଇ+ ସ୍ମାର୍ଟଫୋନର ନିର୍ଦ୍ଦିଷ୍ଟ ମଡେଲଗୁଡ଼ିକର ମୂଲ୍ୟ ନଭେମ୍ବର ୧୫, ୨୦୨୬ରୁ ବୃଦ୍ଧି ପାଇବ । କମ୍ପାନୀ ପକ୍ଷରୁ ବିଭିନ୍ନ ମଡେଲର ମୂଲ୍ୟ ୧,୦୦୦ରୁ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଯାଇଛି । ଇନପୁଟ୍ ଖର୍ଚ୍ଚ ବୃଦ୍ଧି ଏହାର ପ୍ରମୁଖ କାରଣ ।ଏହି ମୂଲ୍ୟ ବୃଦ୍ଧି ପଲ୍ସ ୨ ସିରିଜ୍ ଏବଂ ନୋଭା ୨ ସିରିଜର ବିଭିନ୍ନ ମଡେଲରେ ଲାଗୁ ହେବ । ତେବେ ଏଆଇ+ ନୋଭା ଫ୍ଲିପ୍ ୫ଜିର ମୂଲ୍ୟ ୪୯,୯୯୯ ଟଙ୍କାରେ ଅପରିବର୍ତ୍ତିତ ରହିବ । କମ୍ପାନୀ ସୁଲଭ ମୂଲ୍ୟରେ ଉନ୍ନତ ଟେକ୍ନୋଲୋଜି ଓ ଗୁଣାତ୍ମକ ଅନୁଭୂତି ପ୍ରଦାନ ଉପରେ ଗୁରୁତ୍ୱ ଦେଇଛି ।

ଜିଓର ମାର୍କେଟ କ୍ୟାପ୍ ୧୨.୫ ଲକ୍ଷ କୋଟି

ମୁମ୍ବାଇ: ସେୟାର ବଜାରରେ ଜିଓ ପ୍ଲାଟଫର୍ମସର ପ୍ରବେଶ ପରେ ଦେଶର ସବୁଠୁ ମୂଲ୍ୟବାନ ବ୍ୟବସାୟିକ ସମୂହଗୁଡ଼ିକର ତାଲିକା ବଦଳିଯାଇଛି । ଜିଓର ତାଲିକାଭୁକ୍ତ ହେବା ପରେ ରିଲାଏନ୍ସ ସମୂହ ଟାଟା ସମୂହକୁ ପଛରେ ପକାଇ ଦେଶର ସବୁଠୁ ମୂଲ୍ୟବାନ ବ୍ୟବସାୟିକ ସମୂହ ହୋଇଛି । ବୁଧବାର ଜିଓର ସେୟାର ପ୍ରତିଟି ୧,୩୫୮ ଟଙ୍କା ମୂଲ୍ୟରେ ତାଲିକାଭୁକ୍ତ ହୋଇଥିଲା । ଏହା ପରେ ରିଲାଏନ୍ସ ସମୂହର ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ପୁଞ୍ଜି ୨୮.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଏହି ତାଲିକାରେ ୨୫.୬ ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜି ସହ ଟାଟା ସମୂହ ଦ୍ୱିତୀୟ ଏବଂ ୧୬.୬ ଲକ୍ଷ କୋଟି ଟଙ୍କା ସହ ଆଦାନୀ ସମୂହ ତୃତୀୟ ସ୍ଥାନରେ ରହିଛି । ଜିଓର ସେୟାର ଇସ୍ୟୁ ମୂଲ୍ୟ ୧,୧୧୯ ଟଙ୍କା ଥିବାବେଳେ ଏହା ୧,୩୫୮ ଟଙ୍କାରେ ତାଲିକାଭୁକ୍ତ ହୋଇଛି । ଅର୍ଥାତ୍ ଇସ୍ୟୁ ମୂଲ୍ୟଠାରୁ ୨୧.୪ ପ୍ରତିଶତ ଅଧିକ ମୂଲ୍ୟରେ ଏହାର କାରବାର ଆରମ୍ଭ ହୋଇଛି । ଏହି ମୂଲ୍ୟ ଅନୁସାରେ ଜିଓର ବଜାର ପୁଞ୍ଜି ୧୨.୫ ଲକ୍ଷ କୋଟି ଟଙ୍କା ହୋଇଛି । ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଜିଓ ପ୍ଲାଟଫର୍ମସର ମିଳିତ ବଜାର ପୁଞ୍ଜି ପ୍ରାୟ ୨୮.୭ ଲକ୍ଷ କୋଟି ଟଙ୍କା ରହିଛି । ଅନ୍ୟପକ୍ଷରେ, ଜିଓର ମୋଟ ସେୟାରଧାରୀଙ୍କ ସଂଖ୍ୟା ୭୯.୮ ଲକ୍ଷ ରହିଛି, ଯାହା ଦେଶରେ ସର୍ବାଧିକ ବୋଲି କୁହାଯାଇଛି । ମୁମ୍ବାଇସ୍ଥିତ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ରେ ଜିଓର ତାଲିକାଭୁକ୍ତ ହେବା ଅବସରରେ ଘଣ୍ଟି ବଜାଇବାର ପାରମ୍ପରିକ ସମାରୋହ ଆୟୋଜନ କରାଯାଇଥିଲା । ଏଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ, ନୀତା ଅମ୍ବାନୀ, ଆକାଶ ଅମ୍ବାନୀ, ଈଶା ଅମ୍ବାନୀ ଓ ଅନନ୍ତ ଅମ୍ବାନୀ ଯୋଗ ଦେଇଥିଲେ ।

ଅଦାଲତ ଅବମାନନା ସଞ୍ଜୟଙ୍କୁ ସମନ

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ସମ୍ପର୍କରେ ମନ୍ତବ୍ୟକୁ ନେଇ ଶିବସେନା (ୟୁବିଟି) ସାଂସଦ ସଞ୍ଜୟ ରାଉତଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ସୁପ୍ରିମକୋର୍ଟ ଅବମାନନା ମାମଲାରେ ରାଉତଙ୍କୁ ନଭେମ୍ବର ୧୭ ତାରିଖରେ ବ୍ୟକ୍ତିଗତ ଭାବରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଅରବିନ୍ଦ କୁମାର ଓ ବିପୁଲ ଏମ୍. ପାଞ୍ଚୋଲିଙ୍କ ଖଣ୍ଡପୀଠ ସାମ୍ବାଦିକ ନିଖିଲ ୱାଗଲେଙ୍କୁ ମଧ୍ୟ ସେହି ଦିନ ଭର୍ଚୁଆଲ୍ ଭାବରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଅକ୍ଟୋବର ୧୬ ତାରିଖରେ ସୁପ୍ରିମକୋର୍ଟ ସଞ୍ଜୟ ରାଉତ ଓ ୱାଗଲେଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ ।

ଆହ୍ଲାବାଦ ହାଇକୋର୍ଟରେ ହଙ୍ଗାମା : ଚେୟାର ଫିଙ୍ଗିଲେ ଓକିଲ

ନୂଆଦିଲ୍ଲୀ : ଜଣେ ଓକିଲଙ୍କ ସହ କଥିତ ଦୁର୍ବ୍ୟବହାରକୁ ନେଇ ଆହ୍ଲାବାଦ ହାଇକୋର୍ଟ ବାର୍ ଆସୋସିଏସନ୍ ବିଚାରପତି ଜଷ୍ଟିସ୍ ଅଜୟ ଭନୋଟଙ୍କ ଅଦାଲତକୁ ବର୍ଜନ କରିବାକୁ ଧମକ ଦେବାର ଦିନକ ପରେ, ବୁଧବାର (ଅକ୍ଟୋବର ୨୮) ତାଙ୍କ କୋର୍ଟ ରୁମ୍ ଓକିଲମାନେ ଜୋରଦାର ହଙ୍ଗାମା କରିଛନ୍ତି । ଦେଖୁ ଦେଖୁ କୋର୍ଟ ରୁମ୍ରେ ଅରାଜକତା ସୃଷ୍ଟି ହୋଇଥିଲା ଏବଂ ଓକିଲଙ୍କ ବିରୋଧ ପ୍ରଦର୍ଶନ ହିଂସାତ୍ମକ ରୂପ ନେଇଥିଲା । ଉକ୍ତ ଓକିଲମାନେ ବିରୋଧ ପ୍ରଦର୍ଶନ ସମୟରେ ବିଚାରପତିଙ୍କ ଆସନ ଆଡ଼କୁ ଚେୟାର ଓ ଅନ୍ୟ ଆସବାବପତ୍ର ଫିଙ୍ଗିଥିବା ଅଭିଯୋଗ ହୋଇଛି । ବାର୍ ଆସୋସିଏସନ୍ ମଙ୍ଗଳବାର ଅଭିଯୋଗ କରିଥିଲା ଯେ ଜଷ୍ଟିସ୍ ଭନୋଟ ଜଣେ ଓକିଲଙ୍କୁ ପୁଲିସ ଅଧୀକ୍ଷକ (ଏସ୍ପି)ଙ୍କୁ କ୍ଷମା ମାଗିବାକୁ ବାଧ୍ୟ କରିଥିଲେ । ସାଧାରଣତଃ ଓକିଲମାନଙ୍କ ପାଇଁ ସଂରକ୍ଷିତ ଧାଡ଼ିରେ ଏସ୍ପି ବସିଥିବାରୁ ସମ୍ପୃକ୍ତ ଓକିଲ ଏହାକୁ ବିରୋଧ କରିଥିଲେ । ବାର୍ ଆସୋସିଏସନ୍ ଅନୁସାରେ, ଜଷ୍ଟିସ୍ ଭନୋଟଙ୍କ କୋର୍ଟ ରୁମରେ ପୁଲିସ ଅଧିକାରୀ ଏବଂ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ପାଇଁ ଅଲଗା ଚେୟାର ବ୍ୟବସ୍ଥା କରାଯାଇଥିଲା । ଏହି ସମୟରେ ଓକିଲ ଜଣକ ଏସ୍ପିଙ୍କୁ ପଛ ଧାଡ଼ିରେ ବସିବାକୁ କହିଥିଲେ । 'ବାର୍ ଆଣ୍ଡ ବେଞ୍ଚ'ର ରିପୋର୍ଟ ଅନୁସାରେ, ଜଷ୍ଟିସ୍ ଭନୋଟ ସମ୍ପୃକ୍ତ ଓକିଲଙ୍କୁ ଜେଲ୍ ପଠାଇବାକୁ



ଧମକ ଦେଇଥିବା ଏବଂ ଅନ୍ୟ ଜଣେ ବରିଷ୍ଠ ଓକିଲଙ୍କୁ ପରିହାସ କରିଥିବା ହାଇକୋର୍ଟ ବାର୍ ଆସୋସିଏସନ୍ ଅଭିଯୋଗ କରିଛି । ଏହାପରେ ଓକିଲଙ୍କ ସହ ହୋଇଥିବା କଥିତ ଦୁର୍ବ୍ୟବହାର ଘଟଣାରେ ହସ୍ତକ୍ଷେପ କରିବାକୁ ଆସୋସିଏସନ୍ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିଥିଲା । ଏଥିସହ ଘଟଣାରେ କୌଣସି ପଦକ୍ଷେପ ନିଆ ନଗଲେ ଜଷ୍ଟିସ୍ ଭନୋଟଙ୍କ ଅଦାଲତକୁ ବର୍ଜନ କରାଯିବ ବୋଲି ଚେତାବନୀ ଦେଇଥିଲା ।ବୁଧବାର ଅଦାଲତର କାର୍ଯ୍ୟ ଆରମ୍ଭ ହେବା ସମୟରେ ଅନେକ ଓକିଲ ଜଷ୍ଟିସ୍ ଭନୋଟଙ୍କ କୋର୍ଟ ରୁମ୍ ବାହାରେ ଏକାଠି ହୋଇଥିଲେ । ସେହି ସମୟରେ ଜଷ୍ଟିସ୍ ଭନୋଟ ଅନ୍ୟ ଜଣେ ବିଚାରପତି ଜଷ୍ଟିସ୍ ଦିବେଶ ଚନ୍ଦ୍ର ସାମନ୍ତଙ୍କ ସହ କୋର୍ଟ ରୁମରେ ବସିଥିଲେ । ଏହାପରେ ଓକିଲମାନେ ନାରାବାଜି ଆରମ୍ଭ କରିଥିଲେ । ଅଭିଯୋଗ ହୋଇଛି ଯେ ଏହି ସମୟରେ ସେମାନେ ବିଚାରପତିଙ୍କ ଆସନ ଆଡ଼କୁ ଆସବାବପତ୍ର ଏବଂ ଅନ୍ୟ ସାମଗ୍ରୀ ଫିଙ୍ଗିଥିଲେ । ତେବେ ଏହା ପୂର୍ବରୁ ବିଚାରପତି ନିଜ ଆସନ ଛାଡ଼ି ଚାଲିଯାଇଥିବାରୁ ଏକ ବଡ଼ ଅଘଟଣ ଟଳିଯାଇଥିଲା । କେତେକ ରିପୋର୍ଟରେ ଜଷ୍ଟିସ୍ ଭନୋଟଙ୍କ ଆଡ଼କୁ ଜୋତା ଫିଙ୍ଗାଯାଇଥିବା ମଧ୍ୟ ଦାବି କରାଯାଇଛି । ତେବେ ଏହି ଦାବିର ସ୍ୱତନ୍ତ୍ର ଭାବେ ସତ୍ୟତା ଯାଞ୍ଚ କରିନାହିଁ ।

ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି

ଆଜି ଚୀନକୁ ଭେଟିବ ଭାରତ

ଚଣ୍ଡିଗଡ଼: ଚଳିତ ଚାମ୍ପିଅନ୍ସ ଟ୍ରଫିରେ ବିଜୟରୁ ଅଭିଯାନ ଆରମ୍ଭ କରିଥିବା ୫ ଥରର ବିଜେତା ଭାରତ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଗୁରୁବାର ଚୀନ୍‌କୁ ଭେଟିବ। ଜାପନରେ ଆୟୋଜିତ ଏସୀୟ କ୍ରୀଡ଼ାରେ ଲଗାତାର ଦ୍ୱିତୀୟ ସ୍ୱର୍ଣ୍ଣ ସହ ଲସ୍‌ଏଞ୍ଜେଲସ୍ ଅଲିମ୍ପିକ୍ସରେ ସ୍ଥାନ ପକ୍କା କରିଥିବାରୁ ହରମନପ୍ରୀତ ସିଂହଙ୍କ ଦଳ ଦୃଢ଼ ଆତ୍ମବିଶ୍ୱାସରେ ରହିଛି। ଏହି ଦଳ ମଙ୍ଗଳବାର ବାଂଲାଦେଶକୁ ଏକତରଫା ଭାବେ ୧୩-୦ ଗୋଲରେ ପରାସ୍ତ କରିଛି। ଏଥିରେ ଉଭୟ ୮ ଫିଲ୍ଡ ଓ ୫ ପେନାଲ୍ଟି କର୍ଣ୍ଣର ଗୋଲ୍ ରହିଥିଲା। ମନଦୀପ ସିଂହ ହ୍ୟାଟ୍ରିକ୍ ଅର୍ଜନ କରିଥିଲା ବେଳେ ହରମନପ୍ରୀତ, ଦିଲପ୍ରୀତ ସିଂହ, ଉପଅଧିନାୟକ ହାର୍ଦିକ ସିଂହ ୨ ଲେଖାଏଁ ଏବଂ ଓଡ଼ିଆ ପୁଅ ଶିଳାନନ୍ଦ ଲାକ୍ରା, ନୀଳକାନ୍ତ ଶର୍ମା ଓ ଯୁଗରାଜ ସିଂହ ଗୋଟିଏ ଲେଖାଏଁ ଗୋଲ୍ ଦେଇ ଏହି ବିଜୟରେ ନିଜ ନିଜର ଅବଦାନ ରଖିଥିଲେ। ଚୀନ



ବିପକ୍ଷରେ ଏହି ଧାରା ବଜାୟ ରଖିବାକୁ ଭାରତ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ଚୀନ୍ କଡ଼ା ସଂଘର୍ଷ କରି ଏସୀୟ କ୍ରୀଡ଼ା ରୌପ୍ୟ ବିଜେତା ମାଲେସିଆଠୁ ୪-୫ ଗୋଲରେ ହାରି ଯାଇଥିଲା। ଏହି ପ୍ରତିଯୋଗିତାକୁ ନୂଆ ଦଳ ସହ ଆସିଥିବା ଚୀନ୍ ପ୍ରଥମ ମ୍ୟାଚରେ ମାଲେସିଆକୁ ଟକ୍କର ଦେଇଥିବାରୁ ଭାରତକୁ ସହଜରେ ବାଟ ଛାଡ଼ିବନି। ଏହାକୁ ନେଇ ଭାରତର ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲ୍ଟନ୍ କହିଛନ୍ତି, ଚୀନ୍ ସମ୍ପୂର୍ଣ୍ଣ ନୂଆ ଦଳ ସହ ଏଠାକୁ ଆସିଛି। ଏସୀୟ କ୍ରୀଡ଼ାରେ ଖେଳିଥିବା ଖେଳାଳି ଏଥିରେ ନାହାନ୍ତି। ତେଣୁ ଏହି ଦଳ ବିଷୟରେ ଆମେ କିଛି ଜାଣିନୁ କି ସେମାନଙ୍କ ଖେଳ ଦେଖିନୁ। ତେଣୁ ଆମେ ସେମାନଙ୍କ ବିଷୟରେ ଜାଣିବା ଲାଗି କାଲିର ମ୍ୟାଚ୍ ଭିଡିଓକୁ ଦେଖି ଯୋଜନା ପ୍ରସ୍ତୁତ କରିବୁ।"

ଭାରତୀୟ ଦଳ: ଗୋଲି- ସୂରଜ କରକେରା, କ୍ରିଷନ ବାହାଦୁର ପାଠକ, ଡେଫେଣ୍ଡର-ସଞ୍ଜୟ, ହରମନ୍‌ପ୍ରୀତ ସିଂହ (ଅଧିନାୟକ), ଅମିତ ରୋହିଦାସ, ଯୁଗରାଜ ସିଂହ, ଜର୍ମନପ୍ରୀତ ସିଂହ, ଅମନଦୀପ ଲାକ୍ରା, ମିଡ୍‌ଫିଲ୍ଡର-ରାଜିନ୍ଦର ସିଂହ, ଆଦିତ୍ୟ ଅର୍ଜୁନ ଲାଲାଗେ, ନୀଳକାନ୍ତ ଶର୍ମା, ହାର୍ଦିକ ସିଂହ, ବିବେକ ସାଗର ପ୍ରସାଦ, ଫରୱାର୍ଡ-ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ ସିଂହ, ଦିଲପ୍ରୀତ ସିଂହ, ମନଦୀପ ସିଂହ।

ଭାରତ ବିପକ୍ଷ ଶୃଙ୍ଖଳାରୁ ଅଷ୍ଟ୍ରେଲିଆର ରେକର୍ଡ ଆୟ

ସିଡନୀ : ଭାରତ ବିପକ୍ଷ ଶୃଙ୍ଖଳାରୁ ଅଷ୍ଟ୍ରେଲିଆ କ୍ରିକେଟ୍ ରେକର୍ଡ ଆୟ କରିଛି। 'ସିଏ' ୨୦୨୫-୨୬ ଆର୍ଥିକ ବର୍ଷରେ ୬୦୧.୧ ନିୟୁତ ଅଷ୍ଟ୍ରେଲୀୟ ଡଲାର (ପ୍ରାୟ ୪୦୨୪ କୋଟି ଟଙ୍କା) ରାଜସ୍ୱ ସଂଗ୍ରହ କରିଛି। ଏହି ରାଜସ୍ୱ ଭାରତ ବିପକ୍ଷ ସୀମିତ ଓଭର ଶୃଙ୍ଖଳା ଏବଂ ଇଂଲଣ୍ଡ ବିପକ୍ଷ ଆସେସ୍ ମିଡିଆ ପ୍ରସାରଣ ଅଧିକାରରୁ ପାଇଛି। ଏଥିରୁ ସଂସ୍ଥା ମୋଟ ୮୧.୮ ନିୟୁତ ଡଲାର ଲାଭ କରିଛି। ହେଲେ ଆସେସ୍ ଶୃଙ୍ଖଳାର ୨ ମ୍ୟାଚ୍ ମାତ୍ର ଦୁଇ ଦିନରେ ଶେଷ ହେବାରୁ ସିଏ ପ୍ରାୟ ୨୦ ନିୟୁତ ଡଲାର କ୍ଷତି ସହିଥିଲା। ମେଲବର୍ଣ୍ଣ ଓ ପର୍ଥରେ ଅନୁଷ୍ଠିତ ଏହି ଦୁଇଟି ଯାକ ଟେଷ୍ଟ ମ୍ୟାଚ୍ ତୃତୀୟ ଦିନକୁ ନଯିବାରୁ ଆୟ ହ୍ରାସ ପାଇଥିଲା। ସିଏର ପୂର୍ବତନ ଅଧ୍ୟକ୍ଷ ମାଇକ୍ ବେୟାର୍ଡ କହିଛନ୍ତି, ଟେଷ୍ଟ ମ୍ୟାଚ୍ ପାଞ୍ଚ ଦିନ ଚାଲିବା ହିଁ ଭଲ। ଗତ ବର୍ଷ ଭଲ ଲାଭ ହୋଇଥିଲା ବେଳେ ଆସନ୍ତା ଦୁଇ ବର୍ଷ କ୍ଷତି ହେବାର ଆଶଙ୍କା କରିଛି ସିଏ। ୨୦୨୫-୨୪ ବର୍ଷରେ ୧୧.୩ ମିଲିଅନ୍ କ୍ଷତି ହୋଇଥିବା କ୍ରିକେଟ୍ ଅଷ୍ଟ୍ରେଲିଆ କହିଛି। ଗତ ବର୍ଷ ୧୮ ଦିନର ଆସେସ୍‌ରେ ଦିନପ୍ରତି ହାରାହାରି ୪୭,୭୪୪ ସହ ୮ ଲକ୍ଷ ୫୯ ହଜାର ୫୮୦ ଦର୍ଶକ ଷ୍ଟାଡିୟମକୁ ଆସିଥିଲେ।

ଏସ୍‌ଜିଏଫ୍‌ଆଇ ରଗବୀ ପ୍ରତିଯୋଗିତା

୧୭ ବର୍ଷରୁ କମ୍ ବାଳିକା ଦଳ ଚାମ୍ପିଅନ

ଭୁବନେଶ୍ୱର, ୨୮।୧୦(ସବ୍ୟୁ) : ନୂଆଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମଠାରେ ଅକ୍ଟୋବର ୨୬ ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ଏସ୍‌ଜିଏଫ୍‌ଆଇ ଜାତୀୟ ବିଦ୍ୟାଳୟସମୂହ ରଗବୀ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୭ ବର୍ଷରୁ କମ୍ ରଗବୀ ପ୍ରତିଯୋଗିତାରେ ଓଡ଼ିଶା ଦଳ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଦେଇଛି।



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଅଂଶଗ୍ରହଣ କରିଥିବା ଓଡ଼ିଶା ୧୭ ବର୍ଷରୁ କମ୍ ବାଳିକା ରଗବୀ ଦଳ ଫାଇନାଲ ମ୍ୟାଚରେ ବିହାରକୁ ୧୨-୦ ସ୍କୋରରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଓଡ଼ିଶା ଦଳ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରି ଫାଇନାଲରେ ପହଞ୍ଚିଥିଲା। ବିହାର ଠାରୁ ୧୨-୭ ଗୋଲ ବ୍ୟବଧାନରେ ପରାସ୍ତ ହୋଇ ଦଳ ରୌପ୍ୟ ପଦକ ସହ ଉପବିଜେତା ହୋଇଛି। ଓଡ଼ିଶାର ଏହି ଅସାଧାରଣ ବିଜୟ ପାଇଁ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଆୟୁକ୍ତ ତଥା ଶାସନ ସଚିବ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସମସ୍ତ ବିଜେତା ଖେଳାଳି, ଟିମ୍ ମ୍ୟାନେଜର ଏବଂ କୋଚ୍ ମାନଙ୍କୁ ସାଧୁବାଦ ଓ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି।

ସ୍ୱର୍ଣ୍ଣ ବିଜେତା ନୀରଜ ଯାଦବଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ : ଏସୀୟ ପାରା କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ନୀରଜ ଯାଦବଙ୍କ ଦେହାନ୍ତ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନଥିଲେ ମଧ୍ୟ ସେ ନିଜ ଦିଲ୍ଲୀସ୍ଥିତ ବସଭବନର ବିଷପାନ କରି ଆତ୍ମହତ୍ୟା କରିଥିବା ଶୁଣାଯାଉଛି। ତାଙ୍କ ମୃତଦେହ ଦିଲ୍ଲୀ ଏକ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି। ଏଫ୍‌୫୫ ବର୍ଗରେ ଖେଳୁଥିବା ନୀରଜ ଡୋପିଂ ନିଲମ୍ବନ ପାଇଁ ନିକଟରେ ଶେଷ ହୋଇଥିବା ଏସୀୟ ପାରା କ୍ରୀଡ଼ାରେ ଅଂଶଗ୍ରହଣ କରି ପାରି ନଥିଲେ। ଫଳରେ ସେ ମାନସିକ ଚାପରେ ଥିଲେ। ଏଥିଲାଗି ସେ ଆତ୍ମହତ୍ୟା କରି ଥାଇପାରନ୍ତି। ଭାରତୀୟ ପାରା ଆଥଲେଟିକ୍ସ ଦଳ ମୁଖ୍ୟ ପ୍ରଶିକ୍ଷକ ଏସ୍ ସତ୍ୟନାରାୟଣ କହିଛନ୍ତି, "କ୍ରୀଡ଼ାବିତ୍‌ମାନେ ଜୀବନର ଉତ୍ଥାନ-ପତନ ଆସିଥାଏ। ଏହାକୁ ସାମ୍ନା କରିବା ଉଚିତ। ଏଭଳି ପଦକ୍ଷେପ ନେବା ଦୁଃଖଦ ବିଷୟ।" ନୀରଜ ଏସୀୟ ପାରା କ୍ରୀଡ଼ାରେ ୩ଟି ସ୍ୱର୍ଣ୍ଣ ଜିତିଥିଲେ। ୨୦୧୮ ଜାକର୍ତ୍ତାରେ ଜାଭ୍ଲିନ୍ ଏବଂ ୨୦୨୩ ହାଙ୍ଗଝୋରେ ଜାଭ୍ଲିନ୍ ଓ ଡିସ୍କସ୍‌ରେ ସ୍ୱର୍ଣ୍ଣ କରାୟତ୍ତ କରିଥିଲେ।



ନଭେମ୍ବର ୧ ରୁ ରାଜକନିକା କପ ଫୁଟବଲ

ରାଜକନିକା, ୨୮।୧୦(ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ଭାବେ ଜଣାଶୁଣା ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ୪୫ ତମ ରାଜକନିକା କପ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧ ରୁ ଆରମ୍ଭ ହୋଇ ୭ ତାରିଖ ଶେଷ ହେବ ଆର. ଏନ ହାଇସ୍କୁଲ ମିନି ଷ୍ଟାଡିୟମରେ ପ୍ରତ୍ୟେହ ୩ ଘଟିକାରେ ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ଣ୍ଣାମେଣ୍ଟର ପୁଲ - 'ଏ' ରେ କିଶୋର କ୍ଲବ ଭୁବନେଶ୍ୱର, ୟୁନାଇଟେଡ଼ କ୍ଲବ ଭଦ୍ରକ, ଓଡିଶା ଏଫ. ସି. ବାରିପଦା, ମଙ୍ଗଳା କ୍ଲବ କଟକ ଆଦି ଦଳ ଥିବା ବେଳେ ପୁଲ - 'ବି' ରେ ଜଗା ୟୁନାଇଟେଡ଼ କ୍ଲବ ଭୁବନେଶ୍ୱର, ପପୁଲାର କ୍ଲବ ଢେଙ୍କାନାଳ, ରାଜକନିକା ଆଥେଲେଟିକ ଆସୋସିଏସନ, ରାଜକନିକା, ୟୁନାଇଟେଡ଼ ଏଫ. ସି, ଗଣ୍ଡରପୁର ଆଦି ଓଡିଶାର ୮ ଟି ପ୍ରତିଷ୍ଠିତ ଦଳ ଭାଗ ନେଉଛନ୍ତି ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଖେଳ କିଶୋର କ୍ଲବ ଭୁବନେଶ୍ୱର ବନାମ ୟୁନାଇଟେଡ଼ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ ଏହି ଖେଳକୁ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଯୋଗଦେଇ ଖେଳଟିକୁ ଉପଭୋଗ କରିବା ସହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

ଶୁକ୍ରବାର ଭାରତ-ନ୍ୟୁଜିଲାଣ୍ଡ ଚତୁର୍ଥ ଟି-୨୦

ସବୁ ଟିକେଟ ବିକ୍ରୀ ଶେଷ



ଅକଲାଣ୍ଡ, ୨୮।୧୦(ଏଜେନ୍ସି) : ସ୍ଥାନୀୟ ଏଡେନ୍ ପାର୍କରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଶୁକ୍ରବାର ଖେଳାଯିବାକୁ ଥିବା ଚତୁର୍ଥ ଟ୍ୱେଣ୍ଟି-୨୦ ମ୍ୟାଚର ସମସ୍ତ ଟିକେଟ୍ ବିକ୍ରି ହୋଇଯାଇଛି। ଫଳରେ ଷ୍ଟାଡିୟମରେ ପ୍ରାୟ ୪୦,୦୦୦ ଦର୍ଶକ ଉପସ୍ଥିତ ରହିବାର ସମ୍ଭାବନା ରହିଛି। ଯାହା ଇଡେନ୍ ପାର୍କରେ ଅନ୍ତର୍ଜାତୀୟ କ୍ରିକେଟର ମ୍ୟାଚ୍ ବେଳେ ଦର୍ଶକ ଉପସ୍ଥିତିରେ ତୃତୀୟ ସର୍ବାଧିକ ରେକର୍ଡ ହେବ। ନ୍ୟୁଜିଲାଣ୍ଡ କ୍ରିକେଟର ଦ୍ୱିପାକ୍ଷିକ ଶୃଙ୍ଖଳାରେ କିନ୍ତୁ ଏହା ରେକର୍ଡ କରିବ। ପୂର୍ବରୁ ୨୦୧୯ରେ ଭାରତ-ନ୍ୟୁଜିଲାଣ୍ଡ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚରେ ଇଡେନ୍ ପାର୍କରେ ୩୬, ୫୨୩ ଜଣ ଦର୍ଶକ ଉପସ୍ଥିତ ଥିଲେ। ହେଲେ ଇଡେନ୍ ପାର୍କରେ ଏହାଠାରୁ ଅଧିକ ଦର୍ଶକ ଉପସ୍ଥିତି କେବଳ ଦୁଇଟି ଅନ୍ତର୍ଜାତୀୟ ମ୍ୟାଚରେ ଦେଖିବାକୁ ମିଳିଛି। ସେଗୁଡ଼ିକ ହେଲା ୨୦୧୫ରେ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ସେମିଫାଇନାଲ୍ (୪୧ ହଜାର) ଏବଂ ୧୯୮୨ରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ମ୍ୟାଚ୍ (୪୨ ହଜାର)। ଭାରତ ଜିତିଥିବା ପ୍ରଥମ ୩ ମ୍ୟାଚରେ ମଧ୍ୟ ଷ୍ଟାଡିୟମ୍ ଭରପୂର ଥିଲା। ଭାରତର ନ୍ୟୁଜିଲାଣ୍ଡ ଗସ୍ତର ସମସ୍ତ ମ୍ୟାଚ୍ ପାଇଁ ଏପର୍ଯ୍ୟନ୍ତ ୧ଲକ୍ଷ ୨୬ହଜାର ଟିକେଟ ବିକ୍ରି ହୋଇଥିଛି। ଏଥିରେ ଟ୍ୱେଣ୍ଟି-୨୦ ଶୃଙ୍ଖଳାର ୭୧ ହଜାର ଟିକେଟ ରହିଛି। ସଂପ୍ରତି ୫ ମ୍ୟାଚ୍ ବିଶିଷ୍ଟ ଏହି ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ଭାରତ ୩-୦ରେ ଆଗରେ ରହିଛି।

'ଭାଇ, ସେମିତି ହିଁ ଖେଳିବି'

ନୂଆଦିଲ୍ଲୀ: ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟ୍ୱେଣ୍ଟି-୨୦ ପୂର୍ବରୁ ନେଟ୍ସରେ ଅଭିଷେକ ଶର୍ମାଙ୍କୁ ନିର୍ଭୀକ ବ୍ୟାଟିଂ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ। ଏହି ମ୍ୟାଚରେ ମଧ୍ୟ ନିଜ ପ୍ରତିଶ୍ରୁତି ରଖି ୧୯ ବଲ୍‌ରୁ ୪୫ (୪ ଚୌକା, ୪ ଛକା) ରନ୍ କରି ଭାରତକୁ ଦମଦାରର ଆରମ୍ଭ ଦେଇଥିଲେ। ମ୍ୟାଚ୍ ପରେ ବିସ୍ଫୋରକ ପାଳି ଖେଳିଥିବା ଅଭିଷେକ କହିଥିଲେ,"ନେଟ୍ସ ବେଳେ ବୈଭବ ମୋତେ କହିଥିଲେ, ବଲିଉଡ୍ ଚଳିଚ୍ଚିତ୍ର 'ଭାଗ୍ ମିଲଖା ଭାଗ୍'ର ସଂଳାପରେ 'ଭାଇ, ମୁଁ ଠିକ୍ ସେହିଭଳି ଖେଳିବି'। ୨୦୦ ରନର ପିଛା କରୁଥିଲା ବେଳେ ପ୍ରଥମ ଓଭରରେ ତାଙ୍କ ବିସ୍ଫୋରକ ବ୍ୟାଟିଂ ମୋ ଆତ୍ମବିଶ୍ୱାସ



ବଢ଼ାଇଥିଲା। ତାଙ୍କ ବିଷୟରେ ମୋତେ ଆହୁରି କିଛି କହିବାକୁ ପଡ଼ିବ। ଆଜି ସେ ଯେପରି ଖେଳିଲେ, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ତେଣୁ ଶ୍ରେୟ ତାଙ୍କ ପାଖକୁ ଯିବ। ମୁଁ କ୍ରିଜରେ ଜଣେ ବଡ଼ ଭାଇ ଭଳି ତାଙ୍କୁ ପରାମର୍ଶ ଦେଇଥିଲି"। ଅଭିଷେକ ଓ ବୈଭବ ମଙ୍ଗଳବାର ପାୱାର ପ୍ଲେରେ ୧୧୮ ରନ୍ ସଂଗ୍ରହ କରି ନୂଆ ରେକର୍ଡ କରିଥିଲେ। ଏପରିକି ୨.୨ ଓଭରରେ ୫୦ ରନ୍ ଏବଂ ୫ ଓଭରରେ ୧୦୦ ରନ୍ ବି ରେକର୍ଡରେ ଯୋଡ଼ି ହୋଇଥିଲା। ଅଭିଷେକ (୩୮ ବଲରୁ ୧୧୩, ୯ ଚୌକା, ୧୧ ଛକା) ଶତକ ହାସଲ କରିଥିଲେ। ୧୯୯ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୪ ୱିକେଟ୍ ହରାଇ ୪୦ ବଲ୍ ପୂର୍ବରୁ ହାସଲ କରିଥିଲା।

ଅଲଭାରେଜଙ୍କୁ ନେଇ ବିବାଦ

ବାର୍ସିଲୋନାକୁ ୬୦୨ ୟୁରୋ ଜରିମାନା

ମାଦ୍ରିଦ : ଆଟଲେଟିକୋ ମାଦ୍ରିଦର ତାରକା ଷ୍ଟ୍ରାଇକର୍ ଜୁଲିଆନ୍ ଅଲଭାରେଜଙ୍କ ସହ ବିନା ଅନୁମତିରେ ଯୋଗାଯୋଗ କରିବା ବାର୍ସିଲୋନାକୁ ମହଙ୍ଗା ପଡ଼ିଛି। ଏଥିଲାଗି ବାର୍ସିଲୋନାକୁ ସ୍ପେନ୍ ଫୁଟବଲ ମହାସଂଘ (ଆର୍‌ଏଫ୍‌ଇଏଫ୍) ୬୦୨ ୟୁରୋ (ପ୍ରାୟ ୭୪,୦୦୦) ଜରିମାନା କରିଛି। ୨୦୩୦ ଜୁନ୍ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ଖେଳାଳିଙ୍କ ସହ ଆଟଲେଟିକୋ ଚୁକ୍ତି ରହିଛି। ହେଲେ ଏହା ପୂର୍ବରୁ ଆଟଲେଟିକୋର ଅନୁମତି ନନେଇ ଅଲଭାରେଜଙ୍କୁ ଦଳରେ ନେବା ଲାଗି ବାର୍ସିଲୋନା ଯୋଗାଯୋଗ କରିଥିଲା। ଫଳରେ ଫୁଟବଲ୍ ମହାସଂଘ ନିୟମ ୧୩୩ର ଉଲ୍ଲଂଘନ ଅନୁଯାୟୀ ବାର୍ସିଲୋନାକୁ ଏହି ଜରିମାନା ହୋଇଛି। ଅନ୍ୟପକ୍ଷରେ ବର୍ସିଲୋନା ପକ୍ଷରୁ ଖେଳିବା ଲାଗି ଅଲଭାରେଜ୍ ଇଚ୍ଛା ପ୍ରକାଶ କରି ଆଟଲେଟିକୋ ପ୍ରଶଂସକଙ୍କ ରୋଷର ଶିକାର ହୋଇଛନ୍ତି। ଗତ ବିଶ୍ୱକପ୍ ବେଳେ ଅଲଭାରେଜ୍ ଏକ ସାକ୍ଷାତକାରରେ ବାର୍ସିଲୋନା ପକ୍ଷରୁ ଖେଳିବାକୁ ସ୍ୱପ୍ନ ଥିବା କହିଥିଲେ। ଏହାପରେ ଗ୍ରୀଷ୍ମକାଳୀନ ଅଦଳବଦଳ ବେଳେ ଦୁଇ କ୍ଲବ୍ ମଧ୍ୟରେ ବିବାଦ ଆରମ୍ଭ। ଶନିବାର ଡେପୋର୍ଟିଭୋ ଲା କୋରୁନା ବିପକ୍ଷ ମ୍ୟାଚରେ ଅଲଭାରେଜଙ୍କୁ ଗୋଲ୍ ବଳରେ ଆଟଲେଟିକୋ ବିଜୟୀ ହୋଇଥିଲା। ଆଟଲେଟିକୋ ଏହି ବିଜୟ ସହ ଲା ଲିଗା ଟେବୁଲ ଶୀର୍ଷରେ ଥିବା ବାର୍ସିଲୋନାଠାରୁ ମାତ୍ର ୨ ପଏଣ୍ଟ ପଛରେ ରହିଛି। ଏହି ମ୍ୟାଚ୍ ପରେ ସେ ଆଟଲେଟିକୋ ପ୍ରଶଂସକଙ୍କୁ କ୍ଷମା ମାଗିଥିଲେ। "ଏହା ମୋର ଭୁଲ ଥିଲା। ଏଥିପାଇଁ କ୍ଷମା ମାଗୁଛି। ବୁଝିପାରୁଛି ଯେ ପ୍ରଶଂସକମାନେ କାହିଁକି ରାଗିଛନ୍ତି। ମୁଁ ବି ପ୍ରଶଂସକ ହୋଇଥିଲେ ରାଗିଥାନ୍ତି" ବୋଲି ଅଲଭାରେଜ୍ କହିଛନ୍ତି।

ଆଇସିସି ରାଙ୍କିଙ୍ଗରେ ତଳକୁ ଖସିଲେ ଆୟର

ଅକଲାଣ୍ଡ, ୨୮।୧୦(ଏଜେନ୍ସି) : ନ୍ୟୁଜିଲାଣ୍ଡ ବିପକ୍ଷ ଟି -୨୦ ଶୃଙ୍ଖଳାରେ ଅଭିଷେକଙ୍କୁ ସଫଳତା ମିଳିଥିବା ବେଳେ ଭାରତର ଅଧିନାୟକ ଶ୍ରେୟସ ଆୟରଙ୍କୁ ବଡ଼ ଝଟକା ଲାଗିଛି। ସେ ଆଇସିସି ରାଙ୍କିଙ୍ଗରେ ସିଧା ୫ଟି ସ୍ଥାନକୁ ତଳକୁ ଖସି ଯାଇଛନ୍ତି। ଏବେ ମାତ୍ର ୭୫୮ ପଏଣ୍ଟ ସହ ସେ ବ୍ୟାଟିଂ ରାଙ୍କିଙ୍ଗର ୯ମ ସ୍ଥାନରେ ଅଛନ୍ତି। ଇଂଲଣ୍ଡର ହ୍ୟାରୀ ବ୍ରୁକ ୪ର୍ଥ, ଜୋଶ ବଟଲରର ୫ମ, ଦକ୍ଷିଣ ଆଫ୍ରିକାର ଡେୱାଲ ବ୍ରେଭିସ ୬ଷ୍ଠ, ଇଂଲଣ୍ଡର ଫିଲ ସଲ୍ଟ ୭ମ, ୱେଷ୍ଟଇଣ୍ଡିଜର ସାଇ ହୋପ୍ ୮ମ ଓ ୧୦ମ ସ୍ଥାନରେ ଅଛନ୍ତି ଭାରତର ତିଳକ ବର୍ମା। ଟପ୍ ୧୦ରେ ଅଷ୍ଟ୍ରେଲିଆର କୌଣସି ବ୍ୟାଟର ନଥିବା ସମସ୍ତଙ୍କୁ ଚକିତ କରିଛି।

ରବୀନ୍ଦ୍ର ଜାଡେଜାଙ୍କ ରାଜୁତି

ଦୀର୍ଘ ୪ ବର୍ଷ ହେଲା ଟେଷ୍ଟ ଫର୍ମାଟରେ ଚାଲିଥିବା ରବୀନ୍ଦ୍ର ଜାଡେଜାଙ୍କ ରାଜୁତିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସେ ୪ ବର୍ଷ ହେଲାଣି ଆଇସିସି ଟେଷ୍ଟ ଅଲରାଉଣ୍ଡ ରାଙ୍କିଙ୍ଗର ୧ ନମ୍ବର ସ୍ଥାନରେ ରହିଥିଲେ। ଏହା ଏକ ଐତିହାସିକ ରେକର୍ଡ। ହେଲେ କ୍ରମାଗତ ଭାବେ ଦମଦାର ପ୍ରଦର୍ଶନ କରୁଥିବା ଦକ୍ଷିଣ ଆଫ୍ରିକାର ମାର୍କୋ ଜାନେସନ ଏବେ ବିଶ୍ୱର ୧ ନମ୍ବର ଟେଷ୍ଟ ଅଲରାଉଣ୍ଡର ବନି ଯାଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଟେଷ୍ଟରେ ଜାନେସନ ଦମ ଦେଖାଇବାରୁ ତାଙ୍କୁ ଏପରି ସଫଳତା ମିଳିଛି।

ଅବସର ନେବେ ନୀଳକାନ୍ତ ଶର୍ମା


ଚଣ୍ଡିଗଡ଼ : ଭାରତୀୟ ହକି ଦଳର ଭେଟେରାନ ମିଡଫିଲଡର ନୀଳକାନ୍ତ ଶର୍ମା ଚଳିତ ଏସୀୟ ଚାମ୍ପିଅନ୍ସ ଟ୍ରଫି ପରେ ଅନ୍ତର୍ଜାତୀୟ ହକିରୁ ଅବସର ନେବେ। ଯୁବ ଖେଳାଳିଙ୍କ ପାଇଁ ବାଟ ଛାଡ଼ିବାକୁ ସେ ଏହି ନିଷ୍ପତ୍ତି ନେଇଥିବା ଏସୀୟ ଚାମ୍ପିୟନ୍ସ ଟ୍ରଫି ପ୍ରଥମ ମ୍ୟାଚରେ ବାଂଲାଦେଶକୁ ଭାରତ ହରାଇବା ପରେ କହିଛନ୍ତି। ଅଲିମ୍ପିକ୍ସ ୨୦୨୮ ପ୍ରସ୍ତୁତ ଲାଗି ଯୁବ ପିଢ଼ିଙ୍କୁ ଏବଠୁ ପ୍ରସ୍ତୁତ କରିବାକୁ ହକି ଇଣ୍ଡିଆ ଯୋଜନା କରୁଛି। ଏସୀୟ କ୍ରୀଡ଼ା ବିଜୟ ପରେ ଭାରତର ଏଲ୍‌ଏ୨୦୨୮ ଟିକେଟ ନିଶ୍ଚିତ ହେବା ପରେ ଭେଟେରାନ ଖେଳାଳିଙ୍କୁ ସମ୍ମାନର ସହ ବିଦାୟ ଦେବାକୁ ଚିନ୍ତା କରିଛି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

ମହିଳା କୁସ୍ତିଯୋଦ୍ଧାଙ୍କ ଅପିଲ୍

ଜବାବ୍ ଦାଖଲ କରିବାକୁ ବ୍ରିଜଭୂଷଣଙ୍କୁ ଏକ ସପ୍ତାହ ମହଲତ

ନୂଆଦିଲ୍ଲୀ : ଭାରତୀୟ କୁସ୍ତି ମହାସଂଘ(ଡବ୍ଲ୍ୟୁଏଫଆଇ)ର ପୂର୍ବତନ ଅଧ୍ୟକ୍ଷ ତଥା ବିଜେପି ନେତା ବ୍ରିଜଭୂଷଣ ଶରଣ ସିଂହଙ୍କ ପାଇଁ ସମସ୍ୟା ବଢ଼ିବାରେ ଲାଗିଛି। ମହିଳା କୁସ୍ତିଯୋଦ୍ଧାମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଜବାବ ଦାଖଲ କରିବା ପାଇଁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ତାଙ୍କୁ ଶେଷ ସୁଯୋଗ ଦେଇଛନ୍ତି। କୋର୍ଟ ଏଥିପାଇଁ ତାଙ୍କୁ ଗୋଟିଏ ସପ୍ତାହ ସମୟ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଆଉ କୌଣସି ସମୟ ଅବଧି ବୃଦ୍ଧି କରାଯିବ ନାହିଁ। ବ୍ରିଜଭୂଷଣ ଶରଣ ସିଂହ ଏବଂ ପୂର୍ବତନ କୁସ୍ତି ମହାସଂଘର ସହାୟକ ସଚିବ ବିନୋଦ ତୋମରଙ୍କୁ ଦୋଷମୁକ୍ତ କରିଥିବା ଟ୍ରାଏଲ୍ କୋର୍ଟଙ୍କର ରାୟକୁ ଚାରି ଜଣ ମହିଳା କୁସ୍ତିଯୋଦ୍ଧା ଚ୍ୟାଲେଞ୍ଜ କରିଛନ୍ତି। କୋର୍ଟ ଆବେଦନ ଉପରେ ଉଭୟ ପକ୍ଷର ଯୁକ୍ତି ଶୁଣି ବ୍ରିଜଭୂଷଣଙ୍କୁ ଜବାବ ଦାଖଲ କରିବାର ଶେଷ ସୁଯୋଗ ଦେଇଛନ୍ତି। ସ୍ୱତନ୍ତ୍ର ବିଚାରପତି ଦିଗବିଜୟ ସିଂହଙ୍କ କୋର୍ଟ ପୂର୍ବରୁ ଅକ୍ଟୋବର ୯ ତାରିଖରେ ଶୁଣାଣି ସମୟରେ ବ୍ରିଜଭୂଷଣ ଶରଣ ସିଂହଙ୍କୁ ଉତ୍ତର ଦାଖଲ କରିବାକୁ କହିଥିଲେ। କୋର୍ଟ ଏନେଇ ଅକ୍ଟୋବର ୨୮ ତାରିଖ ମଧ୍ୟ ଧାର୍ଯ୍ୟ କରିଥିଲେ, କିନ୍ତୁ ସେ କୌଣସି ଉତ୍ତର ଦାଖଲ କରି ନଥିବାରୁ ଅସନ୍ତୋଷ ପ୍ରକାଶ କରି କୋର୍ଟ ବ୍ରିଜଭୂଷଣ , ସଚିବ ବିନୋଦ ତୋମର ଏବଂ ଦିଲ୍ଲୀ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ବୁଧବାର ଭିଡିଓ କଲ୍ ମାଧ୍ୟମରେ ବ୍ରିଜଭୂଷଣ କୋର୍ଟରେ ଉପସ୍ଥିତ ଥିଲେ। ତାଙ୍କ ଆଇନଜୀବୀ ତାଙ୍କୁ ଉତ୍ତର ଦାଖଲ କରିବା ପାଇଁ ଗୋଟିଏ ସପ୍ତାହର ସମୟସୀମା ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୨୦ ନଭେମ୍ବର ୨୦୨୬ ରେ ହେବ। ନିମ୍ନ ଅଦାଲତ ପ୍ରମାଣ ଅଭାବରୁ ୩ ଅଗଷ୍ଟ ୨୦୨୬ରେ ଏହି



ମାମଲାରେ ବ୍ରିଜଭୂଷଣ ଶରଣ ସିଂହ ଏବଂ ସହ-ଅଭିଯୁକ୍ତ ବିନୋଦ ତୋମରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ପରବର୍ତ୍ତୀ ସମୟରେ ମହିଳା କୁସ୍ତିଯୋଦ୍ଧାମାନେ ୨୫ ସେପ୍ଟେମ୍ବର ୨୦୨୬ରେ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଏକ ଅପିଲ୍ ଦାଖଲ କରିଥିଲେ। ଏଥିରେ ଉଲ୍ଲେଖ କରାଯାଇଛି, ନିମ୍ନ ଅଦାଲତଙ୍କର ରାୟ ଏକ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ଉପରେ ଆଧାରିତ ଥିଲା।





Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି